- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-254 ◆FRIDAY ◆13 MARCH 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୫୪ ◆ଶୁକ୍ରବାର ◆୧୩ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଦ୍ରାବିଡ଼ଙ୍କୁ ଜୀବନ ବ୍ୟାପୀ ସାଧନା ସମ୍ମାନ

▶ପୃଷ୍ଠା ୧୨ ଦେଖନ୍ତୁ...

# ଯୁଦ୍ଧ ବନ୍ଦ ପାଇଁ ଇରାନର କଡ଼ା ସର୍ତ୍ତ

■ ତେହେରାନ, ୧୨।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟାଭୟ ଯୁଦ୍ଧ ଏବେ ତ୍ରୟୋଦଶ ଦିନରେ ପହଞ୍ଚିଛି। ଦୁଇ ପକ୍ଷ ପରସ୍ପର ଉପରେ ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଜାରି ରଖିଥିବା ବେଳେ ସମଗ୍ର ଅଞ୍ଚଳ ବିସ୍ଫୋରଣରେ ଥରହର ହେଉଛି। ୨ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୧୦ ହଜାରରୁ ଅଧିକ ଲୋକ ଆହତ ହେଲେଣି। ଆକ୍ରମଣର ଲକ୍ଷ୍ୟ ହାସଲ ହୋଇ ସାରିଛି ଏବଂ ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧ ବନ୍ଦ ହେବ ବୋଲି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହୁଥିବା ବେଳେ ଇରାନର ଉଗ୍ର ଆଭିମୁଖ୍ୟ ପରିସ୍ଥିତିକୁ ଜଟିଳ କରିବାରେ ଲାଗିଛି। ଇରାନ ଆଜି ଘୋଷଣା କରିଛି ଯେ ଆମେରିକା ଓ ଇସ୍ରାଏଲ ଯୁଦ୍ଧ ଆରମ୍ଭ କରିଥିଲେ, କିନ୍ତୁ ଯଦି ସେମାନେ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଛନ୍ତି, ତାହାହେଲେ ଇରାନ ସର୍ତ୍ତରେ ହିଁ ଯୁଦ୍ଧ ବନ୍ଦ ହେବ। ଇରାନର ରାଷ୍ଟ୍ରପତି ମସୁଦ ପେଜେସକିଆନ ସାମାଜିକ ଗଣମାଧ୍ୟମ ଏକ୍ସରେ ସର୍ତ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଇରାନ ମୁଖ୍ୟତଃ ୩ଟି ସର୍ତ୍ତ ରଖିଛି। ସେ କହିଛନ୍ତି ଏହି ସର୍ତ୍ତ ପୂରଣ ହେଲେ ତାଙ୍କ ଦେଶ ଯୁଦ୍ଧ ବନ୍ଦ କରିବାକୁ ବିଚାର କରିବ। ପ୍ରଥମ ସର୍ତ୍ତଟି ହେଲା ଇରାନର ନ୍ୟାୟସଙ୍ଗତ ଅଧିକାରକୁ ସ୍ୱୀକୃତି। ଅର୍ଥାତ ଅନ୍ତର୍ଜାତୀୟସ୍ତରରେ ▶ପୃଷ୍ଠା-୭



## ପଡ଼ୋଶୀ ଦେଶଙ୍କୁ ଇରାନର ଧମକ

## ଆମେରିକା ପ୍ରତିଷ୍ଠାନ ବନ୍ଦ ନ କଲେ ଆକ୍ରମଣ ଜୋର୍‌ଦାର୍ ହେବ

## ତେଲ ଦର ବ୍ୟାରେଲ ପିଛା ୨୦୦ ଡଲାର ପାଇଁ ପ୍ରସ୍ତୁତ ରୁହ: ଇରାନ

■ ତେହେରାନ, ୧୨।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଯୁଦ୍ଧ ଏବେ ଭୟାନକ ରୂପ ନେଇଛି। ଇତିମଧ୍ୟରେ ଯୁଦ୍ଧ କାରଣରୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି। ଇରାନର ସମାରିକ ମୁଖପାତ୍ର ଇବ୍ରାହିମ୍ ଜୋଲଫାକାରି ଚେତାବନୀ ଦେଇ କହିଛନ୍ତି ଯେ, ତୈଳ ଦର ବ୍ୟାରେଲ ପିଛା ୨୦୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ ଓ ଏଥିପାଇଁ ପସ୍ତୁତ ରହିବାକୁ ସେ ସତର୍କ କରାଇଛନ୍ତି। ସେପଟେ ତୈଳ ଦର ସ୍ଥିର କରିବା ପାଇଁ 'ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି' (ଆଇଇଏ) ସର୍ବକାଳୀନ ସର୍ବାଧିକ ଅର୍ଥାତ ୪୦୦ ନିୟୁତ ବ୍ୟାରେଲ ଷ୍ଟ୍ରାଟେଜିକ ରିଜର୍ଭ ବଜାରକୁ ଛାଡ଼ିବାକୁ ପରାମର୍ଶ ଦେଇଛି। ଏଥିମଧ୍ୟରୁ ଆମେରିକା ଆସନ୍ତା ସପ୍ତାହରୁ ୧୭୨ ନିୟୁତ ବ୍ୟାରେଲ ତେଲ ଛାଡ଼ିବ ବୋଲି ଘୋଷଣା କରିଛି। ବିଶ୍ୱର ପ୍ରାୟ ୫ ଭାଗରୁ ୧ ଭାଗ ତୈଳ ଚଳାଚଳ କରୁଥିବା ହର୍ମୁଜ ପ୍ରଣାଳୀ ଏବେ ଇରାନର ନିୟନ୍ତ୍ରଣରେ ଥିବା ଏବଂ ସେଠାରେ ବାରୁଦ ସୁଡ଼ଙ୍ଗ ବିଛା ଯାଇଥିବା ନେଇ ▶ପୃଷ୍ଠା-୭

# ସ୍ତ୍ରୀ, ବୋହୂ ଓ ନାତୁଣୀକୁ ହାତୁଡ଼ିରେ ପିଟି ହତ୍ୟା

**ଶ୍ୱଶୁର ଘର ସମ୍ପତ୍ତି ପାଇଁ ପିଶାଚ ସାଜିଲା ଅଭିଯୁକ୍ତ**

■ ଦେବଗଡ଼/କୁଣ୍ଢେଇଗୋଳା, ୧୨।୩ (ସମିସ): କୁଣ୍ଢେଇଗୋଳା ଥାନା ଅଧୀନ ଗରିଆପାଲୀ ଗାଁରେ ଟ୍ରିପଲ ମର୍ଡର ହୋଇଛି। ସମ୍ପତ୍ତି ଲୋଭରେ ସ୍ତ୍ରୀ, ବୋହୂ ପରେ କୁନି ନାତୁଣୀକୁ ନର ପିଶାଚ ସାଜି ଜେଜେବାପା ହତ୍ୟା କରିଛି। ଘଟଣା ପରେ ଅଭିଯୁକ୍ତ ରମେଶ ଗରିଆ(୫୨) ଫେରାର ହୋଇଥିବା ବେଳେ ହତ୍ୟାକାଣ୍ଡର ଶିକାର ▶ପୃଷ୍ଠା-୭


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



# ରାଜ୍ୟରେ ଉତ୍କଟ ହେଲାଣି ଗ୍ୟାସ୍ ସଙ୍କଟ

**ବଢ଼ିଲା କଳାବଜାରୀ**

**୯୪୦ ଟଙ୍କାର ସିଲିଣ୍ଡର ୧୮୦୦ରେ ବିକ୍ରି**

**ବାଣିଜ୍ୟିକ ସିଲିଣ୍ଡର ପାଇଁ ୪ ହଜାର ଅସୁଲ୍**

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨।୩ (ଏଜେନ୍ସି): ଇରାନ ଯୁଦ୍ଧ ସାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି କରିଛି। ଯାହାଫଳରେ ଭାରତରେ ବର୍ତ୍ତମାନ ଉତ୍କଟ ରନ୍ଧନ ଗ୍ୟାସ୍ ଅଭାବ ଦେଖାଦେଇଛି। ଏହାକୁ ନେଇ ଦେଶରେ ରନ୍ଧନ ଗ୍ୟାସ୍‌କୁ ନେଇ ଲୋକଙ୍କ ମଧ୍ୟରେ ଭାଳେଣି ପଡିଯାଇଛି। ଏଥିଯୋଗୁ ଚାରିଆଡେ ଗ୍ୟାସ୍ ଏଜେନ୍ସି ବାହାରେ ଗ୍ରାହକଙ୍କ ଲମ୍ବା ଧାଡ଼ି ଲାଗିରହିଛି। ଅପରପକ୍ଷେ ଗ୍ରାହକଙ୍କୁ ଠିକ୍ ସମୟରେ ରନ୍ଧନ ଗ୍ୟାସ୍ ନ ମିଳିବା ଯୋଗୁ ଏଲ୍‌ପିଜି ସିଲିଣ୍ଡରରର କଳାବଜାରି ବଢ଼ିଯାଇଛି। ଏଭଳି ପରିସ୍ଥିତିର ଲାଭ ଉଠାଉଛନ୍ତି ମହଜୁଦକାରୀ ଓ ମୁନାଫାକାରୀ। ଘରୋଇ ସହ ବାଣିଜ୍ୟିକ ସିଲିଣ୍ଡର ଦର ଖୋଲା ବଜାରରେ କାହିଁ କେତେ ଉପରେ ବିକ୍ରି ହେଉଛି। ଦେଶର ଅନେକ ସହରରେ ୧୦୦୦ ଟଙ୍କା ମଧ୍ୟରେ ▶ପୃଷ୍ଠା-୭



## ଗାଁରେ ବୁକିଂ ଅବଧି ୪୫ ଦିନ

■ ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି): ମଧ୍ୟ ପ୍ରାଚ୍ୟ ଅସ୍ଥିରତା ମଧ୍ୟରେ ରନ୍ଧନ ଗ୍ୟାସ୍ ଯୋଗାଣ ଜନିତ ସମସ୍ୟାକୁ ନଜରରେ କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍ ଯୋଗାଣ ସ୍ୱାଭାବିକ ରଖିବା ପାଇଁ ସରକାର ଏଲପିଜି ସିଲିଣ୍ଡର ବୁକିଂ ନିୟମରେ ବଡ଼ ପରିବର୍ତ୍ତନ କରିଛନ୍ତି। ଫଳସ୍ୱରୂପ ଗ୍ରାମାଞ୍ଚଳ କ୍ଷେତ୍ରରେ ଏଲ୍‌ପିଜି ସିଲିଣ୍ଡର ପାଇଁ ବୁକିଂ ଅବଧି ୪୫ ଦିନକୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ଗ୍ରାହକ ଗୋଟିଏ ସିଲିଣ୍ଡର ଡେଲିଭରୀ ହେବାର ୪୫ ଦିନ ପରେ ଆଉ ଏକ ସିଲିଣ୍ଡର ବୁକିଂ କରିପାରିବେ। ▶ପୃଷ୍ଠା-୭








Flat 45% off on making charges of gold jewellery.

*T&C APPLY

90 YEARS TRUST IS TIMELESS

JHARSUGUDA : Sarbahal Road, Marwari Para

SHOWROOMS ALSO AT : BHUBANESWAR | ANGUL | BERHAMPUR | CUTTACK | JAJPUR ROAD | PURI | ROURKELA | SAMBALPUR (Opening Shortly)

100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com | 1800 3131 777 | FOLLOW US ON: | SCAN TO KNOW MORE




## ଫାରୁକ ଅବଦୁଲ୍ଲାଙ୍କ ବିରୋଧରେ ଜାମିନବିହୀନ ପରୱାନା

ଶ୍ରୀନଗର, ୧୨ ।୩(ଏଜେନ୍ସି): ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏସନ (ଜେକେସିଏ) ଦୁର୍ନୀତି ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଛି। ଏହି ଦୁର୍ନୀତି ମାମଲାରେ ଫାରୁକ ୫ ନଂ ଅଭିଯୁକ୍ତ। ଗୁରୁବାର ଶ୍ରୀନଗରର ସିଜେଏମ୍‌ସି କୋର୍ଟରେ ଅଭିଯୋଗ ଫ୍ରେମ୍ କରିବା ପାଇଁ ଶୁଣାଣି ହୋଇଥିଲା। କିନ୍ତୁ ଫାରୁକ ବ୍ୟକ୍ତିଗତ ଭାବେ କିମ୍ବା ଆଭାସୀ ଭାବେ ହାଜର ହୋଇପାରିବେ ନାହିଁ ବୋଲି ତାଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ। କୋର୍ଟ ଫାରୁକଙ୍କ ଦ୍ୱାରା ଦାଖଲ କରାଯାଇଥିବା ହାଜିରାରୁ ଛାଡ଼ ଆବେଦନକୁ ଖାରଜ କରିଛନ୍ତି ଓ ତାଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୦୧ରୁ ୨୦୧୧ ମଧ୍ୟରେ ଫାରୁକ ଜେକେସିଏର ଅଧ୍ୟକ୍ଷ ଥିବା ସମୟରେ ବିସିସିଆଇ ଦ୍ୱାରା ପ୍ରଦାନ କରାଯାଇଥିବା ୪୩ କୋଟି ଟଙ୍କା ହଡ଼ପ କରାଯାଇଥିବା ନେଇ ସିବିଆଇ ୨୦୧୮ରେ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୩୦ ତାରିଖରେ ହେବ। ଏହି ଦିନ ଯଦି ଅଭିଯୁକ୍ତ ହାଜର ନ ହୁଅନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୋର୍ଟ କହିଛନ୍ତି।

## ବୋମା ଧମକ ପରେ ମୁମ୍ବଇରେ ହାଇ ଆଲର୍ଟ ଜାରି

ମୁମ୍ବଇ, ୧୨ ।୩(ଏଜେନ୍ସି): ମୁମ୍ବଇରେ ଗୁରୁବାର ସକାଳେ ୪ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବୋମାରେ ଉଡ଼ାଇ ଦେବା ପାଇଁ ଇମେଲ ମାଧ୍ୟମରେ ଧମକ ମିଳିଛି। ଏହି ଘଟଣା ସମଗ୍ର ସହରରେ ଆତଙ୍କ ସୃଷ୍ଟି କରିଛି। ବୋମା ଧମକ ମିଳିଥିବା ସ୍ଥାନଗୁଡ଼ିକ ହେଲା, ବିଧାନ ଭବନ, ବମ୍ବେ ଷ୍ଟକ ଏକ୍ସଚେଞ୍ଜ, ମୁମ୍ବଇ ମେଟ୍ରୋ ଓ ବମ୍ବେ ହାଇକୋର୍ଟ। ଆଜି ସକାଳ ୬.୫୭ ମିନିଟ୍‌ରେ ଏକ ଧମକପୂର୍ଣ୍ଣ ଇମେଲ ମିଳିଥିଲା, ଏଥିରେ ବିସ୍ଫୋରଣର ସମୟ ଉଲ୍ଲେଖ କରାଯାଇଥିଲା। ବିଧାନ ଭବନରେ ବଜେଟ ଅଧିବେଶନ ଚାଲିଥିବାରୁ ସେଠାରେ ବହୁ ସଂଖ୍ୟାରେ ମନ୍ତ୍ରୀ, ବିଧାୟକ ଓ ଅଧିକାରୀ ଉପସ୍ଥିତ ଥିଲେ। ଧମକ ପାଇବା ମାତ୍ରେ ପୁଲିସ ଓ ସୁରକ୍ଷାକର୍ମୀ ତୁରନ୍ତ ସକ୍ରିୟ ହୋଇ କର୍ମଚାରୀ ଓ ସାଧାରଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ବୋମା ନିଷ୍କ୍ରିୟକାରୀ ଦଳ ଓ ସ୍ୱତନ୍ତ୍ର କୁକୁର ଦଳ ଦ୍ୱାରା ୪ଟି ଯାକ ସ୍ଥାନକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ବିଧାନଭବନ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମୁମ୍ବଇ ପୁଲିସ ଓ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍‌ଆଇଟି) ଏହି ଇମେଲ କେଉଁଠାରୁ ଆସିଛି ଓ କିଏ ପଠାଇଛି ସେ ନେଇ ଅନୁସନ୍ଧାନ କରୁଛନ୍ତି। ଏହି ଧମକକୁ ବର୍ତ୍ତମାନର ମଧ୍ୟପ୍ରାଚ୍ୟ ଯୁଦ୍ଧ ସହ ଯୋଡ଼ି ଅନୁସନ୍ଧାନ କରାଯାଉଛି। ତଦନ୍ତ ପରେ ପୁଲିସ ସ୍ପଷ୍ଟ କରିଛି ଯେ ଏହା ଏକ 'ହୋକ୍ସ' ବା ମିଥ୍ୟା ଧମକ। ସେଠାରେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନାହିଁ।

## ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ: ଓସ୍କାର ପୁରସ୍କାର ଉତ୍ସବରେ ସୁରକ୍ଷା କଡ଼ାକଡ଼ି

ଲସ ଏଞ୍ଜେଲ୍ସ, ୧୨ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ଓସ୍କାର ପୁରସ୍କାର ସମାରୋହରେ ପଡ଼ିଛି। ୯୮ତମ ଓସ୍କାର ପୁରସ୍କାର ସମାରୋହ ଆସନ୍ତା ୧୫ ତାରିଖ ରବିବାର ଦିନ ସ୍ଥାନୀୟ ଡଲ୍‌ବି ଥିଏଟରରେ ଆୟୋଜନ ହେବ। ଇତିମଧ୍ୟରେ ଆମେରିକାର ପଶ୍ଚିମ ଉପକୂଳରେ ଇରାନ ପକ୍ଷରୁ ଡ୍ରୋନ୍ ଆକ୍ରମଣ ହୋଇପାରେ ବୋଲି ଆମେରିକା ଗୁଇନ୍ଦା ସଂସ୍ଥା ଏଫ୍‌ବିଆଇ ତରଫରୁ ସୂଚନା ଦିଆଯାଇଛି। ଫଳରେ ଏହି ସମାରୋହ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ସମାରୋହର କାର୍ଯ୍ୟକାରୀ ପ୍ରଯୋଜକ ରାଜ କପୁର କହିଛନ୍ତି ଯେ, ଅତିଥିମାନଙ୍କ ସୁରକ୍ଷା ପାଇଁ ଏଫ୍‌ବିଆଇ ଏଲ୍‌ଏଡିପି ସହ ମିଶି ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିଛି। ଭାରତୀୟ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏହି ସମାରୋହରେ ଜଣେ ଉପସ୍ଥାପିକା ଭାବେ ଅଂଶଗ୍ରହଣ କରିବେ। ପ୍ରସିଦ୍ଧ କମେଡିଆନ କୋନାନ ଓ'ବ୍ରାଏନ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବେ।

## ସ୍ୱିଜରଲାଣ୍ଡରେ ଜଳିଗଲା ବସ୍; ୬ ମୃତ

କେର୍ଜେର୍ସ, ୧୨ ।୩(ଏଜେନ୍ସି): ୟୁରୋପୀୟ ଦେଶ ସ୍ୱିଜରଲାଣ୍ଡରେ କେର୍ଜର୍ସ ସହରରେ ଏକ ପୋଷ୍ଟାଲ ବସ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏହି ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ତଦନ୍ତକାରୀ ସଂସ୍ଥା ଓ ସରକାରୀ ଓକିଲଙ୍କ ଅନୁଯାୟୀ, ଏହା ଏକ ଦୁର୍ଘଟଣା ନୁହେଁ, ବରଂ ଜଣେ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଏକ ଆତ୍ମଘାତୀ କାର୍ଯ୍ୟ ବୋଲି ସନ୍ଦେହ କରାଯାଉଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ବର୍ଣ୍ଣ କ୍ୟାଣ୍ଟର ଜଣେ ୬୫ ବର୍ଷୀୟ ସ୍ୱିସ ନାଗରିକ ବସ୍‌ରେ ନିଜ ଦେହରେ ଜଳନ୍ତା ପଦାର୍ଥ ଢାଳି ନିଆଁ ଲଗାଇ ଦେଇଥିଲେ। ସେ ମାନସିକ ସ୍ତରରେ ଅସ୍ଥିର ଓ ସାମାଜିକ ଭାବେ ବିଚ୍ଛିନ୍ନ ଥିଲେ। ସମସ୍ତ ମୃତକଙ୍କୁ ଚିହ୍ନଟ କରାଯାଇଛି। ୫ ଜଣ ଆହତଙ୍କ ମଧ୍ୟରୁ ୨ ଜଣ ଗୁରୁତର ଅଛନ୍ତି।

# ସରୁନି ଇରାନ ଯୁଦ୍ଧ; ଆମେରିକା ଅସହାୟ

## ଦୁଇ ସପ୍ତାହର ଯୁଦ୍ଧ ସତ୍ତ୍ୱେ ଇରାନର ଶାସନ ବ୍ୟବସ୍ଥା ଭୁଶୁଡ଼ିବାର ସମ୍ଭାବନା ନାହିଁ: ଗୁଇନ୍ଦା ରିପୋର୍ଟ

ନୂଆଦିଲ୍ଲୀ, ୧୨ ।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟାଭୟ ଯୁଦ୍ଧ ଏବେ ତ୍ରୟୋଦଶ ଦିନରେ ପହଞ୍ଚିଛି। ଏହାସତ୍ତ୍ୱେ ଇରାନରେ ଶାସନ ବ୍ୟବସ୍ଥା ଏବେ ମଧ୍ୟ ସୁଦୃଢ଼ ରହିଛି। ଆମେରିକାର ଗୁଇନ୍ଦା ସଂସ୍ଥାଗୁଡ଼ିକର ଆକଳନ ଅନୁଯାୟୀ, ଇରାନ ସରକାର ତୁରନ୍ତ ଭୁଶୁଡ଼ିବା କିମ୍ବା ପତନ ହେବାର କୌଣସି ସଙ୍କେତ ନାହିଁ। ପ୍ରାୟ ଦୁଇ ସପ୍ତାହର ଭୟଙ୍କର ଆକ୍ରମଣ ସତ୍ତ୍ୱେ ଇରାନର ନେତୃତ୍ୱ ଓ ଜନତାଙ୍କ ଉପରେ ସେମାନଙ୍କର ନିୟନ୍ତ୍ରଣ କାଏମ ରହିଛି। ଗୁଇନ୍ଦା ରିପୋର୍ଟ ଅନୁଯାୟୀ, ଇରାନର ସାମରିକ ଏବଂ ଧାର୍ମିକ ନେତୃତ୍ୱ ଏବେ ମଧ୍ୟ ଦେଶର ଜନସାଧାରଣଙ୍କ ଉପରେ ନିୟନ୍ତ୍ରଣ ରଖିଛନ୍ତି। ଯଦିଓ ଫେବୃଆରୀ ୨୮ରେ ଯୁଦ୍ଧର ପ୍ରଥମ ଦିନରେ ଆକ୍ରମଣରେ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ମୃତ୍ୟୁ ଘଟିଛି। ତଥାପି ଶାସନ ବ୍ୟବସ୍ଥାରେ କୌଣସି ବିଶୃଙ୍ଖଳା ଦେଖା ଦେଇନାହିଁ। ଖାମନେଇଙ୍କ ପୁଅ ମୋଜତାବା ଖାମନେଇଙ୍କୁ ନୂଆ ସର୍ବୋଚ୍ଚ ନେତା ଭାବେ ଘୋଷଣା କରାଯାଇଛି। ଇସ୍ରାଏଲର ଜଣେ ବିରଷ୍ଠ ଅଧିକାରୀ ସ୍ୱୀକାର କରିଛନ୍ତି ଯେ, କେବଳ ଆକାଶ ମାର୍ଗରୁ ବୋମାମାଡ଼ କରି ଇରାନ ସରକାରଙ୍କୁ ହଟାଇବା ସମ୍ଭବ ନୁହେଁ। ଏଥିପାଇଁ ହୁଏତ ସ୍ଥଳସେନା ଅଭିଯାନର ଆବଶ୍ୟକ ହୋଇପାରେ।

ଯୁଦ୍ଧ ବନ୍ଦ ହେଉନଥିବାରୁ ଆମେରିକା ମଧ୍ୟ ଅସହାୟ ହୋଇପଡ଼ିଲାଣି। ସେ ଚାହିଲେ ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧ ବନ୍ଦ ହୋଇଯିବ ବୋଲି ଗତକାଲି ରାଷ୍ଟ୍ରପତି ଟ୍ରମ୍ପ କହିଥିବା ବେଳେ ଆଜି ଇରାନ ଘୋଷଣା କରିଛି ଯେ ଯୁଦ୍ଧ ବନ୍ଦ କରିବାକୁ ହେଲେ ଇରାନର ତିନିଟି ସର୍ତ୍ତ ପୂରଣ କରିବାକୁ ପଡ଼ିବ। ତେବେ ଇରାନର ଏହି ସର୍ତ୍ତ ନେଇ ଆମେରିକା ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।



## ଆମେରିକା ତେଲ ଟ୍ୟାଙ୍କର ଉପରେ ଇରାନ ଆକ୍ରମଣ

ନୂଆଦିଲ୍ଲୀ, ୧୨ ।୩(ଏଜେନ୍ସି): ଇରାକର ବାସ୍ରା କୂଳ ନିକଟରେ ଥିବା ଏକ ଆମେରିକୀୟ ତେଲେ ଟ୍ୟାଙ୍କର ଉପରେ ଇରାନୀ ସୁସାଇଡ୍ ବୋଟ୍ ଆକ୍ରମଣ ହୋଇଛି। ଏଥିରେ ଜଣେ ଭାରତୀୟ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏହି ତେଲ ଟ୍ୟାଙ୍କରର ନାମ ହେଉଛି ସାଫେସି ବିଷ୍ଣୁ। ଏହା ମାର୍ଶାଲ ଦୀପର ପତାକା ବହନ କରୁଥିଲା। ଏହି ଟ୍ୟାଙ୍କର ଇରାକର ଦକ୍ଷିଣ ଅଞ୍ଚଳର ଖୋର ଅଲ ଜୁବେର ପୋର୍ଟ ନିକଟରେ ଥିବା ସମୟରେ ଆତ୍ମଘାତୀ ବୋଟ୍ ଆକ୍ରମଣ ହୋଇଥିଲା। ମୃତ୍ୟୁବରଣ କରିଥିବା ଭାରତୀୟ କ୍ରୁ ସଦସ୍ୟଙ୍କ ନାମ ପ୍ରକାଶ କରାଯାଇନାହିଁ। ତେବେ ଜାହାଜରେ ଥିବା ସମସ୍ତ ୨୭ ଜଣ କ୍ରୁ ସଦସ୍ୟ ଓ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଇରାକସ୍ଥିତ ଭରାତୀୟ ଦୂତାବାସ ଏହି ଘଟଣାକୁ ସ୍ୱୀକାର କରିଛି। ଦୂତାବାସ ତରଫରୁ କୁହାଯାଇଛି ଯେ ୧୫ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେମାନଙ୍କୁ ବାସ୍ରାକୁ ନେଇ ଚିକିତ୍ସା କରାଯାଉଛି। ବିଶ୍ୱର ୧୫ ପ୍ରତିଶତରୁ ଅଧିକ ନୌଚାଳକ ଭାରତୀୟ ବୋଲି ଜଣାପଡ଼ିଛି। ମୃତକଙ୍କ ପରିବାର ପ୍ରତି ଦୂତାବାସ ଗଭୀର ସମବେଦନା ଜଣାଇଛି।

## ଡ୍ରୋନ୍ ଆକ୍ରମଣରେ ଥରିଲା ଦୁବାଇ

ଦୁବାଇ, ୧୨ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଇରାନ ପକ୍ଷରୁ ଉପସାଗରୀୟ ଦେଶଗୁଡ଼ିକ ଉପରେ ଆକମ୍ରଣ ଜାରି ରହିଛି। ଗୁରୁବାର ଦିନ ଦୁବାଇର ଡାଉନଟାଉନ୍ ଅଞ୍ଚଳରେ ଏକ ଡ୍ରୋନ ଆକ୍ରମଣ ହୋଇଥିର ସୂଚନା ମିଳିଛି। ବିସ୍ଫୋରଣ ପରେ ସେଠାରେ ଆକାଶରେ ଧୂଆଁ ଦେଖା ଦେଇଥିଲା। ତେବେ ଏଥିରେ କେହି ମୃତାହତ ହୋଇ ନଥିବା ଦୁବାଇ ମିଡିଆ ଅଫିସ ତରଫରୁ କୁହାଯାଇଛି। ଏହାପୂର୍ବରୁ ଦୁବାଇ ଉପକୂଳରେ ଏକ କଣ୍ଟେନର ଜାହାଜ ଉପରକୁ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା, ଯାହା ଫଳରେ ଜାହାଜରେ ନିଆଁ ଲାଗିଯାଇଥିଲା। କିନ୍ତୁ ଜାହାଜର ସମସ୍ତ କର୍ମଚାରୀ ସୁରକ୍ଷିତ ଅଛନ୍ତି। ଇରାନର ଆକ୍ରମଣ ଯୋଗୁଁ ବାହାରିନ୍ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଥିବା ଏକ ଦ୍ୱୀପରେ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। ସେହିକରି କୁଏତ୍‌ର ଏକ ଆବାସିକ ବିଲ୍ଡିଂ ଉପରେ ଇରାନର ଡ୍ରୋନ ମାଡ଼ ହୋଇଛି। ସାଉଦି ଆରବ ତା'ର ରାଜଧାନୀ ରିୟାଧ ଓ ଏକ ପ୍ରମୁଖ ତୈଳ କ୍ଷେତ୍ରକୁ ଲକ୍ଷ୍ୟ କରି ଆସୁଥିବା ଡ୍ରୋନଗୁଡ଼ିକୁ ମଝି ଆକାଶରେ ଖସାଇ ଦେଇଛି। ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଉପସାଗରୀୟ ଅଞ୍ଚଳରେ ଏପର୍ଯ୍ୟନ୍ତ ୨୪ ଜଣ ପ୍ରାଣ ହରାଇଲେଣି। ସେପଟେ ୟୁଏଇ ନିଜର ଆକାଶମାର୍ଗକୁ ସୁରକ୍ଷିତ ରଖିବା ପାଇଁ ତା'ର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ସକ୍ରିୟ କରିଛି।

## ଜୟଶଙ୍କର କଥା ହେବାପରେ ଭାରତୀୟ ଟ୍ୟାଙ୍କରକୁ ଛାଡ଼ିଲା ଇରାନ

ନୂଆଦିଲ୍ଲୀ, ୧୨ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଘମାଘୋଟ ଯୁଦ୍ଧ ମଧ୍ୟରେ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ସାଉଦି ଆରବରୁ ଅଶୋଧିତ ତୈଳ ନେଇ ଆସୁଥିବା ଏକ ଲାଇବେରିଆ ପତାକା ବାହୀ ଟ୍ୟାଙ୍କର ବା ଜାହାଜ 'ଶେନଲଙ୍ଗ ସୁଏଜମାକ୍ସ' ସୁରକ୍ଷିତ ଭାବେ ମୁମ୍ବଇ ବନ୍ଦରରେ ପହଞ୍ଚିଛି। ଏହି ଜାହାଜଟି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ 'ଷ୍ଟେଟ୍ ଅଫ୍ ହର୍ମୁଜ' ଦେଇ ଅତିକ୍ରମ କରିଛି। ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଓ ଇରାନ ବୈଦେଶିକ ମନ୍ତ୍ରୀ ଆବାଶ ଆରାଘଚିଙ୍କ ମଧ୍ୟରେ ଆଲୋଚନା ପରେ ଇରାନ ଏହି ଜାହାଜକୁ ଯିବା ପାଇଁ ଅନୁମତି ଦେଇଥିଲା। ଏହି ଜାହାଜ ମାର୍ଚ୍ଚ ୧ରେ ରସ୍ ତାନୁରା ବନ୍ଦରରୁ ଯାତ୍ରା କରିଥିଲା। ଆଜି ମୁମ୍ବାଇ ବନ୍ଦରରେ ପହଞ୍ଚିଛି। ସିଫିଂ ମନ୍ତ୍ରଣାଳୟ ଅନୁଯାୟୀ, ବର୍ତ୍ତମାନ ପାରସ୍ୟ ଉପସାଗରରେ ୨୮ଟି ଭାରତୀୟ ପତାକାଧାରୀ ଜାହାଜ ରହିଛି। ସେଥିରେ ୭୦୦ରୁ ଅଧିକ ଭାରତୀୟ ନାବିକ କାର୍ଯ୍ୟରତ ଅଛନ୍ତି। ଏମାନଙ୍କ ସୁରକ୍ଷା ଉପରେ ସରକାର ସର୍ବଦା ନଜର ରଖିଛନ୍ତି। ହର୍ମୁଜ ପ୍ରଣାଳୀରେ ଯୁଦ୍ଧ କାରଣରୁ ସୃଷ୍ଟି ହୋଇଥିବା ସମସ୍ୟା ଯୋଗୁଁ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ପାଇବା ଆଶଙ୍କା ସୃଷ୍ଟି ହୋଇଛି। ଭାରତ ନିଜର ଶକ୍ତି ଆବଶ୍ୟକତା ପୂରଣ ପାଇଁ ଅନ୍ୟ ବିକଳ୍ପ ଯେପରିକି ରୁଷିଆରୁ ତେଲ କ୍ରୟ ଉପରେ ମଧ୍ୟ ବିଚାର କରୁଛି। ରିପୋର୍ଟ ଅନୁଯାୟୀ, ଯେଉଁ ଜାହାଜଗୁଡ଼ିକ ଆମେରିକା ଓ ଇସ୍ରାଏଲ ସହିତ ସମ୍ପୃକ୍ତ ନୁହଁନ୍ତି, ସେଗୁଡ଼ିକୁ ଏହି ପଥ ଦେଇ ଯିବାକୁ ଅନୁମତି ଦିଆଯିବ। ଖାସ୍ ଏଥିପାଇଁ ବର୍ତ୍ତମାନ ଭାରତୀୟ ଜାହଜଗୁଡ଼ିକୁ ସୁରକ୍ଷିତ ମାର୍ଗ ଦିଆଯାଇଛି।


ଇରାନର ଡ୍ରୋନ୍ ମାଡ଼ ପରେ ଦୁବାଇରେ ବିସ୍ଫୋରଣ


ଆମେରିକା-ଇସ୍ରାଏଲ ଆକ୍ରମଣରେ ଇରାନର ଛାରଖାର୍‌ର ଦୃଶ୍ୟପଟ

## ମଣିପୁରରେ ୩ଟି ଗାଡ଼ିରୁ ୨୦ ନାଗା ଲୋକଙ୍କୁ ଅପହରଣ

ଇମ୍ଫାଲ, ୧୨ ।୩(ଏଜେନ୍ସି): ମଣିପୁରର ଉଖରୁଲ- ଇମ୍ଫାଲ ରୋଡ୍‌ରେ ବୁଧବାର ଦିନ ଏକ ବଡ଼ ଧରଣର ଅପହରଣ ଘଟଣା ଘଟିଛି। ସନ୍ଦିଗ୍ଧ ବନ୍ଧୁକଧାରୀମାନେ ୩ଟି ଗାଡ଼ିକୁ ଅଟକାଇ ସେଥିରେ ଥିବା ପ୍ରାୟ ୨୦ ଜଣ ନାଗା ପୁରୁଷ, ମହିଳା ଓ ଶିଶୁଙ୍କୁ ଅପହରଣ କରିନେଇଛନ୍ତି। ଏହି ଘଟଣା ଫଳରେ ମେତେଇ-କୁକି ସଂଘର୍ଷରେ ଜଳୁଥିବା ମଣିପୁରରେ ଏବେ ଆଉ ଏକ ନୂଆ ଜାତିଗତ ହିଂସା ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଉଖରୁଲର ପ୍ରମୁଖ ସଂଗଠନ 'ଟାଙ୍ଗଖୁଲ ନାଗା ଲଙ୍ଗ' ଅଭିଯୋଗ କରିଛି ଯେ ଏହା କୁକି ଆତଙ୍କବାଦୀଙ୍କ କାମ। ସେମାନେ ଅପହୃତ ବ୍ୟକ୍ତିମାନଙ୍କୁ ଦୁଇ ଘଣ୍ଟା ମଧ୍ୟରେ ଉଦ୍ଧାର କରିବାକୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସେପଟେ ଅପହୃତ ନାଗରିକଙ୍କୁ ତୁରନ୍ତ ମୁକ୍ତ କରିବାକୁ ମଣିପୁର ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚାନ୍ଦ ସିଂହ ନିବେଦନ କରିଛନ୍ତି। ଶାନ୍ତି ବଜାୟ ରଖିବା ପାଇଁ ସେ ବିଭିନ୍ନ ନାଗରିକ ସଂଗଠନଗୁଡ଼ିକୁ ସହାୟତା ମାଗିଛନ୍ତି। ଅନ୍ୟପଟେ କୁକି ଗ୍ରାମ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି ଯେ ଟାଙ୍ଗଖୁଲ ନାଗା ସ୍ୱେଚ୍ଛାସେବୀମାନେ ପ୍ରଥମେ ଚାଷୀଙ୍କ ଉପରକୁ ଗୁଳି ଚଳାଇଥିଲେ ଓ କିଛି କୁକି ଲୋକଙ୍କୁ ଅଟକ ରଖିବା ସହ ସେମାନଙ୍କ କୁଡ଼ିଆ ଘରେ ନିଆଁ ଲଗାଇ ଦେଇଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକ ରାସ୍ତାରୋକ କରିଥିଲେ।

## ମେଘାଳୟରେ ହିଂସା; ଦୁଇ ମୃତ, ଗାରୋ ହିଲ୍ସ ନିର୍ବାଚନ ସ୍ଥଗିତ

ଶିଲଂ, ୧୨ ।୩(ଏଜେନ୍ସି): ମେଘାଳୟର ଗାରୋ ହିଲ୍ସ ସ୍ୱୟଂଶାସିତ ଜିଲ୍ଲା ପରିଷଦ (ଜିଏସ୍‌ଏଡିସି) ନିର୍ବାଚନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ହିଂସାତ୍ମକ ରୂପ ନେଇଛି। ଏହି ହିଂସାରେ ଦୁଇଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଫଳରେ ଏହି ଅଞ୍ଚଳରେ ଅଶାନ୍ତି ବୃଦ୍ଧି ପାଇଛି। ଏହି ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଅନୁସୂଚିତ ଜନଜାତି (ଏସ୍‌ଟି) ସାର୍ଟିଫିକେଟ ବାଧ୍ୟତାମୂଳକ କରାଯାଇଥିଲା। ଫଳରେ ଅଣ- ଆଦିବାସୀମାନେ ନିର୍ବାଚନ ଲଢ଼ିବାରୁ ବଞ୍ଚିତ ହୋଇଥିଲେ। ମେଘାଳୟ ହାଇକୋର୍ଟ ଏହି ନିଷ୍ପତ୍ତିକୁ ଖାରଜ କରିବା ପରେ ଗାରୋ ସମ୍ପ୍ରଦାୟ ଓ ଅଣ- ଆଦିବାସୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ହିଂସାରେ ସମ୍ପୃକ୍ତ ଗୋଷ୍ଠୀମାନେ ଭଙ୍ଗାରୁଜା, ପଥର ମାଡ଼, ନିଆଁ ଲଗାଇବା ଭଳି କାଣ୍ଡ ଘଟାଇଛନ୍ତି।



## ମୁଖ୍ୟ ନିର୍ବାଚନ କମିସନରଙ୍କୁ ବହିଷ୍କାର ପାଇଁ ନୋଟିସ୍

**୨୦୦ରୁ ଅଧିକ ସାଂସଦଙ୍କ ସ୍ୱାକ୍ଷର**

ନୂଆଦିଲ୍ଲୀ, ୧୨ ।୩(ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ପାଇଁ ବିରୋଧୀ ଦଳଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଇଣ୍ଡିଆ ମେଣ୍ଟର ଦଳଗୁଡ଼ିକ ଏକତ୍ରିତ ହୋଇ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୧୩୦ଜଣ ଲୋକସଭା ସାଂସଦ ଓ ୬୩ ଜଣ ରାଜ୍ୟସଭା ସାଂସଦଙ୍କ ସମେତ ୨୦୦ରୁ ଅଧିକ ସାଂସଦ ନୋଟିସ୍‌ରେ ସ୍ୱାକ୍ଷର କରିଛନ୍ତି। ଆସନ୍ତାକାଲି ଏହି ନୋଟିସ ଦାଖଲ କରାଯିବ। ନୋଟିସରେ ବିରୋଧୀଙ୍କ ମୁଖ୍ୟ ଅଭିଯୋଗ ହେଉଛି, କମିସନରଙ୍କ କାର୍ଯ୍ୟକଳାପରେ ପକ୍ଷପାତ ଓ ଭେଦଭାବପୂର୍ଣ୍ଣ ରହିଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସଆଇଆର) ମାଧ୍ୟମରେ ଅସଲି ଭୋଟରଙ୍କ ନାମ କଟାଯାଉଛି। ପୁଣି ନିର୍ବାଚନୀ ଜାଲିଆତି ତଦନ୍ତରେ ଜାଣିଶୁଣି ବାଧା ସୃଷ୍ଟି କରାଯାଉଛି। ଭାରତୀୟ ସଂସଦୀୟ ଇତିହାସରେ ପ୍ରଥମଥର ପାଇଁ ମୁଖ୍ୟ ନିର୍ବାଚନ କମିସନରଙ୍କୁ ହଟାଇବା ପାଇଁ ଏଭଳି ପ୍ରୟାସ କରାଯାଉଛି। ତେବେ ଶାସକ ଦଳ ପାଖରେ ସଂଖ୍ୟାଗରିଷ୍ଠତା ଥିବାରୁ ଏହି ପ୍ରସ୍ତାବ ସଂସଦରେ ପାରିତ ହେବା କଷ୍ଟକର ମନେ ହେଉଛି। ତେବେ ଏହି ପ୍ରସ୍ତାବ ମାଧ୍ୟମରେ ଜ୍ଞାନେଶ କୁମାରଙ୍କ ବିରୋଧରେ ନିଜର ଅସନ୍ତୋଷ ଜାହିର କରିବା ଲାଗି ବିରୋଧୀଙ୍କୁ ସୁଯୋଗ ମିଳିବ।



# ନେତନ୍ୟାହୁଙ୍କ କଥାରେ ପଡ଼ି କଲବଲ ହେଉଛନ୍ତି ଟ୍ରମ୍ପ

**ହଟ ସ୍ପଟ୍**

ରାତିରେ ନିଦ ନାହିଁ କି ଦିନରେ ଶାନ୍ତି ନାହିଁ। ଅନ୍ୟମାନଙ୍କୁ ଧମକାଉଛନ୍ତି ଶାନ୍ତିରେ ଶୋଇବାକୁ ଦେବି ନାହିଁ। କିନ୍ତୁ ନିଜେ ଶାନ୍ତିରେ ଶୋଇ ପାରୁ ନାହାନ୍ତି। କଣ କରିବେ କିଛି ବୁଝି ପାରୁ ନାହାନ୍ତି। ନା ଢୋକିପାରୁଛନ୍ତି, ନା ବାନ୍ତି କରି ପାରୁଛନ୍ତି। କରିବେ ତ କରିବେ କଣ? ଏମିତି ଦିନ ରାତି କାଟୁଛନ୍ତି 'ପୋଟୁସ'। ଯାହାକୁ ଅନାଉଛନ୍ତି, ସିଏ ମୁହଁ ମୋଡ଼ି ନେଉଛି।

ଏ ହେଉଛି ଆମେରିକାର ରାଷ୍ଟ୍ରପତି (ପୋଟୁସ) ଡୋନାଲ୍ଡ ଟ୍ରମ୍ପଙ୍କ ଅବସ୍ଥା। ଶାନ୍ତିର ଦୂତ ଭାବେ ୨୦୨୫ରେ ଜନ୍ମ ନେଇଥିବା ଟ୍ରମ୍ପ ସମଗ୍ର ବିଶ୍ୱକୁ ଅଶାନ୍ତ କରି ରଖିଛନ୍ତି। ପ୍ରଥମେ ବିଭିନ୍ନ ଦେଶ ଉପରେ ଶୁଳ୍କ ଦଣ୍ଡ ଲଗାଇ ଅର୍ଥନୈତିକ ତାଣ୍ଡବ ରଚିଲେ। ଏବେ ଯୁଦ୍ଧ ଛଡ଼ା ତାଙ୍କ ମନକୁ ଆଉ କିଛି ପଶୁ ନାହିଁ। ତାଙ୍କ ଶୁଳ୍କ ଦଣ୍ଡ ଉପରେ ସୁପ୍ରିମ କୋର୍ଟଙ୍କ ପ୍ରହାର ସାଙ୍ଗକୁ ଏପଷ୍ଟିନ ଫାଇଲରେ ତାଙ୍କର କାରନାମା ପଦାରେ ପଡ଼ିବା ପରେ ସେ ତାଙ୍କର ସମସ୍ତ ବିବେକ ହରାଇ ରକ୍ତମୁଖା ହୋଇପଡ଼ିଛନ୍ତି। ରାଗ ଶୁଝାଉଛନ୍ତି ଶତ୍ରୁ ରାଷ୍ଟ୍ର ଉପରେ। ପ୍ରଥମେ ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ତାଙ୍କୁ ଘରୁ ଉଠାଇଆଣିଲେ। ଏଥିରେ ଉତ୍ସାହିତ ହୋଇ ଇରାନ ଉପରେ ଆକ୍ରମଣ କରିଦେଲେ। ଏହା ପୁଣି ଇସ୍ରାଏଲ ସହିତ ମିଶିକି। ଭାବିଥିଲେ ଦୁଇ ଚାରି ଦିନରେ ଯୁଦ୍ଧ ସରିଯିବ। ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇଙ୍କୁ ମାରିବା ପରେ ତାଙ୍କ ଦମ୍ଭ ଓ ବିଶ୍ୱାସ ବହୁଗୁଣିତ ବଢ଼ି ଯାଇଥିଲା। କିନ୍ତୁ ସବୁ ଓଲଟା ହୋଇଗଲା। ଇରାନ ରକ୍ତମୁଖା ହୋଇ ଆମେରିକାକୁ ଚୋଟ ପରେ ଚୋଟ ମାରି ଚାଲିଛି। ଯାହା ଅତୀତରେ କେବେ ଦେଖିବାକୁ ମିଳିନଥିଲା, ତାହା ଏବେ ଦେଖିବାକୁ ମିଳୁଛି। ଦିନ ଥିଲା ସର୍ବଶକ୍ତିମାନ ଆମେରିକା ସହିତ ଆଖି ମିଳାଇ କଥା ହେବାକୁ କେହି ସାହସ କରି ପାରୁନଥିଲେ। କିନ୍ତୁ ଆଜି ଇରାନ ଗୋଟିଏ ପାଦ ଆଗକୁ ଯାଇ ଆମେରିକାକୁ ଚୋଟ ମାରିବାରେ ଲାଗିଛି। ଉପସାଗରୀୟ ଦେଶମାନଙ୍କରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ ମାଡ଼ କରି ସବୁ ଛାରଖାର କରି ସାରିଲାଣି। ଇସ୍ରାଏଲ ଅବସ୍ଥା ନକହିଲେ ଭଲ। ଇସ୍ରାଏଲର ଅନେକ ସହର ଧ୍ୱଂସସ୍ତୂପ ପାଲଟିଲାଣି। ଆଇରନ ଡୋମ୍ କାମ ଦେଉନି। ଆମେରିକା ଓ ଇସ୍ରାଏଲ ମିଶି ଇରାନ ଉପରେ ଯେତେ ଆକ୍ରମଣ କରୁଛନ୍ତି, ଇରାନ ସେତିକି ଉଗ୍ର ହୋଇ ପ୍ରତିଶୋଧ ନେବାରେ ଲାଗିଛି। ଇରାନ ଏତେ ବଳ ପାଇଲା କେଉଁଠୁ। ଅସହାୟ ହୋଇପଡ଼ିଲେଣି ଟ୍ରମ୍ପ। ଇସ୍ରାଏଲ ସମେତ ଉପସାଗରୀୟ ଦେଶମାନଙ୍କରେ ଥିବା ଆମେରିକା ନାଗରିକଙ୍କୁ ସୁରକ୍ଷା ଦେବା ସ୍ଥିତିରେ ନାହାନ୍ତି। ଏହିସବୁ ଦେଶରୁ ନିଜର ନାଗରିକମାନଙ୍କୁ ଆମେରିକା ଫେରି ଆସିବା ଲାଗି ପରାମର୍ଶ ଦେଲେଣି।

ଏମିତି ବେଇଜ୍ଜତ୍ କେବେ ହୋଇନଥିଲା ଆମେରିକା। ଆମେରିକାକୁ ପୁଣି ମହାନ (ମାଗା) କରିବାକୁ ସଂକଳ୍ପ ନେଇଥିବା ଟ୍ରମ୍ପ ଆମେରିକାର ଇଜ୍ଜତକୁ ବରବାଦ କରିସାରିଲେଣି। ତାଙ୍କର ପାଗଳାମି ଯୋଗୁଁ ମିତ୍ର ଦେଶ ମଧ୍ୟ ଧରାଛୁଆଁ ଦେଉ ନାହାନ୍ତି। ଭାବିଥିଲେ ଇରାନ ଉପରେ ଆକ୍ରମଣ କଲେ ମିତ୍ର ଦେଶ ବିଶେଷ କରି ୟୁରୋପୀୟ ରାଷ୍ଟ୍ର ତାଙ୍କୁ ସହଯୋଗ କରିବାକୁ ଆଗେଇ ଆସିବେ। କିନ୍ତୁ ସେମାନେ ସମର୍ଥନ ଦେବା ତ ଦୂରର କଥା, ତାଙ୍କୁ ଅନାଉ ବି ନାହାନ୍ତି। ଏହାକୁ ନେଇ ଟ୍ରମ୍ପ ଭୀଷଣ ବ୍ୟସ୍ତ ଓ ବିବ୍ରତ। ରାତିଦିନ ନାଟୋ ନେତାମାନଙ୍କୁ ଅଭିଶାପ ଦେବାରେ ଲାଗିଛନ୍ତି। ଅସହାୟ ହୋଇପଡ଼ିଲେଣି ଟ୍ରମ୍ପ। ମିଟିଂରେ ମନ ଲାଗୁନି। ରାତିରେ ନିଦ ହେଉନି। ଧର୍ମଗୁରୁମାନଙ୍କୁ ହ୍ୱାଇଟ୍ ହାଉସ ଡକାଇ ଉପଚାର କରାଉଛନ୍ତି। ତଥାପି କିଛି କାମ ଦେଉନି। ଯୁଦ୍ଧ କେବେ ସରିବ, କହିପାରୁ ନାହାନ୍ତି। କେବେ କହୁଛନ୍ତି ଚାରି ଦିନରେ ସରିଯିବ, କେବେ କହୁଛନ୍ତି ଚାରିମାସ। ପୁଣି କହୁଛନ୍ତି କେବେ ସରିବ, କହିବା ମୁସ୍କିଲ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ କଥାରେ ପଡ଼ି ସେ ଆଜି କଲବଲ ହେଉଛନ୍ତି। ସେ ହିଁ ଟ୍ରମ୍ପଙ୍କୁ ମତାଇ ଏଭଳି କାଣ୍ଡ ଘଟାଇଛନ୍ତି। ଗାଜା ଯୁଦ୍ଧ ପରେ ଅସୁରକ୍ଷିତ ହୋଇପଡ଼ିଥିବା ନେତନ୍ୟାହୁ ନିଜର ଗାଦି ବଞ୍ଚାଇବା ଲାଗି ଟ୍ରମ୍ପଙ୍କୁ ମତାଇଥିବା କୁହାଯାଉଛି।

## ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କ

# 'ନବୀନ ଅର୍ଥନୀତି' ଦେଶରେ ଶ୍ରେଷ୍ଠ

ଭୁବନେଶ୍ୱର,୧୨।୩(ସମିସ): ଅତୀତରେ ବିଜେଡି ସରକାରର ଆର୍ଥିକ ପରିଚାଳନାକୁ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା ପ୍ରଶଂସା କରି ଆସିଛନ୍ତି। ଏକ ନିଅଣ୍ଟିଆ ଓ ରୋଗୀଣା ଅର୍ଥନୀତିରୁ ରାଜ୍ୟକୁ ଏକ ରାଜସ୍ୱ ବଳକା ରାଜ୍ୟରେ ପରିଣତ କରିବା ସହ ସୁସ୍ଥ ବିତ୍ତୀୟ ପରିଚାଳନା ଯୋଗୁଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିକୁ ସାରା ଦେଶ ପ୍ରଶଂସା କରିଛି। କ୍ଷମତାରୁ ଯିବାର ଦୁଇ ବର୍ଷ ପରେ ବି ବିଭିନ୍ନ କେନ୍ଦ୍ରୀୟ ରିପୋର୍ଟରେ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାରଙ୍କ ବିକାଶର ଛବି, ଅର୍ଥନୀତି, ସ୍ୱାସ୍ଥ୍ୟ ସେବା ଆଦି ପ୍ରଶଂସିତ ହୋଇଛି। ନିକଟରେ ପ୍ରକାଶିତ ନିତି ଆୟୋଗ ରିପୋର୍ଟରେ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାଙ୍କ ସ୍ୱାସ୍ଥ୍ୟ ଅର୍ଥନୀତିକୁ ବେଶ୍ ପ୍ରଶଂସା କରାଯାଇଛି। ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କରେ ନବୀନଙ୍କ ସମୟରେ ଓଡ଼ିଶା ଦେଶରେ ଶ୍ରେଷ୍ଠସ୍ଥାନ ଅଧିକାର କରିଥିଲା ବୋଲି ପୁଣି ନିତି ଆୟୋଗଙ୍କ ଆଉ ଏକ ନୂଆ ରିପୋର୍ଟରେ ପ୍ରକାଶିତ ହୋଇଛି।

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ନିତି ଆୟୋଗ ଦ୍ୱାରା ପ୍ରକାଶିତ ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କରେ 'ନବୀନ ଓଡ଼ିଶା' ଦେଶର ଏକ ନମ୍ବର ସ୍ଥାନ ଅଧିକାର କରିଛି। ୭୩.୧ ନମ୍ବର

- ୭୩.୧ ଅଙ୍କ ସହ ସର୍ବାଗ୍ରେ ଓଡ଼ିଶା
- ୫ଟିରୁ ୪ ବର୍ଗରେ ସର୍ବାଗ୍ରେ ଓଡ଼ିଶା
- ଋଣ ପରିଚାଳନାରେ ଓଡ଼ିଶାକୁ ୯୫.୮%
- ଗୁଣାତ୍ମକ ବ୍ୟୟ କ୍ଷେତ୍ରରେ ୭୧.୨୦%

ସହ ଓଡ଼ିଶା ଦେଶରେ ଏକ ନମ୍ବର ସ୍ଥାନ ହାସଲ କରିଥିବା ବେଳେ ୫୪.୭ ନମ୍ବର ରଖି ଗୋଆ ୨ ନମ୍ବର ସ୍ଥାନରେ ରହିଛି। ଓଡ଼ିଶା ଏବଂ ଗୋଆ ମଧ୍ୟରେ ୧୮.୪ ଅଙ୍କର ବ୍ୟବଧାନ ଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ କାହିଁ କେତେ ପଛରେ ରହିଛନ୍ତି। ଏହାହିଁ ଓଡ଼ିଶାର ସୁଦୃଢ଼ ଆର୍ଥିକ ନୀତିକୁ ସୂଚାଉଚି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଏହି ରିପୋର୍ଟ ଅନୁଯାୟୀ ତାଲିକାରେ ଝାଡଖଣ୍ଡ ୫୦.୫ ଅଙ୍କ ସହ ତୃତୀୟ ସ୍ଥାନରେ ଥିବାବେଳେ ଗୁଜରାଟ ୪୯.୯ ଅଙ୍କ ସହ ଚତୁର୍ଥ, ମହାରାଷ୍ଟ୍ର ୪୫ ଅଙ୍କ ସହ ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ଛତିଶଗଡ଼ ଓ ତେଲେଙ୍ଗାନା ୪୪.୩ ଉତ୍ତର ପ୍ରଦେଶ ୪୧.୯, କର୍ଣ୍ଣାଟକ ୪୧.୭, ମଧ୍ୟପ୍ରଦେଶ ୩୭.୮ ଅଙ୍କ ସହ ଯଥାକ୍ରମେ ଷଷ୍ଠରୁ ଦଶମ ସ୍ଥାନ ଯାଏଁ ରହିଛନ୍ତି।

ସାମଗ୍ରିକ ଭାବେ ଓଡ଼ିଶା ସୂଚକାଙ୍କରେ ଏକ ନମ୍ବର ଥିବାବେଳେ ଏଥିରେ ବିଭିନ୍ନ ବର୍ଗରେ ମଧ୍ୟ ନିଜର ଦବଦବା ଜାହିର୍ କରିଛି। ଗୁଣାତ୍ମକ ଖର୍ଚ୍ଚ(କ୍ୱାଲିଟି ଅଫ୍ ଏକ୍ସପେଣ୍ଡିଚର)ରେ ୭୧.୨ ଅଙ୍କ ସହ ଓଡ଼ିଶା ଏହି ବର୍ଗରେ ଶୀର୍ଷରେ ରହିଛି। ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଓଡ଼ିଶାଠାରୁ ଗୋଆ ୦.୧% ଆଗରେ ରହିଛି। ଗୋଆ ୮୦.୪ ଅଙ୍କ ପାଇଥିବା ବେଳେ ଓଡ଼ିଶା ୮୦.୩ ଅଙ୍କ ସହ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଫିସକାଲ ପ୍ରୁଡେନ୍ସ ବର୍ଗରେ ଓଡ଼ିଶା ୫୮.୭ ଅଙ୍କ ସହ ପ୍ରଥମ ସ୍ଥାନରେ ଥିବା ବେଳେ ଋଣ ପରିଚାଳନାରେ ୯୫.୮ ପ୍ରତିଶତ ସହ ଏହି ବର୍ଗରେ ସର୍ବୋଚ୍ଚ ସ୍ଥାନରେ ରହିଛି। ଋଣ ସ୍ଥିରତା କ୍ଷେତ୍ରରେ ମଧ୍ୟ ୫୯.୫ ପ୍ରତିଶତ ସହ ସର୍ବାଗ୍ରେ ରହିଛି ଓଡ଼ିଶା। ରିପୋର୍ଟରେ ଅନ୍ୟ ରାଜ୍ୟମାନେ ବହୁ ପଛରେ ରହିଥିବା ବେଳେ ଓଡ଼ିଶାର ସ୍ଥିତି ଏହାର କୁଶଳୀ ନେତୃତ୍ୱକୁ ଦର୍ଶାଉଛି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ୫-ଟି ଉପକ୍ରମର ଅନୁପାଳନ, ଦୃଢ଼ ନେତୃତ୍ୱ, ଶାସନରେ ନୂତନତା ସହ ଦୁର୍ନୀତି ବିରୋଧୀ ଶୂନ୍ୟ ସହନଶୀଳ ନୀତି ପାଇଁ ଓଡ଼ିଶାକୁ ଏହି ସଫଳତା ମିଳିଛି ବୋଲି ଅର୍ଥନୈତିକ ମହଲରେ ମତପ୍ରକାଶ ପାଇଛି।

## ଖୁସି ପ୍ରକଟ କଲେ ନବୀନ

# ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ



ଭୁବନେଶ୍ୱର,୧୨।୩(ସମିସ): ନିତି ଆୟୋଗ ଦ୍ୱାରା ୨୦୨୩-୨୪ ବର୍ଷ ପାଇଁ ପ୍ରକାଶିତ ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କରେ ଓଡ଼ିଶାର ପ୍ରଦର୍ଶନକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ବିରୋଧୀ ଦଳନେତା ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ୨୦୨୩-୨୪ ବର୍ଷ ପାଇଁ ନୀତି ଆୟୋଗର ଆର୍ଥିକ ସ୍ୱାସ୍ଥ୍ୟ ସୂଚକାଙ୍କରେ ଦେଶରେ ନମ୍ବର-୧ ହୋଇଛି। ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ଯେ ଓଡ଼ିଶା କେବଳ ଦେଶକୁ ନେତୃତ୍ୱ ଦେଇନାହିଁ ବରଂ ୭୩.୧ ସ୍କୋର ସହିତ ଦ୍ୱିତୀୟ ସ୍ଥାନରେ ଥିବା ଗୋଆ(୫୪ ଅଙ୍କ)ଠାରୁ ବହୁ ଆଗରେ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ୨୦୦୦ ମସିହାରେ ରାଜ୍ୟ ଦେବାଳିଆ ଅବସ୍ଥାରୁ ବାହାରି ବର୍ତ୍ତମାନ ପ୍ରତ୍ୟେକ ମାନଦଣ୍ଡରେ ଶୀର୍ଷରେ ପହଞ୍ଚିଛି, ଯାହା ଦେଶରେ କୌଣସି ଡବଲ୍ ଇଞ୍ଜିନ ସରକାର ଏହି ସଫଳତା ପାଇପାରି ନାହାନ୍ତି। ଏହା ମୋ ପାଇଁ ଅତ୍ୟନ୍ତ ଆତ୍ମସନ୍ତୋଷର କଥା। ଏକ ସଙ୍କଟଜନକ ଆର୍ଥିକ ଅବସ୍ଥାରୁ ଆର୍ଥିକ ସ୍ୱାସ୍ଥ୍ୟରେ ଶୀର୍ଷ ପ୍ରଦର୍ଶକ ହେବା ପର୍ଯ୍ୟନ୍ତ ଓଡ଼ିଶାର ଯାତ୍ରା ୫-ଟି ନୀତି ଅଧୀନରେ ଦୂରଦୃଷ୍ଟି ଓ ପରିବର୍ତ୍ତନଶୀଳ ଶାସନକୁ ପ୍ରତିଫଳିତ କରୁଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମ ଶାସନର ବିଶେଷତ୍ୱ ଆର୍ଥିକ ସ୍ୱାସ୍ଥ୍ୟର ପ୍ରତ୍ୟେକ ମାନଦଣ୍ଡରେ ପ୍ରତିଫଳିତ ହେଉଛି। ବ୍ୟୟର ଗୁଣବତ୍ତା, ରାଜସ୍ୱ ସଂଗ୍ରହ, ଆର୍ଥିକ ସତର୍କତା ଏବଂ ଋଣ ଭାର ହ୍ରାସ କ୍ଷେତ୍ରରେ ଓଡ଼ିଶା ଏକ ଆଦର୍ଶ ରାଜ୍ୟ ଭାବରେ ଉଭା ହୋଇଛି। ଏହି ନିରନ୍ତର ଆର୍ଥିକ ସ୍ଥିରତା ରାଜ୍ୟକୁ ବହୁ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରୋତ୍ସାହିତ କରିପାରିଛି। କେନ୍ଦ୍ରର ସହଯୋଗକୁ ଅପେକ୍ଷା ନ କରି ଓଡ଼ିଶା ବିଏସକେୱାଇ, କାଳିଆ, ମିଶନ ଶକ୍ତି, ଦକ୍ଷତା ବିକାଶ, ଓଡ଼ିଶା ସ୍କୁଲ ରୂପାନ୍ତରଣ, ଆଦିବାସୀ ବିକାଶ,

- ସୂଚକାଙ୍କ '୫-ଟି' ନୀତି ଅଧୀନରେ ଦୂରଦୃଷ୍ଟି ଓ ପରିବର୍ତ୍ତନଶୀଳ ଶାସନକୁ ପ୍ରତିଫଳିତ କରୁଛି
- ବର୍ତ୍ତମାନର ଆର୍ଥିକ ପରିଚାଳନାକୁ ନେଇ ଉଦ୍‌ବେଗ, ଦେବାଳିଆ ସ୍ଥିତି ଆଡ଼କୁ ବଢ଼ୁଛି ରାଜ୍ୟ

ବିପର୍ଯ୍ୟୟ ପରିଚାଳନା, ଭିତ୍ତିଭୂମି ବିକାଶ, ଜଳସେଚନ ପ୍ରକଳ୍ପ, ଦାରିଦ୍ର୍ୟ ହ୍ରାସ ଉଦ୍ୟମ ଏବଂ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିପାରିଛି। ଏହି ପରିବର୍ତ୍ତନଶୀଳ ଯାତ୍ରାରେ ସାଥୀ ହେବା ପାଇଁ ଓଡ଼ିଶାର ଜନତାଙ୍କୁ ମୁଁ ଧନ୍ୟବାଦ ଜଣାଉଚି ବୋଲି ନବୀନ କହିଛନ୍ତି। ଏହାସହ ନବୀନ ବର୍ତ୍ତମାନର ରାଜ୍ୟର ଆର୍ଥିକ ସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ଓଡ଼ିଶାର ଡବଲ୍ ଇଞ୍ଜିନ ସରକାର ଯେଉଁଭଳି ଭାବେ ଆର୍ଥିକ ପରିଚାଳନା କରୁଛନ୍ତି ତାହା ଦେଖି ମୁଁ ଚିନ୍ତିତ ହୋଇପଡ଼ିଛି। ଏହାଦ୍ୱାରା ରାଜ୍ୟ ଦେବାଳିଆ ସ୍ଥିତି ଆଡ଼କୁ ବଢ଼ୁଥିବା ବେଳେ ଏବଂ ବିକାଶର ଗତିକୁ ୨୫ ବର୍ଷ ପଛକୁ ଠେଲି ଦେଉଛି ବୋଲି ନବୀନ ଚିନ୍ତାପ୍ରକଟ କରିଛନ୍ତି।

# ବିଧାନସଭାରେ ରନ୍ଧନ ଗ୍ୟାସ୍ ତାତି

ଭୁବନେଶ୍ୱର,୧୨।୩(ସମିସ): ଦେଶବ୍ୟାପୀ ରନ୍ଧନ ଗ୍ୟାସର ଅବାବ ଏବଂ କଳାବଜାରୀକୁ ନେଇ ସଡ଼କରୁ ସଂସଦ ଯାଏଁ ପ୍ରତିବାଦର ପ୍ରତିଧ୍ୱନି ଶୁଭୁଛି। କେନ୍ଦ୍ର ସରକାର ଏନେଇ ପ୍ରତିଶ୍ରୁତି, ଆଶ୍ୱାସନା ଦେଉଥିଲେ ହେଁ ସାଧାରଣ ଲୋକଙ୍କୁ ଏହା ସନ୍ତୁଷ୍ଟ କରିପାରୁ ନାହିଁ। ଓଡ଼ିଶା ବିଧାନସଭାରେ ମଧ୍ୟ ଗୁରୁବାର ଗ୍ୟାସ ଅଭାବ ତାତି ପରିଲକ୍ଷିତ ହୋଇଛି। ରାଜ୍ୟରେ ରନ୍ଧନ ଗ୍ୟାସ ଅଭାବ ଏବଂ କଳାବଜାରୀ ନେଇ ଗୁରବାର ପ୍ରଥମାର୍ଦ୍ଧ ଅଚଳ କରିଛି କଂଗ୍ରେସ। ଗୃହରେ ଗ୍ୟାସ କଳାବଜାରୀ, ଅଭାବ ଏବଂ ଉଚ୍ଚାଦରକୁ ନେଇ କଂଗ୍ରେସ ବିଧାୟକମାନେ ପ୍ଲାକାର୍ଡ ପ୍ରଦର୍ଶନ ସହ ପ୍ରବଳ ନାରାବାଜି କରିଥିଲେ। କଂଗ୍ରେସର

**ବିଜେଡିର ପ୍ରତିବାଦ, କଂଗ୍ରେସର ହଙ୍ଗାମା**

ହଟ୍ଟଗୋଳ ସହ ବିଜେଡି ସଦସ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ରହିବା କାରଣରୁ ଆଜି ପ୍ରଥମାର୍ଦ୍ଧରେ ଗୃହ ଚାଲିପାରି ନାହିଁ। ପ୍ରଥମାର୍ଦ୍ଧରେ ବିଭିନ୍ନ ପର୍ଯ୍ୟାୟରେ ଗୃହ ମାତ୍ର ୨୫ ମିନିଟ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

ଆଜି ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। ରାଜ୍ୟରେ ଗ୍ୟାସ ଅଭାବ ଏବଂ କଳାବଜାରୀକୁ ନେଇ ବିଧାୟକମାନେ ପୋଷ୍ଟର ପ୍ରଦର୍ଶନ କରିଥିଲେ। 'ଗ୍ୟାସ୍ ଜଳୁନାହିଁ, ଜନତା ହନ୍ତସନ୍ତ, ରନ୍ଧନ ଗ୍ୟାସ କଳାବଜାରୀ ରୋକିବା ଆମର ଦାବି, ଡବଲ ଇଞ୍ଜିନ, ଡବଲ ଧୋକା ଚଳିବ ନାହିଁ, ଏଲପିଜି ଗ୍ୟାସ ଅହେତୁକ ବୃଦ୍ଧି, ସରକାର ନିରବଦ୍ରଷ୍ଟା' ଆଦି ନାରା ଦେଇ କଂଗ୍ରେସ ବିଧାୟକମାନେ ଗୃହରେ ହଟ୍ଟଗୋଳ କରିଥିଲେ। ସେହିପରି ବିଜେଡି ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରଶ୍ନକାଳରେ ଭାଗ ନେଇ ନ ଥିଲେ। ହୋ ହାଲ୍ଲା ମଧ୍ୟରେ ଗୃହରେ ୨ଟି ତାରକା ପ୍ରଶ୍ନ ଆଲୋଚନା ହେବା ପରେ ୧୦ଟା ୪୦ ମିନିଟରୁ ୧୧ଟା ୩୦ ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସମାନ ଭାବରେ ଗୃହ ମଧ୍ୟରେ ହଟ୍ଟଗୋଳ କରିଥିଲା। ସମାନ ଭାବରେ ବିଜେଡି ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରତିବାଦ କରିଥିଲେ। ବାଚସ୍ପତି କହିଥିଲେ ଯେ ପ୍ରଶ୍ନକାଳ ପରି ଗୁରୁତ୍ୱପୂର୍ଣ୍ଣ ସମୟ ନଷ୍ଟ ହୋଇଗଲା। ଆପଣମାନେ ନିଜ କଥା ଶୂନ୍ୟକାଳରେ ରଖିବାର ସୁଯୋଗ ରହିଛି। ସୁଯୋଗର ସଦୁପଯୋଗ କରନ୍ତୁ। ନିଜ ନିଜ ଆସନକୁ ଫେରିଯା'ନ୍ତୁ ବୋଲି ବାଚସ୍ପତି ଅନୁରୋଧ କରିଥିଲେ।

ଗୃହରେ କଂଗ୍ରେସର ଆଚରଣକୁ ନେଇ ବର୍ଷିଛନ୍ତି ବିଜେପି ବିଧାୟକ। ଗୃହରେ ଗ୍ୟାସ ଅଭାବ ସମ୍ପର୍କରେ ଆଲୋଚନା ନକରି ଗୃହକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଜନସ୍ୱାର୍ଥ ବିରୋଧୀ। ରନ୍ଧନ ଗ୍ୟାସକୁ ନେଇ ବିବ୍ରତ ନହେବାକୁ ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ମାତ୍ର ଏହା ସତ୍ତ୍ୱେ ଗୃହକୁ ହଟ୍ଟଗୋଳ କରି ବନ୍ଦ କରିବା ନିନ୍ଦନୀୟ ଓ ଦୁଃଖଦାୟକ ବୋଲି ଶାସକ ଦଳର ବିଧାୟକମାନେ ମତବ୍ୟକ୍ତ କରିଛନ୍ତି। ବିଧାୟକ ସନ୍ତୋଷ ଖଟୁଆ ମଧ୍ୟ ବିରୋଧୀ ଦଳର ଆଚରଣକୁ ନିନ୍ଦା କରିଥିଲେ। ବିରୋଧୀ ନିଜର ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ୧୧ଟା ୩୯ରୁ ୧୨ଟା ୧୦ ଯାଏଁ ମୁଲତବୀ ରଖିଥିଲେ।

ଅପରପକ୍ଷେ ବିଜେଡି ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଉପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଉତ୍ତର ରଖିଥିଲେ ହେଁ ଉଭୟ ବିଜେଡି, କଂଗ୍ରେସ ଆଲୋଚନାକୁ ବର୍ଜନ କରିଥିଲେ। ଫଳରେ ବାଚସ୍ପତି ୧୨ଟା ୧୬ରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

# ବିରୂପାରୁ ଦୁଇଭାଇଙ୍କ ମୃତଦେହ ଉଦ୍ଧାର

ଚୌଦ୍ୱାର, ୧୨।୩(ସମିସ): କଟକ ଜିଲ୍ଲା ଚୌଦ୍ୱାର ଥାନା ଅନ୍ତର୍ଗତ ବିରୂପା ନଦୀରୁ ଗୁରୁବାର ସକାଳେ ଦୁଇଜଣ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଦ୍ୱୟ ହେଲେ, କଟକ ପେଟିନ୍ ସାହି ଅଞ୍ଚଳର ଦେବାଶିଷ ସାହୁ (୪୫) ଓ ତାଙ୍କ ଭାଇ ଶୁଭାଶିଷ



ସାହୁ (୪୦)। ସ୍ଥାନୀୟ ମାଛ ଧରାଳିମାନେ ବିରୂପା ବ୍ୟାରେଜ୍ ନିକଟରେ ଦୁଇଟି ଶବ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଚୌଦ୍ୱାର ପୁଲିସ ଅଗ୍ନିଶମବାହିନୀ ସହାୟତାରେ ଶବ ଦୁଇଟିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି।

ମିଳିଥିବା ସୂଚନା ମୁତାବକ, ଦୁଇ ଭାଇ ନିଜର ପୈତୃକ ଘର ଓ ପରେ ଚୌଦ୍ୱାର ମଣ୍ଡାପଡ଼ାରେ କରିଥିବା ଘରକୁ ବିକ୍ରି କରି ତ୍ରିଶୁଳିଆ ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଉଭୟ ଅବିବାହିତ ଥିଲେ। ସାନଭାଇ ଶୁଭାଶିଷ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ବଡ଼ଭାଇ ବେକାର ଥିଲେ। ଜାଗା ବିକ୍ରି ଟଙ୍କା ଶେଷ ହୋଇଯିବା ପରେ ସେମାନେ ଗଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ ବୋଲି ସମ୍ପର୍କୀୟମାନେ କହିଛନ୍ତି। ଆର୍ଥିକ ଅନଟନ ଯୋଗୁଁ ସେମାନେ ମାନସିକ ଚାପରେ ଏଭଳି ଚରମ ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଏଭଳି ସ୍ଥିତିରେ ସେମାନେ ମିଳିତ ଭାବେ ଆତ୍ମହତ୍ୟା କରିଛନ୍ତି ନା ଏହା ପଛରେ ଅନ୍ୟ କିଛି ରହସ୍ୟ ରହିଛି, ସେନେଇ ପୁଲିସ ତଦନ୍ତ ଚଳାଇଛି।

# ୪୦ ଡିଗ୍ରୀ ଟପିଲା ପାରଦ

ଭୁବନେଶ୍ୱର, ୧୨।୩ (ସମିସ): ରାଜ୍ୟରେ ଚଳିତବର୍ଷ ପ୍ରଥମଥର ପାଇଁ ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରିଛି। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଝାରସୁଗୁଡ଼ାରେ ତାପମାତ୍ରା ୪୦.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ୧୩ ଓ ୧୪ରେ ମଧ୍ୟ ସମାନ ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। କାରଣ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବା ନେଇ ପାଣିପାଗ କେନ୍ଦ୍ର କହିଛି। ଏହା ପ୍ରଭାବରେ ରାଜ୍ୟର ଏକାଧିକ ସହରରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବା ସହ ଝାରସୁଗୁଡ଼ାରେ ତାପମାତ୍ରା ୪୨ ଡିଗ୍ରୀ ନିକଟତର ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଗୁରୁବାର ଝାରସୁଗୁଡ଼ା ବ୍ୟତୀତ ହୀରାକୁଦରେ ତାପମାତ୍ରା ୩୯.୨ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୩୯, ସୁନ୍ଦରଗଡ଼ରେ ୩୯, ଭୁବନେଶ୍ୱର ୩୮.୬, ରାଉରକେଲାରେ ୩୮.୪, ତାଳଚେର, ଟିଟିଲାଗଡ଼ ଓ ପାରଳାଖେମୁଣ୍ଡିରେ ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ କରାଯାଇଛି।

**୧୫ରୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା**

ଅନ୍ୟପଟେ, ଆସନ୍ତା ୧୫ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ପଶ୍ଚିମା ଝଡ଼ ପ୍ରଭାବରେ ଆଗାମୀ ୧୫ରୁ ବର୍ଷା ଆରମ୍ଭ ହେବାକୁ ଥିବା ବେଳେ ଏହାର ପ୍ରଭାବ ପ୍ରାୟ ୩ଦିନ ପର୍ଯ୍ୟନ୍ତ ଜାରି ରହିବ। ୧୬ରେ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିପାରେ। ଏହି ସମୟରେ ଉପକୂଳବର୍ତ୍ତୀ ଜିଲ୍ଲା ସମେତ କିଛି ଆଭ୍ୟନ୍ତରୀଣ ଜିଲ୍ଲାରେ ବର୍ଷା ସାଙ୍ଗକୁ ପବନ ଓ ବିଜୁଳି ଘଡ଼ଘଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବର୍ଷା ସମୟରେ କେତେକ ସ୍ଥାନରେ କୁଆପଥର ଜନିତ ବର୍ଷା ସମ୍ଭାବନା ମଧ୍ୟ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୧୫ରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ସେହିଦିନ ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ବୃଦ୍ଧି ପାଇଁ ୩୦-୪୦ କିମି ପର୍ଯ୍ୟନ୍ତ ପହଞ୍ଚିବା ନେଇ ଆଶଙ୍କା କରାଯାଇଥିବା ବେଳେ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କାରଯାଇଛି।

## ଚୌଦ୍ୱାର ଜେଲ୍‌ରୁ ଅପରାଧୀ ଫେରାର ଘଟଣା

# କାହା ସୁରକ୍ଷା ଛାଇରେ ଜେଲ୍ ଅଧିକାରୀ?

ଭୁବନେଶ୍ୱର, ୧୨।୩ (ସମିସ): ଚୌଦ୍ୱାର ମଣ୍ଡଳ କାରାଗାର ପାଚେରି ଡେଇଁ ଦୁଇ ଅପରାଧୀ ଫେରାର ଘଟଣାକୁ ୫ ମାସ ବିତିଗଲାଣି। କମିସନରେଟ ପୁଲିସ ଉତ୍ତରପ୍ରଦେଶର ବୃନ୍ଦାବନରୁ ମଧୁକାନ୍ତ ରଣାକୁ ଗିରଫ କରିଥିବା ବେଳେ ରାଜା ସାହାଣୀର ଟେର୍ ପାଇନାହିଁ। ଏହାରି ଭିତରେ ଅପରାଧୀ ଫେରାର ଘଟଣାର ତଦନ୍ତ ରିପୋର୍ଟ ତଳତଳିଆଙ୍କ ଠାରୁ ଆରମ୍ଭ କରି ବଡ଼ବଡ଼ିଆଙ୍କ ପ୍ରର୍ଯ୍ୟନ୍ତ, ସମସ୍ତଙ୍କୁ ଅଡୁଆରେ ପକାଇଛି। ତଦନ୍ତ ରିପୋର୍ଟରେ ୫ ଜଣଙ୍କୁ ଦାୟୀ କରାଯାଇଥିବା ବେଳେ ରହିଥିବା ବେଳେ ୱାର୍ଡର, ମୁଖ୍ୟ ୱାର୍ଡର ଓ ଜେଲରଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇଛି। ଜେଲର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ଓ ସବ୍ ଆସିଷ୍ଟାଣ୍ଟ ଜେଲର ଶରତ କୁମାର ନନ୍ଦଙ୍କ ଦାୟିତ୍ୱ ଅବହେଳା ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିଲେ ମଧ୍ୟ ସେମାନଙ୍କ ବିରୋଧରେ ଏଯାଏଁ କାର୍ଯ୍ୟାନୁଷ୍ଠାନ ନହେବା, ବିଭାଗ ମୁଖିଆଙ୍କ ମନମାନୀକୁ ଦର୍ଶାଉଛି।

ଯାଜପୁର ଜିଲ୍ଲା ପାଣିକୋଇଲି ପଣ୍ଡା ଅଳଙ୍କାର ଦୋକାନ ଲୁଟ୍ ଓ ହତ୍ୟା ମାମଲାର ଅଭିଯୁକ୍ତ ମଧୁକାନ୍ତ ରଣା ଓ ରାଜା ସାହାଣୀ ଗିରଫ ହୋଇ ଯାଜପୁର ରୋଡ୍ ଜେଲରେ ଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ ୨୦୨୫ ମସିହା ଫେବୃଆରୀ ମାସରେ ଉଭୟଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ସେବେଠାରୁ ଉଭୟ ଚୌଦ୍ୱାର ଜେଲର ହାଇ ସିକ୍ୟୁରିଟି ସେଲରେ ରହୁଥିବା ବେଳେ ଗତବର୍ଷ ଅକ୍ଟୋବର ୨/୩ ରାତିରେ ସେଲ୍ ଗ୍ରୀଲ କାଟି ପାଚେରୀ ଉପରେ ଚଢ଼ି ଫେରାର ହୋଇଯାଇଥିଲେ। ଘଟଣାରୁ ନଜର ହଟାଇବା ଲାଗି ପ୍ରଥମେ ୱାର୍ଡର ଓ ମୁଖ୍ୟ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିବା ବେଳେ ପରେ ଜେଲର ମଧ୍ୟ ନିଲମ୍ବିତ ହୋଇଥିଲେ।

**ସବ୍ ଆସିଷ୍ଟାଣ୍ଟ ଜେଲରଙ୍କ ବିରୋଧରେ ହେଲା ନାହିଁ କାର୍ଯ୍ୟାନୁଷ୍ଠାନ**

ତେବେ ଡିଆଇଜି ଅନୁସୟା ଜେନା ଦାଖଲ କରିଥିବା ତଦନ୍ତ ରିପୋର୍ଟରେ ଚୌଦ୍ୱାର ଜେଲ ଅଧିକାରୀଙ୍କ ଦାୟିତ୍ୱରେ ଅବହେଳା ଜଳଜଳ ଦିଶୁଛି। ଚୌଦ୍ୱାର ମଣ୍ଡଳ କାରାଗାରର ତତ୍କାଳୀନ ଜେଲର୍ ୨୦୨୫ ମସିହା ଜୁଲାଇ ୧୫ ତାରିଖ ଦିନ ଠାରୁ ସବ୍ ଆସିଷ୍ଟାଣ୍ଟ ଜେଲର୍ ଶରତ କୁମାର ନନ୍ଦଙ୍କୁ ରାତ୍ରିକାଳୀନ ଡ୍ୟୁଟି (ନାଇଟ୍ ରାଉଣ୍ଡ) କରିବାକୁ ନିର୍ଦ୍ଦେଶନାମା ଦେଇଥିଲେ। ଶ୍ରୀ ନନ୍ଦ ରାତି ସମୟରେ ଜେଲ୍ ଭିତରେ ପଇଁତରା ମାରିବା ସହ ୱାର୍ଡର୍, ମୁଖ୍ୟ ୱାର୍ଡର ଓ ଅନ୍ୟ କର୍ମଚାରୀମାନେ ଠିକ୍ ଭାବେ ଡ୍ୟୁଟି କରୁଛନ୍ତି କି ନାହିଁ, ତାହାର ତଦାରଖ ଦାୟିତ୍ୱରେ ଥିଲେ। ଅକ୍ଟୋବର ୨ ରାତି ୧୦ଟା ୩୦ ସମୟରେ ସବ୍ ଆସିଷ୍ଟାଣ୍ଟ ଜେଲର୍ ଶ୍ରୀ ନନ୍ଦ ଜେଲ୍ ଭିତରକୁ ଯାଇ ୧୧ଟା ୨୦ ସୁଦ୍ଧା ଜେଲ୍ ଗେଟକୁ ଫେରି ଆସିଥିଲେ ବୋଲି ଡିଆଇଜି ଶ୍ରୀମତୀ ଜେନା ସିସିଟିଭି ଫୁଟେଜରୁ ଜାଣିବାକୁ ପାଇଥିଲେ। ରାତି ୧୧ଟା ୨୦ ପରଠାରୁ ଶ୍ରୀ ନନ୍ଦ ଆଉ ଜେଲ୍ ଭିତରକୁ ଯାଇ ନ ଥିଲେ। ଶ୍ରୀ ନନ୍ଦ ସଠିକ୍ ଭାବେ ତଦାରଖ କରିନଥିବାରୁ ୱାର୍ଡର ଓ ମୁଖ୍ୟ ୱାର୍ଡରଙ୍କ ଡ୍ୟୁଟି ଅବହେଳା ତୁରନ୍ତ ସାମ୍ନାକୁ ଆସି ନ ଥିଲା। ଫଳରେ ଚୌଦ୍ୱାର ଭଳି ସୁରକ୍ଷିତ ଜେଲରୁ ଦୁଇ ଅପରାଧୀ ଅନାୟାସରେ ଖସିଯିବାରେ ସଫଳ ହେଲେ। କାର୍ଯ୍ୟରେ ଅବହେଳା ପାଇଁ ୱାର୍ଡର ଓ ମୁଖ୍ୟ ୱାର୍ଡର ନିଲମ୍ବନ ହୋଇଥିଲେ ମଧ୍ୟ ସବ୍ ଆସିଷ୍ଟାଣ୍ଟ ଜେଲର ଶ୍ରୀ ନନ୍ଦଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସେହିପରି ଦୀର୍ଘଦିନ ଧରି ଚୌଦ୍ୱାର ଜେଲରେ ନାଇଟ୍ ଡ୍ୟୁଟି ହେଉନଥିଲା ବୋଲି ଡିଆଇଜିଙ୍କ ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ତଦନ୍ତ ରିପୋର୍ଟରେ ୱାର୍ଡରଙ୍କ ଆରମ୍ଭ କରି ଜେଲର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳଙ୍କ ଦାୟିତ୍ୱ ଅବହେଳାକୁ ଜଳଜଳ ଦିଶୁଥିଲେ ମଧ୍ୟ ଏଯାଏଁ କେବଳ ୱାର୍ଡର, ମୁଖ୍ୟ ୱାର୍ଡର ଓ ଜେଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏପରି ସ୍ଥଳେ ବାକି ଅଧିକାରୀ ଦୋଷୀ ନା ତଦନ୍ତରେ କୌଣସି ତ୍ରୁଟି ରହିଛି, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।



# ‘ସାଇବର କବଚ’ ଅଭିଯାନରେ ୩୨ ଲକ୍ଷର ମୋବାଇଲ ଉଦ୍ଧାର






ରାଉରକେଲା, ୧୨।୩(ସମିସ)

‘ସାଇବର କବଚ’ ଅଭିଯାନରେ ରାଉରକେଲା ପୁଲିସକୁ ମିଳିଛି ବଡ଼ ସଫଳତା। ଏହି ଅଭିଯାନ ଅଧୀନରେ ରାଉରକେଲା ପୁଲିସ ଜିଲ୍ଲା ଅଧୀନ ବିଭିନ୍ନ ୧୯ଟି ଥାନା ଅଞ୍ଚଳରୁ ହଜିଥିବା, ଚୋରି ଏବଂ ଲୁଟ ହୋଇଥିବା ୧୦୬ଟି ମୋବାଇଲ ଫୋନ୍‌କୁ ଉଦ୍ଧାର କରାଯାଇଛି, ଯାହାର ମୂଲ୍ୟ ୩୨ ଲକ୍ଷ ଟଙ୍କାର ହେବ ବୋଲି କୁହାଯାଇଛି। ଏନେଇ ଗୁରୁବାର ପୁଲିସ ମୁଖ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠିତ ମୋବାଇଲ ମେଳା ମାଧ୍ୟମରେ ଅଭିଯୋଗକାରୀମାନଙ୍କୁ ଜବତ ହୋଇଥିବା ସମସ୍ତ ମୋବାଇଲ ଫୋନକୁ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ଏସ୍‌ପି ନୀତେଶ ୱାଧୱାନୀ ଅଧିକ ସୂଚନା ଦେଇ କହିଥିଲେ ଯେ, ଚୋରି ଓ ହଜି ଯାଇଥିବା ମୋବାଇଲ୍ ଫୋନ୍ ଉଦ୍ଧାର ପାଇଁ ‘ସାଇବର କବଚ’ ନାମକ ସ୍ୱତନ୍ତ୍ର

## ଅଭିଯୋଗକାରୀଙ୍କୁ ହସ୍ତାନ୍ତର

ଅଭିଯାନ ଜାରି ରହିଛି। ଅଭିଯାନ ମାଧ୍ୟମରେ ମୋବାଇଲ ଗୁଡ଼ିକର ଆଇଏମ୍ଇଆଇ ନମ୍ବର ଚିହ୍ନଟ କରି ବୈଷୟିକ ବିଶ୍ଳେଷଣ ଏବଂ କ୍ଷେତ୍ର ଯାଞ୍ଚରେ ବର୍ତ୍ତମାନର ବ୍ୟବହାର ଟ୍ରାକ୍ କରିବା ପାଇଁ ଉତ୍ସର୍ଗୀକୃତ ପ୍ରୟାସ କରାଯାଇଥିଲା। ଏହି ପଦକ୍ଷେପର ଫଳସ୍ୱରୂପ ମୋଟ ୧୦୬ଟି ମୋବାଇଲ୍ ସଫଳତାର ସହ ଉଦ୍ଧାର କରାଯାଇ ଥିଲା। ସମସ୍ତ ମୋବାଇଲର ଆନୁମାନିକ ମୂଲ୍ୟ ୩୨ ଲକ୍ଷ ଟଙ୍କା ହେବ ବୋଲି ସେ କହିଥିଲେ। ଏହି କ୍ରମରେ ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ୪ଟି ମୋବାଇଲ ଫୋନ ଉଦ୍ଧାର କରାଯାଇଛି ସମ୍ପୃକ୍ତ ମାଲିକମାନଙ୍କୁ ଉକ୍ତ ମୋବାଇଲ ଫୋନଗୁଡ଼ିକ ହସ୍ତାନ୍ତର କରାଯାଇଥିଲା। ସେହିପରି ବିସ୍ରା ଥାନାରେ ୨ଟି ମୋବାଇଲ ଫୋନ, ବ୍ରାହ୍ମଣୀ ତରଙ୍ଗ ଥାନାରେ ୫ଟି, ଚାନ୍ଦିପୋଷ ଥାନାରେ ୨ଟି, ଛେଣ୍ଡ ଥାନାରେ ୨ଟି, ସାଇବର ଥାନାରେ ୩୭ଟି, ଝିରପାଣି ଥାନାରେ ୨ଟି, ବଣାଇଁ ଥାନାର ୭ଟି, କୋଇଡ଼ା ଥାନାର ୧ଟି, ଲହୁଣୀପଡ଼ା ଥାନାରେ ୩ଟି, ଲାଠିକଟା ଥାନାରେ ୩ଟି, ପ୍ଲାଣ୍ଟସାଇଟ୍ ଥାନାରେ ୧୨ଟି, ରଘୁନାଥପାଲି ଥାନାରେ ୫ଟି, ସେକ୍ଟର -୧୫ ଥାନାରେ ଗୋଟିଏ, ସେକ୍ଟର -୩ ଥାନାରେ ୯ଟି, ସେକ୍ଟର -୭ ଥାନାରେ ୩ଟି, ଟାଙ୍ଗରପାଲି ଥାନାରେ ୬ଟି, ସେକ୍ଟର-୧୯ ଥାନାରେ ଗୋଟିଏ ଓ ଉଦିତନଗର ଥାନାରେ ଗୋଟିଏ ମୋବାଇଲ ଜବତ କରାଯାଇ ସମ୍ପୃକ୍ତ ମାଲିକମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ଏସ୍‌ପି ଶ୍ରୀ ୱାଧୱାନୀ ମୋବାଇଲ ଫୋନ ମାଲିକମାନଙ୍କୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ଜୋନାଲ ଡିଏସ୍‌ପି ରିତେଶ ସେଠୀଙ୍କ ସମେତ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୫ ହଜାର ଟଙ୍କା ଲାଞ୍ଚ ନେଇ ଏଏସ୍‌ଆଇ ଗିରଫ

**ରାଉରକେଲା, ୧୨।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଧୀନରେ ଜାତୀୟ ରାଜପଥ ପାର୍ଶ୍ୱରେ ଢାବା ଚଳାଇବା ନିମନ୍ତେ ଅନୁମତି ଦେବା ପାଇଁ ଢାବା ମାଲିକଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେଲାବେଳେ ରାଉରକେଲା ଭିଜିଲାନ୍ସ ବିଭାଗ ବଡ଼ଗାଁ ଥାନାର ଜଣେ ଏଏସ୍‌ଆଇଙ୍କୁ ଗିରଫ କରିଛି। ଏହାସହ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିଛି।



ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଥିବା ପୁଲିସ ଏଏସ୍‌ଆଇ ହେଉଛନ୍ତି ଅରୁପାନନ୍ଦ ଦାସ। ସୂଚନା ମୁତାବକ ବଡ଼ଗାଁ ଥାନା ଅଧୀନ ଜାତୀୟ ରାଜପଥ କଡ଼ ଫୁଟ୍‌ପାଥରେ ଜଣେ ବ୍ୟକ୍ତି ଜଳଖିଆ ଦୋକାନ କରିଥିଲେ। ହେଲେ ସେ ଏହି ଛୋଟ ଜଳଖିଆ ଦୋକାନକୁ ଟିକେ ବଡ଼କରି ଏକ ଢାବା କରିବା ପାଇଁ ବଡ଼ଗାଁ ଥାନାକୁ ଯାଇ ଅନୁମତି ଲୋଡ଼ିଥିଲେ। ହେଲେ ଏଏସ୍‌ଆଇ ଅରୁପାନନ୍ଦ ଦାସ ତାଙ୍କୁ ନିଜ ପାଖକୁ ଡାକି ୨୫ ହଜାର ଟଙ୍କା ଲାଞ୍ଚ ନ ଦେଲେ ଢାବା ଖୋଲି ପାରିବନି ବୋଲି କହିଥିଲେ। ଏଥିରେ ବାଧ୍ୟ ହୋଇ ସମ୍ପୃକ୍ତ ହୋଟେଲ ମାଲିକ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ତଦନୁଯାୟୀ ପୂର୍ବ ଯୋଜନା ମୁତାବକ ଆଜି ଏଏସ୍‌ଆଇ ଅରୁପାନନ୍ଦ ଦାସ ସମ୍ପୃକ୍ତ ହୋଟେଲ ମାଲିକଙ୍କ ଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ ଛକି ବସିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ରଙ୍ଗବୋଳା ୨୫ ହଜାର ଟଙ୍କା ଜବତ କରିଥିଲେ। ଏହି ଘଟଣାରେ ଭିଜିଲାନ୍ସ ଏଏସ୍‌ଆଇ ଅରୁପାନନ୍ଦ ଦାସଙ୍କର ନିଜଘର, ପୈତୃକ ଘର ସମେତ ଏକକାଳୀନ ୪ଟି ସ୍ଥାନରେ ଚଢ଼ଉ ଜାରି ରହିଛି।

# ଖୁଡ଼ୀକୁ ହତ୍ୟା ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ

**କୋଇଡ଼ା, ୧୨।୩(ସମିସ):** ୬ ବର୍ଷ ପୂର୍ବେ ନିଜ ପିଉସୀ ଓ ଭଉଣୀଙ୍କୁ ହତ୍ୟାକରି ଜେଲ୍ ଯାଇଥିବା ଯୁବକ ଜେଲରୁ ବାହାରି ନିଜ ଖୁଡ଼ୀକୁ ମାରି ହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ବୁଧବାର ନିଜ ଖୁଡ଼ିକୁ ହାଣି ହତ୍ୟା କରିବା ପରେ ଚମ୍ପଟ ମାରିଥିବା ରାଜେଶ ସେଠୀକୁ ଜଙ୍ଗଲରେ ଦୀର୍ଘ ୨୦ ଘଣ୍ଟାର ଲଗାତାର ସର୍ଚ୍ଚ ଅପରେସନ୍ ପରେ ଆଜି କାବୁ କରିଛି କୋଇଡ଼ା ପୁଲିସ୍। ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ନିଖୋଜ ସହଦେବ ସେଠୀଙ୍କ ପତ୍ତା ମିଳୁନାହିଁ।

# ଶୂନ୍ୟ କ୍ଷତି ପ୍ରତି ପ୍ରତିବଦ୍ଧତା ସହ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ



**ରାଉରକେଲା, ୧୨।୩(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ଜାତୀୟ ସୁରକ୍ଷା ସପ୍ତାହ-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହରେ ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଏମ୍ଏଲ୍‌ଓର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.ଆର୍ ପଲାଇ, ରାଉରକେଲା ଡିଭିଜନ, ଫ୍ୟାକ୍ଟୋରୀ ଆଣ୍ଡ ବଏଲର ସହାୟକ ନିର୍ଦ୍ଦେଶକ ଏସ୍ ତ୍ରିପାଠି, ଏସ୍.ଏସ୍. ରାଉତ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଏଚ୍. ମହାପାତ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସମାବେଶକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବେ ଜୀବନର ପ୍ରତ୍ୟେକ ଦିଗରେ ସୁରକ୍ଷା ଏବଂ ନିରାପଦ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଜୀବନର ପ୍ରତ୍ୟେକ ପାଠ୍ୟକ୍ରମରେ ସୁରକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସେ ଆଲୋକପାତ କରିଥିଲେ। ଶ୍ରୀ ପଲାଇ ନିୟର ମିସ୍‌କେସ୍ ଗୁଡ଼ିକର ସୂକ୍ଷ୍ମ ରିପୋର୍ଟିଂ ଏବଂ ସପ୍ ଫ୍ଲୋରର ସମସ୍ତ ଏସ୍‌ଓପି ଏବଂ ଏସ୍‌ଏମ୍‌ପି ଗୁଡ଼ିକର କଡ଼ା ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଖଣି ପରିଚାଳନାରେ ତାଙ୍କର ସମୃଦ୍ଧ ଅଭିଜ୍ଞତା ସହିତ ବି.କେ. ଗିରି ନିରାପଦ ଭାବେ କାର୍ଯ୍ୟ କରିବା ସହିତ ଅନ୍ୟମାନଙ୍କ ପାଇଁ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ।

ଉଲ୍ଲେଖନୀୟ ଯେ, ଏସଏମଏସ-୧ ବିଭାଗ ସର୍ବାଧିକ ନିୟର ମିସକେସ୍ ରିପୋର୍ଟ କରି ଚାମ୍ପିଅନ୍ସ ଟ୍ରଫି ହାସଲ କରିଛି। ସେହିଭଳି ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହଟ୍ ଷ୍ଟ୍ରିପ୍ ମିଲ୍-୨ ଏବଂ ନ୍ୟୁ ପ୍ଲେଟ୍ ମିଲ୍ ହାସଲ କରିଛି। ବିଭାଗର ସମ୍ପୃକ୍ତ ସିଜିଏମ୍‌ମାନେ ସେମାନଙ୍କ ଦଳ ସହିତ ପୁରସ୍କାର ଗ୍ରହଣ କରିଥିଲେ। ପ୍ରାରମ୍ଭରେ ହୀରାଲାଲ ମହାପାତ୍ର ସମାବେଶକୁ ସ୍ୱାଗତ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଅବକାଶ ବେହେରା ସଂଯୋଜନା କରିଥିଲେ। ସୁରକ୍ଷା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଜ୍ଞା ନାଥ ସମାରୋହର ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ପରେ ସମ୍ମାନିତ ବ୍ୟକ୍ତିମାନେ ବିଭିନ୍ନ ସହଯୋଗୀ ସଂସ୍ଥା ଦ୍ୱାରା ନିର୍ମିତ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ଷ୍ଟଲ ବୁଲି ଦେଖିଥିଲେ।

# ବଦଳିଲେ ବଣାଇଁ ଉପଜିଲ୍ଲାପାଳ

**ବଣାଇଁ, ୧୨।୩(ସମିସ):** ଦୀର୍ଘ ଦେଢ଼ବର୍ଷ ଧରି ବଣାଇଁ ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରି ଆସୁଥିବା ଅକ୍ଷୟ ପିଲ୍ଲେ (ଭାପ୍ରସେ)ଙ୍କ ଇତି ମଧ୍ୟରେ ବଦଳି ହୋଇଛି। ଓଡ଼ିଶା ସରକାରଙ୍କ ଜେନେରାଲ ଆଡ୍‌ମିନଷ୍ଟ୍ରେସନ ତଥା ପବ୍ଲିକ ଗ୍ରୀଭାନ୍ସ ବିଭାଗ ପକ୍ଷରୁ ଜାରି କରା ଯାଇଥିବା ଚିଠି ଅନୁସାରେ ଅକ୍ଷୟ ପିଲ୍ଲେଙ୍କର ବଣାଇଁରୁ ଜଗତସିଂହପୁର ଜିଲ୍ଲା ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଭାବେ ପଦୋନ୍ନତି ପାଇ ବଦଳି ହୋଇଛି। ସରକାରୀ ନିର୍ଦ୍ଦେଶ ନାମା ଅନୁଯାୟୀ ବଣାଇଁ ଉପଖଣ୍ଡ ପାଇଁ କାହାକୁ ଦାୟିତ୍ୱ ମିଳିନାହିଁ।

# ପ୍ରେମିକାର ତଣ୍ଟିକାଟି ହତ୍ୟା: ଅଭିଯୁକ୍ତ ଗିରଫ

**ରାଉରକେଲା, ୧୨।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଟାଉନଥାନା ଅଧୀନ ରସରାଜପୁର ଗାଁର ଜଣେ ନାବାଳିକାକୁ ତାଙ୍କ ପ୍ରେମିକ ତଣ୍ଟିକାଟି ହତ୍ୟା କରିଛି। ଏହି ଘଟଣାରେ ପୁଲିସ ହତ୍ୟାକାରୀ ଯୁବକକୁ କାବୁ କରି ଥାନାରେ ପଚରାଉଚରା କରୁଥିବା ଜଣାପଡ଼ିଛି। ସୂଚନା ମୁତାବକ କିଞ୍ଜିରକେଲା ଅଧୀନ ଗୁଣ୍ଡିଆଡ଼ିହ ଗାଁରେ ବାସ କରୁଥିବା ସନ୍ତୋଷ କୁମାର ଟପ୍ପୋ(୨୩) କେରଳରେ କାମ କରୁଥିଲା। ସେ ଗତ ଡିସେମ୍ବରରୁ ଗାଁରେ ଥିଲା। ସନ୍ତୋଷର ସୁନ୍ଦରଗଡ଼ ଟାଉନଥାନା ଅଧୀନ ରସରାଜପୁର ଗାଁରେ ବାସ କରୁଥିବା ଜଣେ ନାବାଳିକାଙ୍କ ପ୍ରେମ ସମ୍ପର୍କ ରହିଥିଲା। ଗୁରୁବାର ସନ୍ଧ୍ୟାରେ କିଞ୍ଜିରକେଲାରୁ ରସରାଜପୁର ପ୍ରେମିକାକୁ ଦେଖା କରିବାକୁ ଯାଇଥିଲା। ସେଠାରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ପରେ ଘଟଣା ଉଗ୍ର ରୂପ ଧାରଣ କରିଥିଲା। ରକ୍ତମୁଖା ସନ୍ତୋଷ ଏକ ଛୁରିରେ ନାବାଳିକାର ଗଳାକାଟି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲା। ଖବର ପାଇ ଏସ୍‌ପି ଅମ୍ରିତପାଲ କୌର ଘଟଣାର ତଦନ୍ତ କରିବା ପାଇଁ ବିଭାଗୀୟ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର, ଟାଉନ ଥାନା ଆଇଆଇସି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ହତ୍ୟାକାରୀ ସନ୍ତୋଷ ଟପ୍ପୋକୁ ଗିରଫ କରିଥିବା ଜଣାପଡ଼ିଛି। ମୃତ ନାବାଳିକାର ଶବକୁ ମର୍ଗ ହାଉସରେ ରଖାଯାଇଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ପ୍ରଗତି ଉତ୍କଳ ସଂଘରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ



**ରାଉରକେଲା, ୧୨।୩(ସମିସ):** ପ୍ରଗତି ଉତ୍କଳ ସଂଘ ଓ ଓଡ଼ିଆ ଭାଷା ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ସଂଘ ପରିସରରେ ପାଳିତ ହୋଇଯାଇଛି। ସଂଘର ଅନ୍ୟତମ ଉପ ସଭାପତି ଡ. ପ୍ରଭାତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ନଗେନ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶାସ୍ତ୍ରୀୟ ଭାଷା ଦିବସ ପାଳିତ ସମ୍ପର୍କରେ ଆଲୋଚନା କରିଥଲେ। ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ କଥିତ ଓଡ଼ିଆ ଓ ଲିଖିତ ଓଡ଼ିଆ ମଧ୍ୟରେ ପାର୍ଥକ୍ୟ ରହିଛି। ଶିକ୍ଷାକୁ ଶକ୍ତିଶାଳୀ କରିଲେ ଭାଷାର ଅବକ୍ଷୟ ହେବନାହିଁ। ଜ୍ଞାନର ବୃଦ୍ଧି ବଳରେ ସଂସ୍କୃତି ପରିପ୍ରକାଶ ଘଟିଥାଏ। ସଂସ୍କୃତ କୌଣସି ସମୟରେ କଥିତଭାଷା ନଥିଲା ବୋଲି ସେ ମତ ରଖିଥିଲେ। ସଭାପତି ଡ. ପ୍ରଭାତ କୁମାର ମଲ୍ଲିକ ତାଙ୍କର ସଭାପତିତ୍ୱ ଅଭିଭାଷଣରେ ଓଡ଼ିଆ ଭାଷାକୁ ବ୍ୟକ୍ତିଗତ, ପ୍ରଶାସନିକ ଓ ଅନୁଷ୍ଠାନ ମାନଙ୍କରେ ବ୍ୟବହାର, ଏପରିକି ଛୋଟ ଛୋଟ କଥାରେ ଓଡ଼ିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଭାଷାର ପ୍ରକାରଭେଦ, ଉତ୍ପତ୍ତି ଓ ଏହାର ଅସ୍ମିତାର କଥା ଉଦାହରଣ ମାଧ୍ୟମରେ ବୁଝାଇ ଥିଲେ। ଓଡ଼ିଆ ଭାଷା ବିକାଶ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଉପରେ ପ୍ରାକ୍ ସୂଚନା ଦେବା ସହ କହିଲେ ୨୦୧୪ ରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସହ ଏହାର ଐତିହ୍ୟ ଓ ସଂଘର୍ଷମୟ ଇତିହାସ ଉପରେ ପ୍ରାମାଣିକ ତଥ୍ୟ ପ୍ରଦାନ କରିଥିଲେ। ଭାଷାହିଁ ଜାତିର ପରିଚୟ ଓ ପ୍ରାଚୀନତା ଦୃଷ୍ଟିରୁ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥାଏ ବୋଲି ମତ ରଖିଥିଲେ। ସାଂସ୍କୃତିକ ସମ୍ପାଦକ ଇଂ ଅଶୋକ କୁମାର ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ରଶ୍ମୀ ସାହୁ ଓ ଗୀତାରାଣୀ ବେହେରାଙ୍କ କବିତା ସଂଯୋଜନାରେ କବି ଡ. କୃପାସିନ୍ଧୁ ନାୟକ, ସୁନୀଲ କୁମାର ଦାଶ, ପରେଶ ବିଶ୍ୱାଳ, ପ୍ରତାପ କୁମାର ପଣ୍ଡା, ସତ୍ୟ ନାରାୟଣ ଦାଶ, କାଶୀନାଥ ପାତ୍ର, ଗଦାଧର ରଥ, ଧନଞ୍ଜୟ ମଲ୍ଲିକ, ଅଶୋକ କୁମାର ପଟ୍ଟନାୟକ, ବିନତା ମହାନ୍ତ, ଚାରୁଲତା ପ୍ରଧାନ, ଅର୍ଚ୍ଚନା ପାତ୍ର, ରଶ୍ମୀ ସାହୁ ଓ ଗୀତାରାଣି ବେହେରା କବିତା ପାଠ କରିଥିଲେ। ସାଧାରଣ ସମ୍ପାଦକ ରାଧାମୋହନ ନାୟକ, ଘନଶ୍ୟାମ ଧଳ, ଅକ୍ଷୟ କୁମାର ସାମଲ, ବରୁଣ ନାହାକ, ଶାନ୍ତନୁ କୁମାର ମହାନ୍ତି, ଧରଣୀଧର ସାମଲ, ନାରାୟଣ ଚନ୍ଦ୍ର ମହାନ୍ତ, ଦିବାକର ଦାସ, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ସୁବାସ ମହାପାତ୍ର, ଇନ୍ଦ୍ରମଣି ମହାପାତ୍ର, ବାସୁଦେବ ସାହୁ, କୈଳାଶ ଚନ୍ଦ୍ର ମହାଲି, ଦେବେନ୍ଦ୍ରନାଥ ଆଚାର୍ଯ୍ୟ ଓ ଦିଲ୍ଲୀପ କୁମାର ମହାନ୍ତ ସହଯୋଗ କରିଥିଲେ।

# ଡିପୋରେ ନିଆଁ ଲାଗି ମୂଲ୍ୟବାନ କାଠ ଭସ୍ମ



**ଲହୁଣିପଡ଼ା, ୧୨।୩(ସମିସ):** ଲହୁଣିପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତସ୍ଥିତ ମିଶ୍ରପାଲି ଗ୍ରାମ୍ୟ ଜଙ୍ଗଲକୁ ଲାଗି ରହିଥିବା କାଠ ଡିପୋରେ ନିଆଁ ଲାଗି ଲାକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଭସ୍ମୀଭୂତ ହୋଇଥିବା ଦେଖିବାକୁ ମିଳିଛି। ମୂଲ୍ୟବାନ କାଠ ଗଣ୍ଡି ମଧ୍ୟରେ ଶାଳ, ଅସନ, ବଂଗଡ଼ା, ଧଉରା, ହସି, କାଠ ଗଣ୍ଡି ଗଦା ହୋଇ ରହିଥିବାବେଳେ ପ୍ରାୟ ୨୦ରୁ ଅଧିକ କାଠ ଗଣ୍ଡି ଗଦାରେ ନିଆଁ ଲାଗି ପ୍ରାୟ ୫୦୦୦ ସିଫ୍ଟର କାଠରେ ନିଆଁ ଲାଗି ଥିବା ଦେଖିବାକୁ ମିଳିଥିଲା। ଗୁରୁବାର ଅପରାହ୍ନରେ କେହି ଦୁର୍ବୃତ୍ତ କାଠ ଡିପୋ ପାର୍ଶ୍ୱ ଚାଷ ଜମିରେ ନିଆଁ ଲଗାଇ ଦେଇଥିବାରୁ ସେହି ନିଆଁ ପବନ ଯୋଗୁଁ ଚାରିଆଡେ ବ୍ୟାପି ଯାଇ କାଠ ଡିପୋ ଏବଂ ଗ୍ରାମ୍ୟ ଜଙ୍ଗଲ ଆଡକୁ ମାଡି ଆସି ଡିପୋ ଭିତରେ ଗଦା ହୋଇ ରହିଥିବା କାଠ ଗଦାରେ ଲାଗିଯାଇଥିଲା। ଅଗ୍ନିଶମ ବିଭାଗର ୨ଟି ଗାଡ଼ି ସହିତ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନିଆଁକୁ ଆୟତ କରିଥିଲେ।

# ଗ୍ରାମୀଣ ମହିଳାଙ୍କୁ କନ୍ଥା ସିଲେଇ ତାଲିମ ପ୍ରଦାନ

**ରାଉରକେଲା, ୧୨।୩(ସମିସ):** ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ, ରାଞ୍ଚି, ଲିଡ୍ସ ସହଯୋଗରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଅବହେଳିତ ମହିଳାମାନଙ୍କ ପାଇଁ କନ୍ଥା ସିଲେଇ ଏବଂ କପଡ଼ା ଚିତ୍ରକଳା ଉପରେ ଏକ ତିନିମାସିଆ ଜୀବିକା ନିର୍ବାହ ତାଲିମ କାର୍ଯ୍ୟକ୍ରମ ସମାପ୍ତ କରିଛି। ଆର୍‌ଏସ୍‌ପିର ସିଜିଏମ୍ (ଟିଇଓ ହର୍ଟିକଲ୍‌ଚର) ବିଜୟ ଜଣାଇଥିଲେ ଏବଂ ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବକୁ ପ୍ରଶଂସା କରିଥିଲେ। ସେ ମହିଳାମାନଙ୍କୁ ସଶକ୍ତ କରିବା ଏବଂ କନ୍ଥା ସିଲେଇ ଏବଂ କପଡ଼ା ଚିତ୍ରକଳା ଭଳି ଆଦିବାସୀ କଳାରୂପ ସଂରକ୍ଷଣ କରିବାରେ ଏପରି ଦକ୍ଷତା ବିକାଶ ପଦକ୍ଷେପର ପ୍ରଶଂସା କରିଥିଲେ। ଶ୍ରୀ ମଲ୍ଲିକ ତାଙ୍କ ବକ୍ତବ୍ୟରେ ପ୍ରକଳ୍ପର ସଫଳତା ଉପରେ ଆଲୋକପାତ




କୁମାର ଯୋଯୋ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର, ଜିଏମ୍ ବିଭାବାସୁ ମଲ୍ଲିକ, ଲିଡ୍ସର ନିର୍ଦ୍ଦେଶକ ଏକେ ସିଂହ ଏବଂ ଆର୍‌ଏସ୍‌ପି ଓ ଲିଡ୍ସ ଏବଂ ବ୍ଲକ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଜୋଜୋ ଅଂଶଗ୍ରହଣକାରୀମାନଙ୍କୁ ତାଲିମ ସଫଳତାର ସହିତ ସମାପ୍ତ କରିବା ପାଇଁ ଅଭିନନ୍ଦନ କରିଥିଲେ ଏବଂ ଦକ୍ଷତା-ଭିତ୍ତିକ ଜୀବିକା କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାୟୀ ସମ୍ପ୍ରଦାୟ ବିକାଶ ପାଇଁ କାରଖାନାର ପ୍ରତିବଦ୍ଧତାକୁ ଦୋହରାଇ ଥିଲେ। ଡିଜିଏମ୍ (ସିଏସ୍‌ଆର) ଟି. ବି. ଟପ୍ପୋ ସମାବେଶକୁ ସ୍ୱାଗତ କରିଥିଲେ। ଶ୍ରୀ ଏ. କେ. ସିଂହ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ସେକ୍ସନ୍ ଆସୋସିଏଟ୍ (ସି ଏସ ଆର) ମହମ୍ମଦ ଜାହିଦ ଅଖତର ସଂଯୋଜନା କରିଥିଲେ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ




**ରାଉରକେଲା, ୧୨।୩(ସମିସ):** ଉତ୍କଳ ସମ୍ମିଳନୀ ଓ ବାସନ୍ତୀ ସାଂସ୍କୃତିକ ପରିଷଦ ପକ୍ଷରୁ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅସ୍ଥିଶଲ୍ୟ ଚିକିତ୍ସକ ଡାକ୍ତର ଉତ୍ତମ କୁମାର ଜେନା କହିଲେ ବୀରଭୂମି ଉତ୍କଳର ଦାୟାଦମାନେ ହିନମନ୍ୟତା ଠାରୁ ଦୂରେଇ ରହିବା ଉଚିତ। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରାଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ କହିଲେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ବାରବର୍ଷ ବିତିଯାଇଥିଲେ ମଧ୍ୟ ଆମେ ଆମର ମନୋଭାବକୁ ଦୃଢ଼ ଓ ସର୍ବୋଚ୍ଚ କରିପାରିନାହୁଁ। ଓଡ଼ିଆ ଜାତି କୌଣସି ପ୍ରକାର ହୀନମନ୍ୟତାକୁ ପସନ୍ଦ କରେ ନାହିଁ ବୋଲି ସେ କହିଥିଲେ। ସଭାପତି ସୁଦାମ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ କହିଲେ ଯେ, ଓଡ଼ିଶାର ଭାଷା ଏବଂ ଭୂଖଣ୍ଡକୁ ଅକ୍ଷୁର୍ଣ୍ଣ ରଖିବା ସମଗ୍ର ଓଡ଼ିଆମାନଙ୍କର ଧ୍ୟେୟ ହେବା ଉଚିତ। ଉପ ସଭାପତି ଚିତ୍ତରଞ୍ଜନ ଦାଶ, ନବଘନ ପାଣି, ବାସନ୍ତୀ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ସଭାପତି ଭଗବାନ ମହାପାତ୍ର ପ୍ରମୁଖ ଶାସ୍ତ୍ରୀୟ ଭାଷା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସଦସ୍ୟ ଜ୍ୟୋସ୍ନା ନାୟକ, ସୌଭାଗ୍ୟବତୀ ସାହୁ, ଉତ୍ତମ କୁମାର ବାରିକ, ଅଭିମନ୍ୟୁ ସ୍ୱାଇଁ, ଡ. ସୁବାସ ଲେଙ୍କା, ବିଜୟ କୁମାର ସାହୁ, ଅଜୟ ପ୍ରଧାନ, ପ୍ରଦୀପ କୁମାର ମହାନ୍ତି, ସୁନୀଲ କୁମାର ମହାନ୍ତି, ଲକ୍ଷ୍ମଣ ପରିଡ଼ା ସହଯୋଗ କରିଥିବା ବେଳେ ବିଭିନ୍ନ ଅନୁଷ୍ଠାନରୁ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଅନ୍ୟତମ ଉପ ସଭାପତି ଅନୀଲ କୁମାର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

## ‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା’

# ବିବାହ ବନ୍ଧନରେ ବାନ୍ଧିହେଲେ ୬୧ ଯୋଡ଼ା ବର

ରାଉରକେଲା, ୧୨।୩(ସମିସ)



ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା’ ଅଧୀନରେ ଜିଲ୍ଲାସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶଙ୍କରା ସ୍ଥିତ କଲ୍ୟାଣମଣ୍ଡପଠାରେ ଆୟୋଜିତ ଏହି ସାମୂହିକ ବିବାହ କାର୍ଯ୍ୟକ୍ରମରେ ଜିଲ୍ଲାର ୬୧ଟି ଯୋଡ଼ି ଅଂଶ ଗ୍ରହଣ କରି ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପ ଜିଲ୍ଲାପାଳ ତେଜସ୍ୱନୀ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡା ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସାମୂହିକ ବିବାହ କାର୍ଯ୍ୟକ୍ରମରେ ମୋଟ ୬୧ଟି ଯୋଡ଼ି ନିଜ ନିଜ ପିତାମାତା ଓ ପରିଜନମାନଙ୍କ ସହିତ ଯୋଗଦେଇ ପାରମ୍ପରିକ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏହାପର ନବ ଦମ୍ପତିମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଚେକ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ସାମାଜିକ ଅନୁଷ୍ଠାନ ଦିଶା କାର୍ଯ୍ୟାନ୍ୱୟନ ସଂସ୍ଥାଙ୍କ ଦ୍ୱାରା ସଫଳତାର ସହ ଆୟୋଜିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଝିଅ ବାହାଘର ନିମନ୍ତେ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ମୋଟ ୬୦ ହଜାର ସହାୟତା ରାଶିରୁ ୪୫ ହଜାର ହିତାଧିକାରୀଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ସିଧାସଳଖ ହସ୍ତାନ୍ତର କରାଯିବ ଏବଂ ୧୫ ହଜାର ଟଙ୍କା ବିବାହ ସାଜସଜ୍ଜା ନିମନ୍ତେ ପ୍ରଦାନ କରାଯିବ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିବା ପରିବାର ଗୁଡ଼ିକୁ ଏହି ଯୋଜନା ଅନ୍ତର୍ଗତ ବିବାହ ଆୟୋଜନ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ଯୋଜନାର ମାର୍ଗଦର୍ଶିତା ଅନୁଯାୟୀ ଝିଅର ବୟସ ୧୮ ବର୍ଷରୁ ୩୫ ବର୍ଷ ଏବଂ ପୁଅର ବୟସ ୨୧ ବର୍ଷ ରୁ ୩୫ ବର୍ଷ ହୋଇଥିବା ଆବଶ୍ୟକ। ପ୍ରଥମ ଥର ବିବାହ କରୁଥିଲେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ। ସେହିଭଳି ବିଧବା ମହିଳାଙ୍କ ପୁନଃ ବିବାହ ପାଇଁ ମଧ୍ୟ ଏହି ସହାୟତା ପ୍ରଦାନ କରାଯିବ। ସେହିଭଳି ବିଧବା, ଭିନ୍ନକ୍ଷମ, ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ନିମ୍ନ ଆୟଥିବା ପରିବାରଗୁଡ଼ିକ ଏହି ଯୋଜନାରେ ପ୍ରାଥମିକତା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

# ସରିପାରୁନି ବାଇପାସ୍ ରାସ୍ତା କାମ





**ବଲାଙ୍ଗିର,୧୨।୩(ସମିସ):** ବଲାଙ୍ଗିରବାସୀଙ୍କ ବାଇପାସ ସ୍ୱପ୍ନ ଆଜି ବି ଅପୂରଣୀୟ। କେନ୍ଦ୍ର ଜାତୀୟ ରାଜପଥ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ୧୧ କିମି ବାଇପାସ ରାସ୍ତା ଏପ୍ରିଲ ମାସ ଶେଷ ସୁଦ୍ଧା ସରିବା କଥା କିନ୍ତୁ ବିଭାଗୀୟ ରିପୋର୍ଟରେ ମାତ୍ର ୪୮ ପ୍ରତିଶତ କାମ ସରିଥିବା ସୂଚନା ଦିଆଯାଇଥିବା ବେଳେ ଗୋଟିଏ ମାସରେ ବାକିତକ ୫୨ ପ୍ରତିଶତ କାମ ସରିବା ନିହାତି ଭାବେ ଅସମ୍ଭବ। ଏପରିକି ୨୦୨୬ ଶେଷ ସୁଦ୍ଧା କାମ ସଂପୂର୍ଣ୍ଣ ହୋଇ ଲୋକାର୍ପଣ ହେବା ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଥିବା ବେଳେ ଜୁଲାଇ ଶେଷ ସୁଦ୍ଧା କାମ ସାରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ତେବେ ପୂର୍ବରୁ ହିଁ ମନ୍ଥର ଗତିରେ କାମ ଚାଲିଥିବା ଅଭିଯୋଗ ହେଉଥିବା ବେଳେ ବିଭାଗ ଏହାକୁ ଅସ୍ୱୀକାର କରିଆସୁଥିଲା କିନ୍ତୁ ଏବେ ବିଭାଗୀୟ ସୂଚନା ହିଁ ମନ୍ଥର ଗତିରେ କାମ ଚାଲିଥିବା ଅଭିଯୋଗକୁ ସ୍ପଷ୍ଟ କରିଛି। ତେବେ ଏହି ବାଇପାସ ପାଇଁ ଆଉ କେତେ ଅପେକ୍ଷା କରିବାକୁ ପଡିବ ତାହା ସବୁଠାରୁ ବଡ ପ୍ରଶ୍ନ ହୋଇ ରହିଛି।

ବଲାଙ୍ଗିର ସହର ଏକ ପୁରୁଣା ସହର। ଏହି ସହର ଦେଇ ଜାତୀୟ ରାଜପଥ ନଂ ୫୭ ଓ ୨୬ ଅତିକ୍ରମ କରିଛି। ଯାହାକି ରାଏପୁର ଓ ଆନ୍ଧ୍ରକୁ ସଂଯୋଗ କରିଥାଏ। ଏହିଭଳି ପରିସ୍ଥିତିରେ ସ୍ୱାଭାବିକ ଭାବେ ବହୁ ସଂଖ୍ୟାରେ ଯାନବାହାନା ଯାତାୟାତ କରିଥାଏ।

**ନିର୍ଦ୍ଧାରିତ ସମୟରେ ସରିବା ନେଇ ସନ୍ଦେହ**

**ମାତ୍ର ୪୮ ପ୍ରତିଶତ କାମ ସରିଛି**

**ଜୁଲାଇ ଶେଷ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ**

ଏହି ରାଜପଥରେ ଅନେକ ମୁଣ୍ଡ ଗଡିସାରିଥିବା ବେଳେ ବହୁ ବର୍ଷର ସ୍ୱପ୍ନ ବାଇପାସ ରାସ୍ତା ଆଜି ସାତ ସପନ ହୋଇରହିଛି। ଅବଶ୍ୟ ଜାତୀୟ ରାଜପଥ ଭାଗରେ ନିର୍ମାଣ ହେବାକୁ ଥିବା ୧୧ କିମି ରାସ୍ତା ନିର୍ମାଣ କାମ ଜାରି ରହିଛି। କିନ୍ତୁ ତାହା ଅତି ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହୋଇଛି। ବିଭାଗୀୟ ସୂଚନା ଅନୁସାରେ ଏହି ପ୍ରକଳ୍ପ ଫେବୃୟାରୀ ଶେଷ ସୁଦ୍ଧା ୪୮ ପ୍ରତିଶତ କାମ ସରିଛି। ସୂଚନା ଅନୁସାରେ ୧୧ କିମି ବାଇପାସ ରାସ୍ତା ଜାତୀୟ ରାଜପଥ ବିଭାଗ ନିର୍ମାଣ କରୁଛି। ଏହି କାମ ଶ୍ରୀ ଦୁର୍ଗା କନ୍ଦେଭ ପ୍ରାଇଭେଟ ଲିମିଟେଡକୁ ଟେଣ୍ଡର ବଳରେ ନିୟୋଜିତ କରାଯାଇଛି। ଏହି ବାଇପାସ ନିର୍ମାଣ କାମ ପାଇଁ ସଂପୃକ୍ତ ସଂସ୍ଥାକୁ ୨୦୨୩ ମସିହା ଏପ୍ରିଲ ୨୬ ତାରିଖରେ ନିଯୁକ୍ତି ଦିଆଯାଇଥିଲା। ତେବେ ଅଟକଳ ଅନୁସାରେ ଏହି କାମ ୨୦୨୬ ଏପ୍ରିଲ ୮ ତାରିଖ ସୁଦ୍ଧା ସଂପୂର୍ଣ୍ଣ ହୋଇଯିବା କଥା। କିନ୍ତୁ ଫେବୃୟାରୀ ଶେଷ ସୁଦ୍ଧା ମାତ୍ର ୪୮ ପ୍ରତିଶତ କାମ ସଂପୂର୍ଣ୍ଣ ହୋଇଛି। ଅଟକଳ ଅନୁସାରେ ଜିଏସବି ୧୧.୬୭ କିମିରୁ ୬.୮୨ କାମ ସରିଥିବା ବେଳେ ୪.୮୫ କିମି ବାକି ରହିଛି, ଡବ୍ଲୁଏମଏମ ୬.୫୬ କିମି ସରିଥିବା ବେଳେ ୫.୧୦୨କିମି ବାକି ରହିଛି, ଡିବିଏମ ୫.୧୪ କିମି ସଂପୂର୍ଣ୍ଣ ହୋଇଥିବା ବେଳେ ୬.୫୩ କିମି ବାକି ରହିଛି। ସେହିପରି ବିସି ୧୧.୬୭ କିମି ବାକି ରହିଛି। ସେହିପରି ଦୁଇଟି ଫ୍ଲାଇଓଭର ନିର୍ମାଣ କାମ ଚାଲିଥିବା ବେଳେ ତାହା ମଧ୍ୟ ସଂପୂର୍ଣ୍ଣ ହୋଇନାହିଁ। ଗ୍ରାଇଡର ଖଞ୍ଜିବା କାମ ଚାଲୁରହିଛି। ୨୯ଟି କଲଭର୍ଟ ମଧ୍ୟରୁ ୨୮ ଟି ସଂପୂର୍ଣ୍ଣ ହୋଇଥିବା ବେଳେ ଗୋଟିଏ ବାକି ରହିଛି। ଏହିଭଳି ଭାବେ ଆହୁରି ମଧ୍ୟ କାମ ବାକି ରହିଥିବା ବେଳେ ତାହା ଏପ୍ରିଲ ୮ ତାରିଖ ସୁଦ୍ଧା ସଂପୂର୍ଣ୍ଣ ହୋଇପାରିବ ନାହିଁ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାମ ଆସନ୍ତା ଜୁଲାଇ ୩୧ ସୁଦ୍ଧା ସାରିବାକୁ ସଂପୃକ୍ତ ଠିକ ସଂସ୍ଥା ସମୟ ମାଗିଥିବା ବେଳେ କାମର ମନ୍ଥରତା କୁ ଦେଖିଲେ ତାହା ମଧ୍ୟ ଏହି ସମୟସୀମା ଭିତରେ ସରିବା ନେଇ ସନ୍ଦେହ ପ୍ରକାଶ ପାଇଛି। ବହୁ ପ୍ରତୀକ୍ଷିତ ଏହି ବାଇପାସ ହେଲେ ଅନେକ ଲୋକଙ୍କ ଜୀବନ ବଞ୍ଚିବ। ବଲାଙ୍ଗିରରେ ବଢିଥିବା ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବା ସହ ସହରବାସୀଙ୍କ ଧନଜୀବନ ସୁରକ୍ଷିତ ରହିବ। ତେବେ ବିଭାଗୀୟ ଅଧିକାରୀ ଏହି କାମକୁ କେମିତି ପରିବର୍ଦ୍ଧିତ ସମୟସୀମା ଭିତରେ ସଂପୂର୍ଣ୍ଣ କରି ଅଗଷ୍ଟ ମାସ ପ୍ରଥମରୁ ହିଁ ଏହି ବାଇପାସ କାର୍ଯ୍ୟକ୍ଷମ କରିବା ଲକ୍ଷ୍ୟରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

### ଦିଲ୍ଲୀରେ ଜଳ ମହୋତ୍ସବ

## ସୁଲେକେଲା ସରପଞ୍ଚ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ



**ବଲାଙ୍ଗିର/ବେଲପଡ଼ା, ୧୨।୩ (ସମିସ):** କେନ୍ଦ୍ର ସରକାର ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ ଜଳ ଜୀବନ ମିଶନ ଯୋଜନା କାର୍ଯ୍ୟକାରୀ କରି ହର ଘର ଜଳ ମାଧ୍ୟମରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କରାଯାଉଛି। ଜଳ ଜୀବନ ମିଶନ ଯୋଜନାର ସଫଳ ରୂପାୟନ ଓ କାର୍ଯ୍ୟକାରିତା ଓ ଉଲ୍ଲେଖନୀୟ ଅବଦାନ ପାଇଁ ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ସୁଲେକେଲା ପଞ୍ଚାୟତର ସରପଞ୍ଚ ଶ୍ୟାମସୁନ୍ଦର ଚିରାଗୁନ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। କେନ୍ଦ୍ର ପାନୀୟ ଜଳ ଓ ପରିମଳ ବିଭାଗ ତରଫରୁ ନୂଆଦିଲ୍ଲୀର ବିଜ୍ଞାନ ଭବନର ପ୍ଲିନାରୀ ହଲ୍‌ରେ ଗାଁର ଉତ୍ସବ ଦେଶର ଉତ୍ସବ "ଜଳ ମହୋତ୍ସବ-୨୦୨୬' ଆୟୋଜିତ ହୋଇଥିଲା। ଆୟୋଜିତ ଜଳ ମହୋତ୍ସବ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜଳ ମହୋତ୍ସବରେ ଜଳ ଜୀବନ ମିଶନର ସଫଳତାର ସହ ନିଜ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଜଳ ଜୀବନ ମିଶନ କାର୍ଯ୍ୟକାରୀ କାରି ବର୍ତ୍ତମାନ ଓ ଆଗାମୀ ପିଢ଼ି ପାଇଁ ହର ଘର ଜଳର ସୁଫଳ ଓ ଉଲ୍ଲେଖନୀୟ ନେତୃତ୍ୱ ପାଇଁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଜଳ ଜୀବନ ମିଶନର ସଫଳ କାର୍ଯ୍ୟକାରିତା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସୁଲେକେଲା ସରପଞ୍ଚ ସମ୍ବର୍ଦ୍ଧିତ ହୋଇଥିଲେ। ପୂର୍ବରୁ ମଧ୍ୟ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ବର୍ଦ୍ଧିତ ହୋଇଥିଲେ। ସୁଲେକେଲା ପଞ୍ଚାୟତର ସରପଞ୍ଚ ନୂଆଦିଲ୍ଲୀଠାରେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ପରେ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।

**ଆଗଲପୁର ତହସିଲ**

## ଲୁଟ୍ ହେଉଛି ଲଘୁ ଖଣିଜ; ଅଧିକାରୀଙ୍କ ଅଣଦେଖା



ମାଫିଆଙ୍କ ପାଇଁ ସୁଯୋଗ

**ବଲାଙ୍ଗିର,୧୨।୩(ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ତହସିଲ ସାଲେଭଟା ଆରଆଇ ସର୍କଲ ଅଧୀନ କୁଟାସିଂହା ମୌଜାରେ ବହୁ ସରକାରୀ ଜମିକୁ ମାଫିଆମାନେ ଜବରଦଖଲ କରୁଥିବା ନେଇ ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀମାନଙ୍କ ଅଣଦେଖା ଯୋଗୁଁ ଜବରଦଖଲକାରୀମାନେ ସାହସ କରୁଥିବା ବେଳେ ସରକାରୀ ଜଳାଶୟକୁ ମଧ୍ୟ ଛାଡୁ ନ ଥିବା ଅଭିଯୋଗ ହୋଇଛି। ତେବେ ଏହି ଘଟଣାକୁ ସ୍ଥାନୀୟ ତହସିଲଦାର ସ୍ୱୀକାର କରିଥିବା ବେଳେ ଅଭିଯୋଗ ପାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା କହିଛନ୍ତି। ଅଭିଯୋଗ ଅନୁସାରେ ସାଲେଭଟା ଆରଆଇ ସର୍କଲ କୁଟାସିଂହା ମୌଜାର ସରକାରୀ ଖାତା ନଂ ୩୮୧ ରକ୍ଷିତ ପ୍ଲଟ ନଂ ୩୩୨୦ କିସମ ରୁଗୁଡ଼ିମୁଣ୍ଡାକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଚାଷ ଜମିରେ ପରିଣତ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ନିକଟସ୍ଥ ତଳିଆ ଚାଷୀଙ୍କ କହିବାନୁସାରେ ଉକ୍ତ ସ୍ଥାନରେ ପାଣି ଗଚ୍ଛିତ ରହୁଥିଲା ଯଦ୍ୱାରା ସହଜରେ ନିଜ ଜମିରେ ଚାଷୀମାନେ ପାଣି ମଡେଇ ପାରୁଥିଲେ। ହେଲେ କିଛି ଦିନ ହେଲା ଏହି ରୁଗୁଡ଼ିମୁଣ୍ଡାରେ ଜେସିବି ଓ ଟ୍ରାକ୍ଟର ସହାୟତାରେ ଚାଷ କରିବା ପାଇଁ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଟ୍ରାକ୍ଟର ଯୋଗେ ମାଟି ପରିବହନ କରି ବିକ୍ରି କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ଏ ସମ୍ପର୍କରେ ସ୍ଥାନୀୟ ଚାଷୀମାନେ ଜିଲ୍ଲା ଖଣି ଅଧିକାରୀ, ଆଗଲପୁର ତହସିଲଦାର ଓ ସାଲେଭଟା ଆରଆଇଙ୍କୁ ସୂଚନା ଦେଇଥିଲେ ସୁଦ୍ଧା କେହି ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ସ୍ଥାନୀୟ ତହସିଲଦାର ନବୀନ କିଶୋର ପାଢ଼ୀଙ୍କୁ ପଚାରିବାରୁ ଏନେଇ ତାଙ୍କ ପାଖରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଗୁରୁବାର ପୁଲିସ ଓ ଖଣି ବିଭାଗର ଅଧିକାରୀ ସେହି ସ୍ଥାନକୁ ଯାଇ ଯାଞ୍ଚ କରିଥିଲେ। କିଛି ମାଟି କାମ ହୋଇଛି; କିନ୍ତୁ ଚଢ଼ଉ ସମୟରେ କେହି ଉପସ୍ଥିତ ନ ଥିବାରୁ ସେଠାକାର ଫଟୋ ଆଣି ତଦନ୍ତ ଚାଲିଛି ବୋଲି କହିଛନ୍ତି। ଏନେଇ କିଛି ବି ପ୍ରମାଣ ମିଳିଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଶ୍ରୀ ପାଢ଼ୀ ପ୍ରତିକ୍ରିୟାରେ କହିଛନ୍ତି। ତେବେ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ମନୋଭାବ ଯୋଗୁଁ ଲଘୁଖଣିଜ ମାଫିଆମାନେ ସହଜରେ ସରକାରୀ ଜମିକୁ ଜବରଦଖଲ କରିବା ସହ ଲଘୁ ଖଣିଜକୁ ଲୁଟ୍ କରୁଥିବା ସ୍ପଷ୍ଟ ହୋଇଛି। ସୂଚନା ଯୋଗ୍ୟ ଯେ ଆଗଲପୁର ବ୍ଲକରେ ବାଲି, ପଥର, ମୋରୁମ ଭଳି ଲଘୁଖଣିଜ ଦ୍ରବ୍ୟର ଦୈନିକ ବହୁ ପରିମାଣରେ ଲୁଟ ହେଉଥିବା ଜଣା ଯାଇଛି। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ବିଧାନସଭାରେ କଳିକେଶଙ୍କ ଉଦ୍‌ବେଗ

## ଖଣି ନିଲାମ ହୋଇଛି; କିନ୍ତୁ ଶିଳ୍ପର ପ୍ରସ୍ତାବ ନାହିଁ



**ବଲାଙ୍ଗିର,୧୨।୩(ସମିସ):** ଓଡ଼ିଶା ବିଧାନସଭାରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସମସ୍ୟାକୁ ନେଇ ବଲାଙ୍ଗିର ବିଧାୟକ କଳିକେଶନାରାୟଣ ସିଂଦେଓ ଦୃଢ ସ୍ୱର ଉତ୍ତୋଳନ କରିଛନ୍ତି। ଜିଲ୍ଲାର ପାନୀୟଜଳ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତାଉନ୍ନତିକରଣ, ଯୁବକ/ଯୁବତୀଙ୍କ ନିଯୁକ୍ତି ପ୍ରସଙ୍ଗକୁ ନେଇ ସରକାରଙ୍କୁ ବିରୋଧୀ ବିଧାୟକ ଭାବରେ ସେ ଘେରିଛନ୍ତି। ବଲାଙ୍ଗିର ଜିଲ୍ଲାରେ ସରକାର କରିବାକୁ ଥିବା ଖଣିପ୍ରକଳ୍ପରେ ଜିଲ୍ଲାର କେତେ ନିଯୁକ୍ତି ସୁଯୋଗ ପାଇବେ ବୋଲି ପ୍ରଶ୍ନ ଉଠାଇଛନ୍ତି। ଚଳିତ ବିଧାନସଭା ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ସ୍କୁଲ କଲେଜ, ସ୍ୱାସ୍ଥ୍ୟକେନ୍ଦ୍ର ତଥା ରାସ୍ତାଉନ୍ନତୀକରଣ ନେଇ ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗର ମନ୍ତ୍ରୀଙ୍କୁ ଜିଲ୍ଲାର ଭିତ୍ତିଭୂମି ଉପରେ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ତାଙ୍କର ଉତ୍ତରରେ ବଲାଙ୍ଗିର ନିର୍ବାଚନମଣ୍ଡଳି ତଥା ବଲାଙ୍ଗିର ଓ କଣ୍ଟାବାଞ୍ଜି ଡିଭିଜନ ପକ୍ଷରୁ ଭିତ୍ତିଭୂମି ନିର୍ମାଣ ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ଉତ୍ତର ରଖିଥିଲେ। ଏହା ସହିତ ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ପଚରାଯାଇଥିବା ଏକ ପଶ୍ନର ଉତ୍ତରରେ ବଲାଙ୍ଗିର ଟାଉନ ଥାନାର ଏକ ନୂତନ ବିଲ୍ଡିଂ ନିର୍ମାଣର ଏକ ପ୍ରସ୍ତାବ ରହିଥିବା ଉତ୍ତର ରଖିଥିଲେ। ଠିକ ସେହିପରି ସ୍ୱାସ୍ଥ୍ୟ ତଥା ବୈଦ୍ୟୁତିକ ବୈଷୟିକ ବିଭାଗର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ପଚରାଯାଇଥିବା ପ୍ରଶ୍ନରେ ବଲାଙ୍ଗିର ଏକ ଆଇଟି ପାର୍କ ସ୍ଥାପନ ହେବାକୁ ଯାଉଛି ବୋଲି ଉତ୍ତର ରଖିଥିଲେ। ଜିଲ୍ଲାରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ନେଇ କଳିକେଶ ପ୍ରଶ୍ନ କରି ପ୍ରକଳ୍ପଗୁଡିକ ନିର୍ଦ୍ଧାରତ ସମୟରେ ସରୁ ନ ଥିବା ବିଷୟରେ ପ୍ରଶ୍ନ କରିଥିଲେ। ବିଭିନ୍ନ ବ୍ଲକଅଞ୍ଚଳରେ ପାନୀୟ ଜଳଯୋଗାଣ ପାଇଁ ଚାଲିଥିବା ପ୍ରକଳ୍ପଗୁଡିକ ଆସନ୍ତା ଜୁନ ଓ ଆଉ କିଛି ଡିସେମ୍ବର ସୁଦ୍ଧା ସରିଯିବ ବୋଲି ମନ୍ତ୍ରୀ ରବି ନାଏକ ଉତ୍ତର ରଖିଛନ୍ତି। ତେବେ ବଲାଙ୍ଗିର ଜିଲ୍ଲାରେ ଖଣିଖନନ ଓ ପରିବେଶ ସୁରକ୍ଷା ତଥା ଯୁବକ/ଯୁବତୀଙ୍କ ନିଯୁକ୍ତି ପ୍ରସଙ୍ଗରେ ନେଇ ବିଧାନସଭାରେ କଳିକେଶ କରିଥିବା ପ୍ରଶ୍ନରେ ଖଣିମନ୍ତ୍ରୀ ଉତ୍ତର ରଖି କହିଛନ୍ତି ଯେ,୨୦୨୫-୨୬ରେ ଜିଲ୍ଲାର ୪ଟି ଖଣି ବ୍ଲକ ନିଲାମ ହୋଇଛି। ଏଥିରେ ତେଲିପଦର-ଲୁକାପଡା-ପିପଲମୁଣ୍ଡା ଚୁନପଥର ଖଣିକୁ ରାଜ୍ୟସରକାର ନିଲାମ କରିଥିବା ବେଳେ ଭାରତସରକାରଙ୍କ ପକ୍ଷରୁ ଭରତବାହାଲ ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ, ଲରମ୍ବା ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ,କନେଇଟାଲ ଗ୍ରାଫାଇଟ ଓ ମାଙ୍ଗାନିଜ ଖଣିବ୍ଲକକୁ ନିଲାମ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ଜିଲ୍ଲାରେ କୌଣସି ଖଣିଭିତ୍ତିକ ଶିଳ୍ପ ସ୍ଥାପନ ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି। ଜିଲ୍ଲାରେ ବନୀକରଣ, ବେକାର ଯୁବକ/ଯୁବତୀଙ୍କୁ ତାଲିମ ଇତ୍ୟାଦି ପ୍ରସଙ୍ଗରେ ମଧ୍ୟ ବିଧାୟକ ଶ୍ରୀ ସିଂଦେଓ ପ୍ରଶ୍ନ ଉପସ୍ଥାପନ କରିଛନ୍ତି।

## ଜମି ବିବାଦ; ହତ୍ୟା ମାମଲାରେ ଦୁଇ ଦୋଷୀ ସାବ୍ୟସ୍ତ

**ବଲାଙ୍ଗିର,୧୨।୩(ସମିସ):** ବଲାଙ୍ଗିର ଜିଲ୍ଲାରେ ୨୦୧୮ ମସିହାରେ ଜମିବାଡ଼ି ବିବାଦକୁ ନେଇ ସଂଗଠିତ ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଦ୍ୱିତୀୟ) ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ରାମସିଂହା ଗାଁରେ ୨୦୧୮ ମସିହାରେ ଜମିବାଡ଼ି ବିବାଦକୁ ନେଇ ଏକ ହତ୍ୟାକାଣ୍ଡ ହୋଇଥିଲା। ଅଭିଯୁକ୍ତ ଅରକ୍ଷିତ ତ୍ରିପାଠୀ ଓ ସୁଜିତ ତ୍ରିପାଠୀ ଟାଙ୍ଗିଆରେ ଆକ୍ରମଣ କରି ଅନ୍ୟ ଏକ ପରିବାର ୪ଜଣଙ୍କୁ ଲହୁଲୁହାଣ କରିଥିଲେ। ଏଥିରେ ଗୁରୁତର ଆହତ ହୋଇଥିବା ନିଳାଦ୍ରୀ ତ୍ରିପାଠୀଙ୍କ ପରବର୍ତ୍ତୀ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହି ମାମଲା ଚାଲିଥିବା ବେଳେ ଶୁକ୍ରବାର ଏହାର ଶୁଣାଣି ହୋଇଛି। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୁରଜିତ ସିଂ ନାୟକ ମାମଲା ପରିଚାଳନା କରିଥିଲେ। ଏହି ହତ୍ୟା ମାମଲାରେ ୨ ଦୋଷୀ ଅରକ୍ଷିତ ତ୍ରିପାଠୀ ଓ ସୁଜିତ ତ୍ରିପାଠୀଙ୍କୁ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି।

### ଜିଲ୍ଲା ଛାତ୍ର କଂଗ୍ରେସର ପ୍ରସ୍ତାବ

## ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ପାର୍କିଂ ଜୋନ ଓ ସ୍ପିଡ୍ ବ୍ରେକର ଦାବି





**ବଲାଙ୍ଗିର,୧୨।୩(ସମିସ):** ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସ (ଏନ୍‌ଏସ୍‌ୟୁଆଇ) ସଭାପତି ଚିନ୍ମୟ ବେହେରାଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସର ଏକ ଦଳ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର କୁଳପତି ଓ କୁଳସଚିବଙ୍କୁ ଆଜି ଏକ ଦାବିପତ୍ର ପ୍ରଦାନ କରିଛି। ଛାତ୍ରଛାତ୍ରୀଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ଛାତ୍ର କଂଗରେସ ପକ୍ଷରୁ ନୂତନ ଏକାଡେମିକ ବିଲଡିଂ ସମ୍ମୁଖରେ ଏକ ସୁବ୍ୟବସ୍ଥିତ ପାର୍କିଂ ଜୋନ ସୃଷ୍ଟି କରିବା ସହିତ ବିଶ୍ୱ ବିଦ୍ୟାଳୟ ରାସ୍ତାରେ ସ୍ପିଡ୍‌ବ୍ରେକର ଓ ସ୍ପିଡ୍ ସିଗନାଲ ସ୍ଥାପନ କରିବାକୁ ଦାବି କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ବେହେରାଙ୍କ କହିବା ଅନୁଯାୟୀ, ବିଶ୍ୱବିଦ୍ୟାଳୟମାର୍ଗରେ ଯାନବାହନର ଗତି ଅଧିକ ଥିବାରୁ ଛାତ୍ରଛାତ୍ରୀ ଅନେକ ସମୟରେ ଅସୁରକ୍ଷିତ ଅନୁଭବ କରୁଛନ୍ତି। ଏହା ସହିତ ନୂତନ ଏକାଡେମିକ ବିଲଡିଂ ପାଖରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଛାତ୍ରଛାତ୍ରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ପରେ କୁଳପତି ଓ କୁଳ ସଚିବ ଛାତ୍ର ପ୍ରତିନିଧିମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ଯଥା ଶୀଘ୍ର ଏହି ସମସ୍ତ ଦାବିଗୁଡିକ ପୂରଣ କରାଯିବ।

## ଜିଲ୍ଲା ବ୍ରାହ୍ମଣ ମହାସଭାର ତ୍ରୈମାସିକ ସାଧାରଣ ସଭା



**ବଲାଙ୍ଗିର,୧୨।୩(ସମିସ):** ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରାଣ ବଲ୍ଲଭ ତ୍ରିପାଠିଙ୍କ ସଭାପତିତ୍ୱରେ ଶ୍ରୀନୃସିଂହ ମନ୍ଦିର ପ୍ରାଙ୍ଗଣରେ ଏହା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ନରେନ୍ଦ୍ର ଆ.ର୍ଯ୍ୟ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ତାହା ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିଲା। ଆଗାମୀ ୧୬ରେ ଅନୁଷ୍ଠିତ ହେବାକୁ ଥିବା ନିଶୁଳ୍କ ସାମୂହିକ ବ୍ରତ ଉପରେ ସବିସ୍ତୃତ ଆଲୋଚନା ହୋଇ ସହରର ବିଭିନ୍ନ ସମାଜ ବର୍ଗ ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଏହି ପବିତ୍ର କାର୍ଯ୍ୟରେ ସାମିଲ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବ୍ରତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ କରିବା ପାଇଁ ବିଭିନ୍ନ କମିଟି ଗୁଡିକ ଗଠନ କରାଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ହସ୍ତଗତ ତଥ୍ୟ ଅନୁସାରେ ପ୍ରାୟ ୧୫ ଜଣ ବଟୁଧାରୀଙ୍କର ସାମୂହିକ ବ୍ରତରେ ସାମିଲ ହେବାର ସୂଚନା ମିଳିଛି। ବଲାଙ୍ଗିର ଜିଲ୍ଲା ବୈଦିକ କର୍ମକାଣ୍ଡି ପଣ୍ଡିତ ମହାସଂଘ ସମ୍ପୂର୍ଣ୍ଣ ବ୍ରତ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱଇଚ୍ଛାରେ ମତପ୍ରକାଶ କରିଛନ୍ତି। ଏପରି ମହାନ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲ ବ୍ରାହ୍ମଣ ମହାସଭା ତରଫରୁ କୃତଜ୍ଞତା ପ୍ରକାଶ କରାଯାଇଛି। ଆସନ୍ତା ପର୍ଶୁରାମ ଜୟନ୍ତୀ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରି କିପରି ଏକ ବିରାଟ ସମାବେଶ କରାଯାଇ ଭଗବାନ ଶ୍ରୀ ପର୍ଶୁରାମଙ୍କ ମୂର୍ତ୍ତି ସ୍ଥାପନ ଓ ଉଦ୍‌ଘାଟନ କରାଯିବ। ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲା ପ୍ରଶାସନ ଓ ବଲାଙ୍ଗିର ପୌର ପରିଷଦର ଆକୁଣ୍ଠ ସହଯୋଗକୁ ମଧ୍ୟ ଭୂୟସୀ ପ୍ରଶଂସା କରାଯାଇଥିଲା।

## ରାସ୍ତାରେ ଭାସୁଛି ଡ୍ରେନ୍ ପାଣି



**ମୁରିବାହାଲ ବ୍ଲକ୍ ପତ୍ରାପାଲି (କ)ରେ ଜନଅସନ୍ତୋଷ**

**ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ରାସ୍ତା ପାଲଟିଛି ନର୍ଦ୍ଦମା**

**ଅସନ୍ତୁଷ୍ଟ ମହିଳାଙ୍କ ପ୍ରଶାସନିକ ଦୃଷ୍ଟି ଆକର୍ଷଣ**

**ମୁରିବାହାଲ,୧୨।୩ (ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ପତ୍ରାପାଲି(କ) ଗାଁରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗାଁର ମୁଖ୍ୟ ରାସ୍ତାରେ ଦୀର୍ଘ ଦିନ ହେବ ଡ୍ରେନେଜ୍ ସୁବିଧା ନ ଥିବାରୁ ଏବେ ସାଧାରଣ ଯାତାୟାତ ପାଇଁ ରାସ୍ତାଟି ଏକ ନର୍ଦ୍ଦମାରେ ପରିଣତ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗାଁରେ ଉପଯୁକ୍ତ ନାଳ ନ ଥିବାରୁ ଲୋକେ ବ୍ୟବହାର କରୁଥିବା ପାଣି ସହ ଷ୍ଟାଣ୍ଡ ପୋଷ୍ଟର ପିଇବା ପାଣି ମଧ୍ୟ ରାସ୍ତା ଉପରକୁ ଛାଡ଼ି ଦିଆଯାଉଛି। ଫଳରେ ରାସ୍ତା ସାରା ପାଣି ଓ କାଦୁଅ ଜମି ରହୁଛି। ଏହି ଅପରିଷ୍କାର ପାଣି ଯୋଗୁଁ ଦୁର୍ଗନ୍ଧ ହେବା ସହ ମଶା ଓ ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି, ଯାହା ଗାଁରେ ସଂକ୍ରାମକ ରୋଗ ବ୍ୟାପିବାର ଭୟ ସୃଷ୍ଟି କରୁଛି। ଏହି ସମସ୍ୟାକୁ ନେଇ ଗାଁର ମହିଳାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପିଲାମାନେ ସ୍କୁଲ ଯିବା ଆସିବା ବେଳେ ଏହି ଅପରିଷ୍କାର ପାଣିରେ ପଡି ଯାଉଛନ୍ତି। ଗାଁରେ ତୁରନ୍ତ ଏକ ଡ୍ରେନ୍ ନିର୍ମାଣ କରି ପରିମଳ ବ୍ୟବସ୍ଥା ଠିକ କରିବା ପାଇଁ ମହିଳା ମାନେ ଦାବି କରିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି।

**ଗୋଇମୁଣ୍ଡରେ ବସୁଧା ଯୋଜନା ବାଟବଣା**

## ସରିଗଲାଣି ନିର୍ମାଣ ଅବଧି; କାମ ସରୁନି



**ଗ୍ରୀଷ୍ମ ଆରମ୍ଭରୁ ଜଳ ସଙ୍କଟ**

**ପାନୀୟ ଜଳ ପାଇଁ ଫିଟୁନି ବାଟ କି ହେଉନି ବିକାଶ**

**ମୁରିବାହାଲ,୧୨।୩(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ପଞ୍ଚାୟତ ମୁଖ୍ୟାଳୟରେ ବସୁଧା ଯୋଜନାରୁ ନିର୍ମାଣ ହେଉଥିବା ଓଭରହେଡ଼ ପାଣିଟାଙ୍କି ଠିକାଦାରଙ୍କ ଅବହେଳା କାରଣରୁ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଗାଁରେ ପାନୀୟ ଜଳ ସଙ୍କଟ ଥିବାବେଳେ ଏବେ ଏକ ମାତ୍ର ସାହା ଭରସା ଲୌହ ମିଶ୍ରିତ ନଳକୂପ ପାଣି। ଗୋଇମୁଣ୍ଡ ଖେଳ ପଡିଆ ପାର୍ଶ୍ୱରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ୨୦୨୫ରେ କାର୍ଯ୍ୟ ଆରମ୍ଭ ହୋଇ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେପଟେ ଠିକାଦାରଙ୍କ ଅବହେଳା ଯୋଗୁଁ ବିନା ତାର ବାଡ଼ ବା ସଚେତନ ବୋଡର୍ ନ ଥିବା କାରଣରୁ ଖେଳ ପଡ଼ିଆ ପାଖରେ କାର୍ଯ୍ୟ ଅଧା ହୋଇ ପଡ଼ିଥିବା ଓଭରହେଡ଼ ଟ୍ୟାଙ୍କରେ ବ୍ୟବହାର ହୋଇଥିବା ଓଜନିଆ ସାମଗ୍ରୀ କାହା ଉପରେ ପଡ଼ି ଦୁର୍ଘଟଣା ଘଟିପାରେ ବୋଲି ମଧ୍ୟ ଲୋକେ ଭୟଭୀତ ହୋଇ ଅଭିଯୋଗ କରିଛନ୍ତି। ସରକାରୀ ଯୋଜନା ଥାଇ ମଧ୍ୟ କେଉଁଠି ପାଣି ମିଳୁ ନ ଥିବାବେଳେ ଏବେ ଖରା ଦିନରେ ଗାଁ ଗାଁରେ ଟ୍ରାକ୍ଟର ପାଣି ଟାଙ୍କିରେ ପାଣି ଯୋଗାଣ କରି ବ୍ୟବସାୟୀ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ନେଇ ମାଲାମାଲ ହେଉଥିବା କହିଛନ୍ତି ଗ୍ରାମବାସୀ। ସେହିପରି ଗୋଇମୁଣ୍ଡ ପଞ୍ଚାୟତ ଗୁରୁଣ୍ଡା ଗ୍ରାମରେ ୨୫୪ ପରିବାର ଥାଇ ମଧ୍ୟ ପିଇବା ପାଣି ପାଇ କେବଳ ନଳକୂପ ଭରସା ଥିବାରୁ ଏକ ଓଭରହେଡ଼ ଟ୍ୟାଙ୍କ ହେଲେ ବିଶୁଦ୍ଧ ଜଳ ପାଇ ପାରିବୁ ବୋଲି ଲୋକେ କହିଛନ୍ତି। କାର୍ଯ୍ୟ ଶୀଘ୍ର ଆରମ୍ଭ କରି ଖରା ମାସରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଗୋଇମୁଣ୍ଡ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ପାନୀୟ ଜଳ ଯୋଗାଣ ଯନ୍ତ୍ରୀଙ୍କୁ ଫୋନରେ ଯୋଗାଯୋଗ କରିବାରୁ ମୁଁ ଦେଖୁଛି କଣ ହୋଇପାରିବ। ମୁଁ ଏବେ ଛୁଟିରେ ଅଛି କାର୍ଯ୍ୟରେ ଯୋଗ ଦେଲେ କ'ଣ ଅସୁବିଧା ହୋଇଛି ବୁଝିବି ବୋଲି ପ୍ରତିକ୍ରିୟା ରଖିଥିଲେ।

# ସମ୍ପାଦକୀୟ



ଯୁଦ୍ଧରେ ମହିଳାମାନେ ହିଁ ସବୁବେଳେ ଓ ସର୍ବପ୍ରଥମେ ପୀଡ଼ିତ ହୁଅନ୍ତି ।
-ହିଲାରି କ୍ଲିଣ୍ଟନ୍

ସକାଳ THE SAKALA

## ପ୍ରତିଶ୍ରୁତି ଓ ପ୍ରବଞ୍ଚନା

ନିର୍ବାଚନ ରାଜନୀତିରେ କ୍ଷମତାକୁ ଆକ୍ଷେପ କରି ଜନପ୍ରିୟତା ହାସଲ କରିବା ଏକ ରଣନୀତି ପଦକ୍ଷେପ ହୋଇପାରେ କିନ୍ତୁ ବାସ୍ତବତା ଯେ କେତେ ଭିନ୍ନ ତାହା ବୁଝିବାକୁ ନୂଆ କ୍ଷମତାକୁ ଆସିଥିବା ଦଳକୁ ବେଶୀ ସମୟ ଲାଗେନି । ସରକାର ବିଧାନସଭାରେ ଉପସ୍ଥାପନ କରୁଥିବା ତଥ୍ୟରୁ ନିଜ ବିଫଳତାକୁ ଘୋଡ଼ାଇ ରଖିବାରେ ଯେ ଅସମର୍ଥ ତାହା ସ୍ପଷ୍ଟ ହୋଇଛି । ଆମେ ଏଠାରେ କାହାକୁ ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ସମାଲୋଚନା କରିବାକୁ ଚାହୁଁନା । ପ୍ରସଙ୍ଗ ଓ ତଥ୍ୟକୁ ତର୍ଜମା କଲେ ସ୍ପଷ୍ଟ ମନେ ହୁଏ ଯେ ଦାଦନ ଓ ଧାନ ସଂଗ୍ରହ ଉଭୟ କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି । ଅଥଚ ନିର୍ବାଚନ ପ୍ରଚାର ବେଳେ ଏହି ପ୍ରସଙ୍ଗ ହିଁ ଜନମତକୁ ବିଭ୍ରାନ୍ତ କରିଥିଲା ଓ ସେହି ବିଭ୍ରାନ୍ତରୁ ହିଁ ସଫଳତା ସାଉଁଟି ଥିଲା ଏହି କ୍ଷମତାସୀନ ଦଳ । ନିର୍ବାଚନ ପ୍ରତିଶ୍ରୁତିର ଲମ୍ବା ତାଲିକା ଏଠାରେ ଉପସ୍ଥାପନ କରିବା ଅନାବଶ୍ୟକ । ସେଥିମଧ୍ୟରୁ ଯେଉଁ କେତୋଟି ପ୍ରସଙ୍ଗକୁ ସର୍ବାଧିକ ଗୁରୁତ୍ୱ ଦେଇ ସରକାର ହାତକୁ ନେଇଛନ୍ତି ସେଥିରେ ମଧ୍ୟ ସଫଳତା ହାସଲ ନ କରିବା କ୍ଷୋଭର ବିଷୟ ।

ଦାଦନ ସମସ୍ୟାର ସମାଧାନ ପାଇଁ ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ନିଷ୍କର୍ଷରେ ପହଞ୍ଚିପାରିନାହାନ୍ତି । ଅଥଚ ରାଜ୍ୟରୁ ଦାଦନ ଖଟିବାକୁ ଯାଉଥିବା ଲୋକଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି । ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୫ରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଲୋକଙ୍କ ସଂଖ୍ୟା ୯୨,୧୭୬ । ୨୦୨୪ରେ ଏହି ସଂଖ୍ୟା ଥିଲା ୭୦,୧୪୨ । ତୁଳନାତ୍ମକ ଭାବେ ବିଚାରକଲେ ଏହି ସଂଖ୍ୟା ପ୍ରାୟ ୨୨ ହଜାର ବୃଦ୍ଧି ପାଇଛି । ଉଚ୍ଚସ୍ତରୀୟ ଦାଦନ ନିରାକରଣ କମିଟି ଗଠନ କରି ଏହି ସ୍ରୋତକୁ ସରକାର ରୋକି ପାରିନାହାନ୍ତି । ଖୋଦ୍ ଉପମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ବଲାଙ୍ଗିର ଜିଲ୍ଲାରୁ ସର୍ବାଧିକ ୬୫ ହଜାର ୩୪୯ ଜଣ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଛନ୍ତି । ଏହା ରାଜ୍ୟର ମୋଟ ଦାଦନ ଶ୍ରମିକଙ୍କ ସଂଖ୍ୟାର ୭୧ ପ୍ରତିଶତ । ଖୋଦ ଉପମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲାର ତୃଣମୂଳ ସ୍ତରର ଦିନ ମଜୁରିଆଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିକୁ ଠିକଣା ଭାବେ ଆକଳନ କରିପାରିନାହାନ୍ତି । ଆମେ ଅନ୍ତତଃ ଆଶା କରିବା ଯେ, ସେ ସମାଧାନର ଅସଲ ଚିତ୍ର ଓ ଚରିତ୍ରକୁ ଠିକଣା ଭାବେ ବୁଝିଥିବେ । ସମସସ୍ୟା ସମାଧାନର ଭିତ୍ତିଭୂମିକୁ ସୁଧାରିବା ପ୍ରକ୍ରିୟା ବଲାଙ୍ଗୀର ଜିଲ୍ଲାରୁ ହିଁ ଆରମ୍ଭ ହୋଇଯିବା କଥା । କାରଣ କେବି କେବଳ ଉପମୁଖ୍ୟମନ୍ତ୍ରୀ ନୁହନ୍ତି ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ମଧ୍ୟ । ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଚାଲାଣ କରୁଥିବା ଠିକାଦାରଙ୍କ ସଂଖ୍ୟା ମଧ୍ୟ ୧୦୩୭ ରୁ ୧୪୬୫କୁ ବୃଦ୍ଧି ପାଇଛି । ଅବଶ୍ୟ ଏମାନେ ସମସ୍ତେ ରାଜ୍ୟ ସରକାରଙ୍କ ଲାଇସେନ୍ସ ପ୍ରାପ୍ତ ଠିକାଦାର । ଦାଦନ ଶ୍ରମିକ ସଂଖ୍ୟା ନିୟନ୍ତ୍ରଣ କରିବା ସକାଶେ ସରକାର ତତ୍ପରତା ପ୍ରକାଶ କରୁଥିବା ବେଳେ ଅଧିକରୁ ଅଧିକ ସଂଖ୍ୟାରେ ଶ୍ରମିକ ଠିକାଦାରଙ୍କୁ ଲାଇସେନ୍ସ କିଭଳି ପ୍ରଦାନ କରୁଛନ୍ତି ତାହା ସତରେ ଅଚିନ୍ତନୀୟ । ଏଥିରୁ ମନେ ହେଉଛି ସରକାରୀ ବ୍ୟବସ୍ଥା ଓ ଘୋଷଣା ଗୋଟେ ଆଡ଼େ ତ ଅସଲ କାର୍ଯ୍ୟ ପୂର୍ବଭଳି ଅପରିବର୍ତ୍ତିତ ରହିଛି ।

ରାଜ୍ୟରେ ଧାନ ସଂଗ୍ରହକୁ କେନ୍ଦ୍ରକରି କରି ଚଳିତ ଖରିଫ ଋତୁରେ ସବୁଠାରୁ ଅଧିକ ବିଭ୍ରାଟ ଘଟିଛି । କ୍ୱିଣ୍ଟାଲ ପିଛା ୮ ଶହ ଟଙ୍କା ବୋନସ ଘୋଷଣା ଧାନ ଚାଷୀଙ୍କୁ ଉତ୍ପାଦନ ବୃଦ୍ଧି ସକାଶେ ପ୍ରୋତ୍ସାହିତ କରିଛି । ଦିନକୁ ଦିନ ଚାଷ ବ୍ୟୟବହୁଳ ହେଉଥିବାରୁ ଚାଷୀ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ବାଦ୍ ବୋନସ୍ ଆକାରରେ ଅତିରିକ୍ତ ସହାୟତା ରାଶି ଦାବି କରିବା ସ୍ୱାଭାବିକ । ଚାଷୀଙ୍କ ଏହି ମାନସିକତାକୁ ଠିକ୍ ଭାବେ ବୁଝିଥିବା ବିଜେପି ନିର୍ବାଚନ ପ୍ରଚାର ବେଳେ ୮ ଶହ ଟଙ୍କା ବୋନସ ପ୍ରତିଶ୍ରୁତି ଦେଇ ମନ କିଣିଥିଲା । ଏହି ମନ ପାଇଁ ଯେ ଧନ ଦରକାର ତାହା କ୍ଷମତାକୁ ଆସିବାପରେ ଅନୁଭବ କରିଥିଲା ଦଳ । କ୍ଷମତାକୁ ଆସିବା ପରେ ପରେ ବୋନସ ରାଶି ଦେଇ ରାଜ୍ୟବାସୀଙ୍କ ପ୍ରଶଂସା ସାଉଁଟି ଥିଲା ଦଳ । ହେଲେ ଏବର୍ଷର ଅତିରିକ୍ତ ଧାନ ଅମଳ ଚିନ୍ତାରେ ପକାଇଛି ସରକାରଙ୍କୁ । ଏମ୍ଏସ୍ପି କ୍ୱିଣ୍ଟାଲ ପିଛା ୬୯ ଟଙ୍କା ବଢ଼ିଥିବାରୁ ତାହାକୁ ୮ ଶହ ବୋନସ୍ ରାଶିରୁ ବାଦଦେଇ ସରକାର କ୍ୱିଣ୍ଟାଲ ପିଛା ଧାନ ସଂଗ୍ରହ ମୂଲ୍ୟ ୩୧୦୦ ଟଙ୍କା ସ୍ଥିର କଲେ । ଏବେ ମନ୍ତ୍ରୀ କହୁଛନ୍ତି ଯେ ସରକାର ୮ ଶହ ଟଙ୍କା ବୋନସ୍ ଦେବେ ବୋଲି କହିନଥିଲେ । କ୍ୱିଣ୍ଟାଲ ପିଛା ଧାନ ସଂଗ୍ରହ ମୂଲ୍ୟ ୩୧୦୦ ଟଙ୍କା ୫ ବର୍ଷ ଧରି ବଳବତ୍ତର ରହିବ । ଏଥିରୁ ସ୍ପଷ୍ଟ ଯେ ଏହି ୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଧାନର ଏମ୍ଏସ୍ପି ବଢ଼ାଇଲେ ମଧ୍ୟ ଧାନ ସଂଗ୍ରହ ମୂଲ୍ୟ ଅପରିବର୍ତ୍ତିତ ରହିବ । କିନ୍ତୁ ସରକାରଙ୍କୁ ମନେ ରଖିବାକୁ ହେବ ଯେ ଧାନ କ୍ୱିଣ୍ଟାଲରେ ୮ ଶହ ଟଙ୍କା ବୋନସ୍ ପ୍ରଦାନର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ । ସରକାରଙ୍କୁ ଅଧିକ ଧାନ ସଂଗ୍ରହ କରିବାକୁ ପଡୁଥିବାରୁ ଏହି ବୋନସ୍ ରାଶି ଯେ ଆର୍ଥିକ ବୋଝରେ ପରିଣତ ହୋଇଛି ତାହା ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି । ଚାଷୀଙ୍କୁ ଟୋକନ ପ୍ରଦାନରେ ନୂଆ କଟକଣା ଓ ଶୃଙ୍ଖଳା ପ୍ରୟୋଗ ସାଙ୍ଗକୁ ମିଲରଙ୍କ ମାଧ୍ୟମରେ ମଣ୍ଡିରୁ ଧାନ ଉଠାଣ ନେଇ ଗୋଟିକ ପରେ ଗୋଟିଏ ସମସ୍ୟା ସାମ୍ନାକୁ ଆସିବାରୁ ସରକାରଙ୍କ ଉଦ୍ଦେଶ୍ୟ ବାରି ହୋଇପଡ଼ିଛି ।

ଧାନ ସଂଗ୍ରହ ଓ ବୋନସ୍ ପ୍ରଦାନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଦୋହରା ନୀତି ବିଧାନସଭା ଆଲୋଚନାରୁ ସ୍ପଷ୍ଟ ହୋଇଛି । ଏମ୍ଏସ୍ପି ଅତିରିକ୍ତ ବୋନସ୍ ପ୍ରଦାନ ପ୍ରସଙ୍ଗରେ କେରଳ ସରକାରଙ୍କୁ କେନ୍ଦ୍ରରୁ ମିଳିଥିବା ପତ୍ରର ମର୍ମ ଓ ଉଦ୍ଦେଶ୍ୟ ସଂପର୍କରେ ଆମେ ଏହି ସ୍ତମ୍ଭରେ ଆଗରୁ ଉଲ୍ଲେଖ କରିଥିଲୁ । ଯାହାକି ବିରୋଧୀଙ୍କୁ ଚର୍ଚ୍ଚାର ଖୋରାକ ଯୋଗାଇଥିଲା । ପୂର୍ବ ସରକାରଙ୍କୁ କ୍ୱିଣ୍ଟାଲ ପିଛା ଧାନରେ ଶହେ ଟଙ୍କା ବୋନସ୍ ପ୍ରଦାନ ପ୍ରସ୍ତାବକୁ କେନ୍ଦ୍ର ସରକାର ରୋକଠୋକ୍ ମନା କରିଥିଲେ । ଏପରିକି ରାଜ୍ୟରୁ ଭାରତ ଖାଦ୍ୟ ନିଗମ ଚାଉଳ ଉଠାଇବ ନାହିଁ ବୋଲି ମଧ୍ୟ ଧମକ ମିଳିଥିଲା । ଅଥଚ ଛତିଶଗଡ଼ ଓ ଓଡ଼ିଶାର ବିଜେପି ସରକାରଙ୍କ କ୍ଷେତ୍ରରେ ସେଭଳି କଟକଣା ନାହିଁ । ଏହି ଧାନ ସଂଗ୍ରହ ପ୍ରସଙ୍ଗରେ ଉଭୟ ଶାସକ ଓ ବିରୋଧୀ ଦଳ ଛତିଶଗଡ ସରକାରଙ୍କ କଥା ଉଲ୍ଲେଖ କରି ପରସ୍ପରକୁ ଦୋଷାରୋପ କରିଥିଲେ । ଏସବୁ ସତ୍ତ୍ୱେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଛତିଶଗଡ଼ ସରକାର ଧାର୍ଯ୍ୟ ତୁଳନାରେ ଅତିରିକ୍ତ ଧାନ ସଂଗ୍ରହ କରିବାକୁ ସମର୍ଥ ହୋଇଥିବା ବେଳେ ଆମ ସରକାରଙ୍କ ଅସାମର୍ଥ୍ୟ ପଦାରେ ପଡ଼ିଯାଇଛି ।

ବିନା ପ୍ରତିଶ୍ରୁତିରେ କଣ ନିର୍ବାଚନ ପ୍ରଚାର ସମ୍ଭବପର? ନାଁ ବରଂ ବିରୋଧୀ ଓ ଶାସକଙ୍କ ମଧ୍ୟରେ ପ୍ରତିଶ୍ରୁତି ଓ ପତିଆରା ପ୍ରଦର୍ଶନରେ ପ୍ରତିଯୋଗିତା ପରିଲକ୍ଷିତ ହୋଇଥାଏ । ହେଲେ ସବୁ ପ୍ରତିଶ୍ରୁତି ଯେ ପୂରଣ ହେବା ସମ୍ଭବପର ଏକଥା ନୁହେଁ । ସେହି ପ୍ରତିଶ୍ରୁତି ମଧ୍ୟରୁ ପ୍ରମୁଖତା ଲାଭ କରିଥିବା କେବେଳ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ କ୍ଷମତାସୀନ ସରକାରଙ୍କୁ କାର୍ଯ୍ୟକରିବାକୁ ପଡ଼ିବ । ଏକ୍ଷେତ୍ରରେ ଅତିରିକ୍ତ ଅର୍ଥର ଆବଶ୍ୟକତା ଥାଇପାରେ । ଖଣି ଲିଜ୍ ଉପରୁ ଅତିରିକ୍ତ ସେସ୍ ଆଦାୟର ଯେଉଁ ସୁଯୋଗ ଅଛି ତାହାକୁ ରାଜ୍ୟସରକାର କାର୍ଯ୍ୟକାରୀ କରିପାରିଲେ ନିର୍ବାଚନ ବେଳେ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ ହୋଇପାରିବ । ଏଠାରେ ମନେ ରଖିବାକୁ ହେବ ଯେ ୨୦୦୪ ରେ ଓଡ଼ିଶା ସରକାରଙ୍କ ଏହି ପ୍ରସ୍ତାବ ସୁପ୍ରିମକୋର୍ଟ ଅନୁମୋଦନ ଲାଭ କରିଛି । ତେଣୁ ଆମକୁ କହିବାକୁ ପଡୁଛି ଯେ ପ୍ରତିଶ୍ରୁତି ଓ ପ୍ରବଞ୍ଚନା ମଧ୍ୟରେ ଯେଉଁ ବିରାଟ ପାର୍ଥକ୍ୟ ରହିଛି ତାହା ଏହି ଅତିରିକ୍ତ ରାଜସ୍ୱ ହିଁ ପୂରଣ କରିପାରିବ ।

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ଇଚ୍ଛାମୃତ୍ୟୁ ବିତର୍କ

## ସମ୍ମାନଜନକ ବିଦାୟ: ଆଇନର ପରିସରରେ ମାନବିକତା

ଅଖିଳ ତରାଇ

ଜୀବନ ଏକ ଅମୂଲ୍ୟ ଉପହାର; କିନ୍ତୁ ସବୁବେଳେ ଏହା ଉପଭୋଗ୍ୟ ହୋଇ ରହେ ନାହିଁ । ଯେତେବେଳେ ଜୀବନ କେବଳ ଯନ୍ତ୍ରଣାର ପର୍ଯ୍ୟାୟବାଚୀ ହୋଇଯାଏ ଏବଂ ମଣିଷ ନିଜ ଅଜାଣତରେ କେବଳ ଏକ ମେସିନ୍ ସାହାଯ୍ୟରେ ନିଃଶ୍ୱାସ ନିଏ, ସେତେବେଳେ "ଜୀବନ ଅଧିକାର" ର ସଂଜ୍ଞା ନେଇ ପ୍ରଶ୍ନ ଉଠେ । ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ୩୨ ବର୍ଷୀୟ ହରିଶ ରାଣାଙ୍କ ମାମଲାରେ ଯେଉଁ ଐତିହାସିକ ନିଷ୍ପତ୍ତି ଶୁଣାଇଛନ୍ତି, ତାହା ଦେଶର ନ୍ୟାୟିକ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ୧୩ ବର୍ଷ ଧରି "ସ୍ଥାୟୀ ନିଷ୍କ୍ରିୟ ଅବସ୍ଥା" ବା ପର୍ସିଷ୍ଟେଣ୍ଟ ଭେଜିଟେଟିଭ୍ ଷ୍ଟେଟ୍‌ରେ ପଡ଼ି ରହିଥିବା ଜଣେ ଯୁବକଙ୍କୁ ଶେଷରେ "ସମ୍ମାନଜନକ ମୃତ୍ୟୁ" ର ଅଧିକାର ମିଳିଛି । ଏହି ନିଷ୍ପତ୍ତି କେବଳ ଏକ ଆଇନଗତ ଆଦେଶ ନୁହେଁ; ବରଂ ଏହା ମାନବୀୟ ସମ୍ବେଦନା, ବିଜ୍ଞାନ ଏବଂ ବାସ୍ତବବାଦର ଏକ ଅପୂର୍ବ ସମନ୍ୱୟ ।

ଭାରତରେ ଇଚ୍ଛାମୃତ୍ୟୁ ବା 'ଇଉଥାନାସିଆ' କୁ ନେଇ ବିତର୍କ ଦୀର୍ଘ ଦିନର । ୨୦୧୮ ମସିହାରେ 'କମନ୍ କଜ୍ ବନାମ ଭାରତ ସରକାର' ମାମଲାରେ ସୁପ୍ରିମକୋର୍ଟଙ୍କ ଏକ ସାମ୍ବିଧାନିକ ଖଣ୍ଡପୀଠ ପରୋକ୍ଷ ଇଚ୍ଛାମୃତ୍ୟୁ ବା 'ପାସିଭ୍ ଇଉଥାନାସିଆ' କୁ ସ୍ୱୀକୃତି ଦେଇଥିଲେ । ସେହି ନିଷ୍ପତ୍ତିରେ ସ୍ପଷ୍ଟ କରାଯାଇଥିଲା ଯେ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କର "ସମ୍ମାନର ସହ ବଞ୍ଚିବାର ଅଧିକାର" ରହିଛି ଏବଂ ଏହାର ଅର୍ଥ ହେଉଛି ଜଣେ ବ୍ୟକ୍ତିଙ୍କୁ ସମ୍ମାନର ସହ ମରିବାର ଅଧିକାର ମଧ୍ୟ ମିଳିବା ଉଚିତ । ହରିଶ ରାଣାଙ୍କ ମାମଲା ହେଉଛି ପ୍ରଥମ ଉଦାହରଣ, ଯେଉଁଠାରେ ସୁପ୍ରିମକୋର୍ଟ ସେହି ଗାଇଡ୍‌ଲାଇନ୍‌କୁ ସାମ୍ନାକୁ ଆଣି ଜଣେ ରୋଗୀଙ୍କ ଜୀବନ ରକ୍ଷାକାରୀ ବ୍ୟବସ୍ଥା ହଟାଇବାକୁ ଅନୁମତି ଦେଇଛନ୍ତି ।

୨୦୧୩ ମସିହାରେ ଏକ ବଡ଼ କୋଠାରୁ ଖସିପଡ଼ିବା ପରେ ହରିଶଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଥିଲା । ମୁଣ୍ଡରେ ଗଭୀର ଆଘାତ ଯୋଗୁଁ ସେ ୧୦୦ ପ୍ରତିଶତ ପକ୍ଷାଘାତର ଶିକାର ହୋଇଥିଲେ । ଗତ ୧୩ ବର୍ଷ ଧରି ସେ ନା କିଛି କହି ପାରୁଥିଲେ ନା କିଛି ବୁଝି ପାରୁଥିଲେ । କେବଳ ଏକ ଟ୍ୟୁବ୍ ସାହାଯ୍ୟରେ ତାଙ୍କୁ ଖାଦ୍ୟ ଦିଆଯାଉଥିଲା ଏବଂ ଅନ୍ୟ ଏକ ଟ୍ୟୁବ୍ ସାହାଯ୍ୟରେ ସେ ନିଃଶ୍ୱାସ ନେଉଥିଲେ । ଶରୀରରେ ଶଯ୍ୟାକ୍ଷତ ବା ବେଡ୍‌ସୋର୍ସ ଏତେ ଭୟଙ୍କର ଥିଲା ଯେ ଫଟୋ ଦେଖିଲେ ମଧ୍ୟ ହୃଦୟ ଥରି ଉଠିବ । ଏଭଳି ସ୍ଥିତିରେ ଚିକିତ୍ସା ବିଜ୍ଞାନ କେବଳ ତାଙ୍କର ଜୈବିକ ଅସ୍ତିତ୍ୱକୁ ଧରି ରଖିଥିଲା; କିନ୍ତୁ ଜୀବନର କୌଣସି ଗୁଣାତ୍ମକ ମାନ ସେଠାରେ ନ ଥିଲା ।

ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଏବଂ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ଏହି ମାମଲାରେ ଯେଉଁ ସମ୍ବେଦନା ଦେଖାଇଲେ ତାହା ପ୍ରଶଂସନୀୟ । ମେଡିକାଲ ବୋର୍ଡର ରିପୋର୍ଟ ଅନୁଯାୟୀ ହରିଶଙ୍କ ସୁଧାର ଆସିବାର ସମ୍ଭାବନା ଶୂନ୍ ଥିଲା । କୋର୍ଟ ଅନୁଭବ କଲେ ଯେ କୃତ୍ରିମ ଉପାୟରେ ତାଙ୍କୁ ବଞ୍ଚାଇ ରଖିବା ତାଙ୍କ ପାଇଁ ଏକ ଦଣ୍ଡ ସଦୃଶ । କୋର୍ଟ କହିଛନ୍ତି ଯେ, "କାହାକୁ ଭଲ ପାଇବା ଅର୍ଥ ହେଉଛି ତାଙ୍କର ଯନ୍ତ୍ରଣାକୁ ବୁଝିବା ଏବଂ ସେହି ଯନ୍ତ୍ରଣାରୁ ତାଙ୍କୁ ମୁକ୍ତି ଦେବା ।" ହରିଶଙ୍କ ପିତାମାତାଙ୍କ ଧୈର୍ଯ୍ୟକୁ ମଧ୍ୟ ଅଦାଲତ ସଲାମ୍ କରିଛନ୍ତି, ଯେଉଁମାନେ ୧୩ ବର୍ଷ ଧରି ନିଜ ସନ୍ତାନର ସେବା କରିବା ପରେ ଶେଷରେ ତାଙ୍କର ମୃତ୍ୟୁ ପାଇଁ ଆବେଦନ କରିବାକୁ ବାଧ୍ୟ ହେଲେ ।

ଏଠାରେ ପାର୍ଥକ୍ୟ ବୁଝିବା ଜରୁରୀ । 'ଆକ୍ଟିଭ୍ ଇଉଥାନାସିଆ'ରେ ମାରାତ୍ମକ ଇଞ୍ଜେକ୍ସନ ଦେଇ ଜୀବନ ଶେଷ କରାଯାଏ, ଯାହା ଭାରତରେ ବେଆଇନ । କିନ୍ତୁ 'ପାସିଭ୍ ଇଉଥାନାସିଆ' ବା ପରୋକ୍ଷ ଇଚ୍ଛାମୃତ୍ୟୁରେ ଜୀବନ ରକ୍ଷାକାରୀ ବ୍ୟବସ୍ଥା (ଯେପରିକି ଭେଣ୍ଟିଲେଟର ବା ଫିଡିଂ ଟ୍ୟୁବ୍) ହଟାଇ ଦିଆଯାଏ, ଯାହାଫଳରେ ପ୍ରକୃତି ନିଜ କାମ କରିପାରିବ । ହରିଶଙ୍କ କ୍ଷେତ୍ରରେ କୋର୍ଟ ଏହି ଡାକ୍ତରୀ ପଦ୍ଧତିରେ ଦିଆଯାଉଥିବା ପୋଷଣ ବା କ୍ଲିନିକାଲି ଆଡ୍‌ମିନିଷ୍ଟରେଡ୍ ନ୍ୟୁଟ୍ରିସନକୁ ବନ୍ଦ କରିବାକୁ ଅନୁମତି ଦେଇଛନ୍ତି; ଯାହାଫଳରେ ତାଙ୍କର ଯନ୍ତ୍ରଣାଦାୟକ ଜୀବନର ଯାତ୍ରା ଶେଷ ହୋଇପାରିବ ।

ଇଚ୍ଛାମୃତ୍ୟୁ ସବୁବେଳେ ଏକ ଜଟିଳ ବିଷୟ । ଅନେକ ଧର୍ମ ଏବଂ ସାମାଜିକ ଗୋଷ୍ଠୀ ଏହାକୁ ପାପ ବୋଲି ମାନନ୍ତି । କିନ୍ତୁ ଆଧୁନିକ ମାନବବାଦ କହେ ଯେ ଜଣେ ବ୍ୟକ୍ତିଙ୍କୁ ତାଙ୍କର ସର୍ବନିମ୍ନ ମାନବୀୟ ସମ୍ମାନରୁ ବଞ୍ଚିତ କରି କେବଳ ମେସିନ୍ ସାହାଯ୍ୟରେ ବଞ୍ଚାଇ ରଖିବା ପ୍ରକୃତରେ ଏକ କ୍ରୁରତା । ହରିଶଙ୍କ ପିତାମାତାଙ୍କ ମନରେ ଏହି ଆବେଦନ କରିବା ସମୟରେ କେତେ କଷ୍ଟ ହୋଇଥିବ ତାହା କଳ୍ପନା କରିବା କଷ୍ଟକର । କିନ୍ତୁ ସେମାନେ ନିଜ ସନ୍ତାନକୁ ଏହି ଯନ୍ତ୍ରଣାରୁ ମୁକ୍ତି ଦେବାକୁ ଚାହୁଁଥିଲେ ଯାହା ଶ୍ରେଷ୍ଠ ପିତୃତ୍ୱ ଓ ମାତୃତ୍ୱର ପରିଚୟ ।

ସୁପ୍ରିମକୋର୍ଟ ଏହି ମାମଲାରେ କେବଳ ଆଦେଶ ଦେଇ ନାହାଁନ୍ତି, ବରଂ ସରକାରଙ୍କୁ ଏକ ବ୍ୟାପକ ଆଇନ ପ୍ରଣୟନ କରିବାକୁ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନର ବ୍ୟବସ୍ଥାରେ ପ୍ରାଥମିକ ଏବଂ ଦ୍ୱିତୀୟକ ମେଡିକାଲ ବୋର୍ଡର ଅନୁମୋଦନ ଏବଂ ପରେ କୋର୍ଟଙ୍କ ହସ୍ତକ୍ଷେପ ଏକ ଦୀର୍ଘ ପ୍ରକ୍ରିୟା । ଏହି ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ରୋଗୀ ଅଧିକ କଷ୍ଟ ପାଏ । ତେଣୁ ଏକ ସ୍ପଷ୍ଟ ସଂସଦୀୟ ଆଇନର ଆବଶ୍ୟକତା ରହିଛି, ଯାହାଫଳରେ ପ୍ରକୃତରେ ଯୋଗ୍ୟ ରୋଗୀମାନେ ଅନାବଶ୍ୟକ ଆଇନଗତ ଜଟିଳତାରେ ନ ଫସି ଶୀଘ୍ର ନ୍ୟାୟ ପାଇପାରିବେ ।

ହରିଶ ରାଣାଙ୍କ କ୍ଷେତ୍ରରେ ମିଳିଥିବା ଏହି ନିଷ୍ପତ୍ତି ଭାରତୀୟ ଆଇନ ବ୍ୟବସ୍ଥାର ଏକ ପରିପକ୍ୱତାର ପ୍ରମାଣ । ଏହା ଆମକୁ ଶିଖାଉଛି ଯେ "ଜୀବନ" ର ଅର୍ଥ କେବଳ ନିଶ୍ୱାସ ପ୍ରଶ୍ୱାସ ନୁହେଁ ବରଂ ଏକ ସମ୍ମାନଜନକ ଅସ୍ତିତ୍ୱ । ଯେତେବେଳେ ଜୀବନରୁ ସେହି ସମ୍ମାନ ଚାଲିଯାଏ ସେତେବେଳେ ମୃତ୍ୟୁ ହିଁ ଶେଷ ଆଶ୍ରୟ ହୋଇଯାଏ । ଏହି ଐତିହାସିକ ରାୟ ଆଗାମୀ ଦିନରେ ଅନେକ ଶଯ୍ୟାଶାୟୀ ରୋଗୀଙ୍କ ପାଇଁ ଏକ ଶାନ୍ତିପୂର୍ଣ୍ଣ ମୁକ୍ତିର ବାଟ ଦେଖାଇବ । ଆଇନର ଶୁଷ୍କ ପୃଷ୍ଠାଗୁଡ଼ିକ ମଧ୍ୟରେ ମାନବୀୟ ସମ୍ବେଦନା ଜୀବିତ ରହିବା ଆମ ସମାଜ ପାଇଁ ଏକ ଶୁଭ ସଂକେତ ।

ଗଞ୍ଜାମ, ମୋ: ୭୭୮ ୭୦୦୧୦୦୧୯

## ସାର୍ବଜନୀନ ମନୋଭାବ ଏବଂ ଦ୍ୱନ୍ଦ୍ୱର ଫାଙ୍କ ଦୂର ପାଇଁ ଅଧିକ ଅଧ୍ୟୟନ ଆବଶ୍ୟକ

ଅବଶ ପରିଡ଼ା

ହରିଶ ରାଣାଙ୍କୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଦିଆଯିବ । ତାଙ୍କ ପିତାମାତାଙ୍କ ଏହି ଆବେଦନକୁ ଗ୍ରହଣ କରି ମାନ୍ୟବର ସୁପ୍ରିମକୋର୍ଟ ଏହା ସ୍ଥିର କରିଛନ୍ତି । ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ମେଧାବୀ ଯୁବକ ହରିଶ ୨୦୧୩ ମସିହାରେ ଏକ ହଷ୍ଟେଲ କୋଠାର ଚତୁର୍ଥ ମହଲାରୁ ପଡ଼ି ମସ୍ତିଷ୍କରେ ଗୁରୁତର ଆଘାତ ପାଇଥିଲେ । ଦୁର୍ଘଟଣା ପରେ ସେ ପାଲଟିଗଲେ ଏକ ଜୀବନ୍ତ ଗଛ ଗଣ୍ଡି ଭଳି । ଶ୍ୱାସକ୍ରିୟା ପାଇଁ ଟ୍ରାକିଓଷ୍ଟୋମି ଟ୍ୟୁବ୍ ଏବଂ ଖାଇବା ପାଇଁ ଗ୍ୟାଷ୍ଟ୍ରୋଜେଜୁନୋଷ୍ଟୋମି ଟ୍ୟୁବ୍ ସହିତ ଏକ ଶଯ୍ୟାରେ ସୀମିତ ରହିଗଲା ହରିଶଙ୍କ ଜୀବନ । ଅଦାଲତରେ ଦାଖଲ ହୋଇଥିବା ତଥ୍ୟ ଅନୁଯାୟୀ ହରିଶଙ୍କ ଡାକ୍ତରୀ ରିପୋର୍ଟରେ ୧୩ ବର୍ଷ ମଧ୍ୟରେ କୌଣସି ଉନ୍ନତି ଦେଖାଯାଇ ନାହିଁ । ତେଣୁ ବୃଦ୍ଧ ପିତାମାତାଙ୍କ ଉପରେ ନିର୍ଭରଶୀଳ, କୌଣସି ଉନ୍ନତି ନ ହେବାର ଏକ ଜୀବନ୍ତ ଶବଠାରୁ ଲାଇଫ୍ ସପୋର୍ଟ ସୁବିଧା କାଢ଼ିବା ଯାହା ଏକ ପ୍ରକାର ନିଷ୍କ୍ରିୟ ଇଚ୍ଛାମୃତ୍ୟୁର ନିଷ୍ପତ୍ତି ଥିଲା, ତାହା ହରିଶଙ୍କ ପିତାମାତା ଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଲାଇଫ୍ ସପୋର୍ଟକୁ ପ୍ରତ୍ୟାହାର କରିବା ବିଷୟରେ ମାନ୍ୟବର ସୁପ୍ରିମକୋର୍ଟ ଗୁରୁତ୍ୱ ସହିତ କହିଛନ୍ତି ଯେ ଜଣେ ଡାକ୍ତରଙ୍କ କର୍ତ୍ତବ୍ୟ ହେଉଛି ରୋଗୀଙ୍କ ଚିକିତ୍ସା କରିବା । କିନ୍ତୁ ଯେତେବେଳେ ରୋଗୀଙ୍କ ଆରୋଗ୍ୟ ହେବାର କୌଣସି ଆଶା ନ ଥାଏ, ସେତେବେଳେ ସେହି କର୍ତ୍ତବ୍ୟ ଆଉ ତିଷ୍ଠି ନ ଥାଏ ।

ଭାରତୀୟ ପରିପ୍ରେକ୍ଷୀରେ ଇଚ୍ଛାମୃତ୍ୟୁର ସାମାଜିକ ବିଶ୍ଳେଷଣ ହେଉଛି ସାଂସ୍କୃତିକ, ଧାର୍ମିକ, ପାରିବାରିକ ଏବଂ ଆଇନଗତ କାରଣଗୁଡ଼ିକର ଏକ ଜଟିଳ ପାରସ୍ପରିକ କ୍ରିୟା । ଆମ ଦେଶରେ କିଛି କଠୋର ନିର୍ଦ୍ଦେଶାବଳୀ ଅନୁଯାୟୀ ନିଷ୍କ୍ରିୟ ଇଚ୍ଛାମୃତ୍ୟୁକୁ ଆଇନଗତ ଭାବରେ ଅନୁମତି ଦିଆଯାଇଛି । କିନ୍ତୁ ସକ୍ରିୟ ଇଚ୍ଛାମୃତ୍ୟୁ ଏବେ ବି ନିଷିଦ୍ଧ ରହିଛି । ଆମ ପାଇଁ ଇଚ୍ଛାମୃତ୍ୟୁର ବିତର୍କ ହେଉଛି ବ୍ୟକ୍ତିଗତ ସ୍ୱାୟତ୍ତତା, ଜୀବନର ପବିତ୍ରତା ଓ ସାମାଜିକ ମୂଲ୍ୟବୋଧ ମଧ୍ୟରେ ଥିବା ଏକ ପ୍ରତିଚ୍ଛେଦ ବିନ୍ଦୁ ।

ଇଚ୍ଛାମୃତ୍ୟୁକୁ ନେଇ ଜନସାଧାରଣଙ୍କ ମନୋଭାବ ମିଶ୍ରିତ । ପେସାଦାର ସ୍ୱାସ୍ଥ୍ୟସେବା ଏବଂ ନ୍ୟାୟପାଳିକା ଏହାକୁ ସମର୍ଥନ କରୁଥିବା ବେଳେ ପ୍ରାୟତଃ ଧାର୍ମିକ ଗୋଷ୍ଠୀ ଇଚ୍ଛାମୃତ୍ୟୁକୁ ବିରୋଧ କରନ୍ତି । କିନ୍ତୁ ବିପରୀତ ଦିଗରେ ଗ୍ରାମାଞ୍ଚଳରେ ରୋଗୀ, ବିକଳାଙ୍ଗ ଓ ପକ୍ଷାଘାତଗ୍ରସ୍ତ ବୟୋବୃଦ୍ଧମାନଙ୍କ ହତ୍ୟା ଭଳି ଅନେକ ସାଂସ୍କୃତିକ ପ୍ରଥା ଆମ ଦେଶରେ ବିଦ୍ୟମାନ । ତେଣୁ ଇଚ୍ଛାମୃତ୍ୟୁ ଯେ ଆମ ପାଇଁ ଏକ ଲୁକ୍କାୟିତ ସାମାଜିକ ଚାପ, ତାହା କହିଲେ ଅତ୍ୟୁକ୍ତି ହେବନାହିଁ ।

ସମାଜବିଜ୍ଞାନ ଦୃଷ୍ଟିରୁ, ଇଚ୍ଛାମୃତ୍ୟୁ ଡାଞ୍ଚା ହେଉଛି ଜୀବନ ସ୍ୱାୟତ୍ତତାର ପାଶ୍ଚାତ୍ୟ ଧାରଣା ଏବଂ ଭାରତୀୟ ସାମୂହିକ ମୂଲ୍ୟବୋଧ ମଧ୍ୟରେ ଏକ ସନ୍ତୁଳନର ପ୍ରତିଫଳନ । ମୋଟ ଉପରେ କହିବାକୁ ଗଲେ, ଏହା ହେଉଛି ବ୍ୟକ୍ତିର ପସନ୍ଦକୁ ଚାପି ଦେଉଥିବା ଏକ ସାମୂହିକ ପରିବାରିକ ନିଷ୍ପତ୍ତି, ଯାହା ଜୀବନର ଅନିୟନ୍ତ୍ରଣ ଅନ୍ତିମ ପରିସ୍ଥିତିରେ ଆସେ ଏବଂ ଯାହା ସାମାଜିକ ବାଧ୍ୟବାଧକତା ଦ୍ୱାରା ପରିଚାଳିତ ମଧ୍ୟ ହୁଏ ।

ନିଷ୍କ୍ରିୟ ଇଚ୍ଛାମୃତ୍ୟୁର ସମର୍ଥନରେ ଥିବା ବିଶାରଦମାନେ ଯୁକ୍ତି ଦିଅନ୍ତି ଯେ ରୋଗୀଙ୍କ ସ୍ୱାୟତ୍ତତା ପ୍ରତି ଏହା ଏକ ସମ୍ମାନ । ବ୍ୟକ୍ତିବିଶେଷଙ୍କ ନିଜ ଜୀବନ ଏବଂ ଚିକିତ୍ସା ବିଷୟରେ ନିଷ୍ପତ୍ତି ନେବାର ସ୍ୱାଧୀନତା ରହିବା ଉଚିତ । ଯଦି ଆରୋଗ୍ୟ ହେବାର କୌଣସି ଆଶା ବା ସମ୍ଭାବନା ନ ଥାଏ, ତେବେ ଯନ୍ତ୍ର ମାଧ୍ୟମରେ କୃତ୍ରିମ ଭାବରେ ଜୀବନକୁ କାହିଁକି କଷ୍ଟ ଦେବା ? ଏହି କୃତ୍ରିମ ଉପାୟରେ ବଂଚିଥିବା ପ୍ରିୟଜନମାନଙ୍କୁ ଅସୀମ କଷ୍ଟ ଭୋଗୁଥିବା ଦେଖିବାରୁ ପରିବାରବର୍ଗଙ୍କୁ ମୁକ୍ତି ଦେବାର ଏହା ଏକ ଉପାୟ ।

ଅନେକଙ୍କ ମତରେ ଇଚ୍ଛାମୃତ୍ୟୁର ଏକ ଭାରତୀୟ ଦୃଷ୍ଟିକୋଣ ହେଉଛି ଏକ ପ୍ରକାରର ଡାକ୍ତରଙ୍କ ସହାୟତାରେ ହେଉଥିବା ଆତ୍ମହତ୍ୟା ସଦୃଶ୍ୟ । ଅବଶ୍ୟ ଏହାକୁ ନେଇ ନୈତିକ ବିତର୍କ ଅତ୍ୟନ୍ତ ଜରୁରୀ । ଆମେ ଜାଣୁ ଯେ ଅସହ୍ୟ ଯନ୍ତ୍ରଣା ଓ କଷ୍ଟ ଏବଂ ଅସାଧ୍ୟ ରୋଗରୁ ମୁକ୍ତି ପାଇଁ ଜଣେ ବ୍ୟକ୍ତିଙ୍କ ଜୀବନକୁ ଜାଣିଶୁଣି ଶେଷ କରିବା ହେଉଛି ଇଚ୍ଛାମୃତ୍ୟୁ । ଏହା ଦୁଇ ପ୍ରକାର । ପ୍ରଥମଟି ହେଉଛି ସକ୍ରିୟ । ଏହାର ଅର୍ଥ, ମୃତ୍ୟୁ ଘଟାଉଥିବା ପ୍ରତ୍ୟକ୍ଷ କାର୍ଯ୍ୟ ହୋଇପାରେ । ଦ୍ୱିତୀୟଟି ହେଉଛି, ନିଷ୍କ୍ରିୟ ଅର୍ଥାତ ଜୀବନ-ନିର୍ଭରଶୀଳ ଚିକିତ୍ସାକୁ ବନ୍ଦ କରିବା ହୋଇପାରେ । ଅପରପାଖେ ଡାକ୍ତରଙ୍କ ସହାୟତାରେ ଆତ୍ମହତ୍ୟା ସେତେବେଳେ ହୁଏ, ଯେତେବେଳେ ଜଣେ ଡାକ୍ତର ରୋଗୀଙ୍କୁ ନିଜ ଜୀବନ ସମାପ୍ତ କରିବା ପାଇଁ ଉପାୟ କିମ୍ବା ପ୍ରେସ୍କ୍ରିପ୍‌ସନ ପ୍ରଦାନ କରନ୍ତି । ଏହି ଅଭ୍ୟାସଗୁଡ଼ିକ ସର୍ବଦା ବିତର୍କ, ନୀତିଶାସ୍ତ୍ର, ଆଇନ, ସ୍ୱାୟତ୍ତତା, ମର୍ଯ୍ୟାଦା ଏବଂ ଚିକିତ୍ସା ଦାୟିତ୍ୱ ସହିତ ଜଡ଼ିତ ।

ଏକ ବିଶାରଦ ମହଲ ଯୁକ୍ତି ଦିଅନ୍ତି ଯେ ସମସ୍ତଙ୍କର ସମ୍ମାନର ସହିତ ବଂଚିବା ଓ ମୃତ୍ୟୁବରଣ କରିବାର ଅଧିକାର ଅଛି । ସେହିପରି ସଭିଙ୍କର ଦୀର୍ଘକାଳୀନ ଯନ୍ତ୍ରଣାକୁ ଏଡ଼ାଇବାର ଅଧିକାର ରହିବା ମଧ୍ୟ ଉଚିତ । କିନ୍ତୁ ଅନ୍ୟ ଏକ ମହଲ ବିଶ୍ୱାସ କରନ୍ତି ଯେ ଇଚ୍ଛାମୃତ୍ୟୁ ଜୀବନର ପବିତ୍ରତାକୁ ଉଲ୍ଲଙ୍ଘନ କରେ ଏବଂ ବୃଦ୍ଧ, ଅକ୍ଷମ କିମ୍ବା ଆର୍ଥିକ ଭାବରେ ନିର୍ଭରଶୀଳ ରୋଗୀଙ୍କ ପରି ଦୁର୍ବଳ ଲୋକଙ୍କ ଉପରେ ଅପବ୍ୟବହାର କିମ୍ବା ଚାପ ସୃଷ୍ଟି କରିପାରେ ।

ଇଚ୍ଛାମୃତ୍ୟୁକୁ ହୋଇଥିବା କିଛି ସର୍ଭେଗୁଡ଼ିକର ଫଳାଫଳ ବିଷୟରେ ଆଲୋଚନା କରିବା । ପ୍ରଥମଟି ହେଉଛି ନର୍ସ ଏବଂ ଡାକ୍ତରମାନେ ପ୍ରାୟତଃ ନୈତିକ ଶପଥ ଯୋଗୁଁ ଇଚ୍ଛାମୃତ୍ୟୁକୁ ବିରୋଧ କରିଛନ୍ତି । ୬୦ ପ୍ରତିଶତ ଇଚ୍ଛାମୃତ୍ୟୁର ବ୍ୟବହାରିକ ଚିନ୍ତାଧାରାକୁ ନେଇ ନକାରାତ୍ମକ ମତ ରଖିଛନ୍ତି । କିନ୍ତୁ ଅନ୍ୟ ଏକ ସର୍ଭେରେ ପ୍ରାୟ ୬୯.୩% ଡାକ୍ତର ଇଚ୍ଛାମୃତ୍ୟୁକୁ ସମର୍ଥନ କରି କହିଥିଲେ ଯେ ଦୁରାସାଧ୍ୟ ରୋଗୀଙ୍କୁ ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଏହା ପ୍ରୟୋଗ କରାଯାଇପାରେ । ତଥାପି, ଅନେକ ଡାକ୍ତର ଭୟ କରୁଥିଲେ ଯେ ଯଦି ଏହାକୁ ଆଇନଗତ କରାଯାଏ, ତେବେ ଏହାର ଅପବ୍ୟବହାର ହୋଇପାରେ । ଦ୍ୱିତୀୟଟି ହେଉଛି ସ୍ୱେଚ୍ଛାସେବୀ ଗୋଷ୍ଠୀମାନଙ୍କ ମତାମତ, ଯେଉଁମାନେ ଏହାର ଅପବ୍ୟବହାର ନେଇ ଚିନ୍ତିତ । ଏବଂ ତୃତୀୟ ମତାମତ ହେଉଛି ଜନସାଧାରଣଙ୍କର, ଯେଉଁଠି କେବଳ ୨୧.୩% ଉତ୍ତରଦାତା ଇଚ୍ଛାମୃତ୍ୟୁ ଆଇନ ବିଷୟରେ ଜାଣିଥିଲେ ଏବଂ ୫୫% ରୁ ଅଧିକ ଲୋକ "ଜୀବିତ ଇଚ୍ଛାପତ୍ର" ବା "ଲିଭିଂ ଉଇଲ" ର ଧାରଣାକୁ ସମର୍ଥନ କରିଥିଲେ । ତେଣୁ ପ୍ରାୟ ସମସ୍ତ ଭାରତୀୟ ସର୍ଭେଗୁଡ଼ିକର ମିଶ୍ରିତ ମତାମତ କୁହେ ଯେ ଯନ୍ତ୍ରଣାରୁ ମୁକ୍ତି ପାଇଁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଆବଶ୍ୟକ; କିନ୍ତୁ ନୈତିକ ସନ୍ଦେହ, ଧାର୍ମିକ ବିଶ୍ୱାସ ଏବଂ ଆଇନଗତ ଅନିଶ୍ଚିତତା ଏବେ ବି ଜନସାଧାରଣଙ୍କ ମନୋଭାବକୁ ପ୍ରଭାବିତ କରୁଛି । ପରିଶେଷରେ, ଭାରତରେ ଇଚ୍ଛାମୃତ୍ୟୁ ଉପରେ ସମାଜତାତ୍ତ୍ୱିକ ଦୃଷ୍ଟିକୋଣର ଅତ୍ୟନ୍ତ ଆବଶ୍ୟକ ଅଛି । ସାର୍ବଜନୀନ ମନୋଭାବ ଏବଂ ଦ୍ୱନ୍ଦ୍ୱର ଫାଙ୍କକୁ ଦୂର କରିବା ପାଇଁ ଅଧିକ ଅଧ୍ୟୟନ ଆବଶ୍ୟକ ।

ଭୁବନେଶ୍ୱର
୮୪୫୬୮୭୯୫୨୨

## ଶିକ୍ଷାନୁଷ୍ଠାନରେ ନୈତିକ ଉନ୍ନତି ଓ ମୂଲ୍ୟବୋଧ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମାନବ ସମାଜର ଉପଯୁକ୍ତ ବିକାଶ ପାଇଁ କେବଳ ଜ୍ଞାନ ଯଥେଷ୍ଟ ନୁହେଁ; ଏଥିପାଇଁ ନୈତିକତା ଏବଂ ମୂଲ୍ୟବୋଧ ଆବଶ୍ୟକ । ଜଣେ ବ୍ୟକ୍ତିକୁ ସଚ୍ଚୋଟ, ଦାୟିତ୍ୱବାନ ଏବଂ ଭଲ ନାଗରିକ ଭାବରେ ଗଢ଼ି ତୋଳିବାରେ ନୈତିକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହି ନୈତିକତାର ମୂଳଦୁଆ କେବଳ ଏକ ଶିକ୍ଷାନୁଷ୍ଠାନରେ ସ୍ଥାପନ କରାଯାଇପାରିବ । ସେହିପରି, ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ପ୍ରଦାନ କରିବା ପାଇଁ ନୁହେଁ; ବରଂ ମାନବ ଚରିତ୍ର ଗଠନ ପାଇଁ ପବିତ୍ର କେନ୍ଦ୍ର ଭାବରେ କାର୍ଯ୍ୟ କରନ୍ତି । ଶିକ୍ଷାନୁଷ୍ଠାନଗୁଡ଼ିକ ସମାଜର ମୂଳଦୁଆ । ଏଠାରେ, ଛାତ୍ରମାନେ କେବଳ ପୁସ୍ତକୀୟ ଜ୍ଞାନ ନୁହେଁ; ବରଂ ଜୀବନ ମୂଲ୍ୟ ମଧ୍ୟ ଶିଖନ୍ତି । ଯଦି ପିଲାମାନଙ୍କୁ ଛୋଟ ବୟସରୁ ସତ୍ୟ, ଅହିଂସା, ଦୟା, ସହନଶୀଳତା, ସହଯୋଗ ଏବଂ ଶୃଙ୍ଖଳା ଭଳି ମୂଲ୍ୟବୋଧ ଶିକ୍ଷା ଦିଆଯାଏ, ତେବେ ସେମାନେ ଭବିଷ୍ୟତରେ ଭଲ ନାଗରିକ ହୋଇପାରିବେ । ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ଉନ୍ନତିର ବହୁତ ଗୁରୁତ୍ୱ ଅଛି ।

ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ନୈତିକତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଗୁରୁକୁଳ ବ୍ୟବସ୍ଥାରେ, ଛାତ୍ରମାନେ ଜଣେ ଗୁରୁଙ୍କ ମାର୍ଗଦର୍ଶନରେ ରହୁଥିଲେ ଏବଂ ଶିକ୍ଷା ଗ୍ରହଣ କରୁଥିଲେ । ସେଠାରେ, ସେମାନଙ୍କୁ କେବଳ ଶୈକ୍ଷିକ ଜ୍ଞାନ ନୁହେଁ; ବରଂ ନୈତିକ ଶିକ୍ଷା ଏବଂ ଜୀବନଶୈଳୀ ମଧ୍ୟ ଶିକ୍ଷା ଦିଆଯାଉଥିଲା । ଗୁରୁକୁଳଗୁଡ଼ିକ ଗୁରୁଙ୍କ ପ୍ରତି ସମ୍ମାନ, ସତ୍ୟବାଦୀ, ଶୃଙ୍ଖଳା ଏବଂ ଆତ୍ମନିୟନ୍ତ୍ରଣ ଭଳି ସଦ୍‌ଗୁଣ ଶିକ୍ଷା ଦେଉଥିଲେ । ଏହି ବ୍ୟବସ୍ଥା ଛାତ୍ରମାନଙ୍କୁ ଉତ୍ତମ ଚରିତ୍ର ସହିତ ବିକଶିତ କରିଥିଲା । କିନ୍ତୁ ଆଜିର ଶିକ୍ଷା ବ୍ୟବସ୍ଥା ଅଧିକ ପ୍ରତିଯୋଗିତାମୂଳକ ହୋଇଗଲାଣି । ଛାତ୍ରମାନେ ଅଧିକ ନମ୍ବର ଏବଂ ଭଲ ଚାକିରି ପାଇବା ପାଇଁ ପାଠ ପଢୁଛନ୍ତି । ଏହି କାରଣରୁ, ନୈତିକତା ଏବଂ ମୂଲ୍ୟବୋଧର ଗୁରୁତ୍ୱ ହ୍ରାସ



ପାଇଛି । କେତେକ ସମୟରେ ଆମେ ଛାତ୍ରଛାତ୍ରୀମାନଙ୍କୁ ଠକିବା, ମିଛ କହିବା ଏବଂ ଭୁଲ୍ ପଥ ଅନୁସରଣ କରିବା ଭଳି କାର୍ଯ୍ୟକଳାପରେ ଲିପ୍ତ ହେଉଥିବାର ଦେଖୁ । ଏହି ପରିସ୍ଥିତି ଆମକୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାକୁ ପୁନଃ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଅନୁଭବ କରାଏ ।

ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରନ୍ତି । ସେମାନଙ୍କର ଆଚରଣ, ଆଦର୍ଶ ଏବଂ ଜୀବନଶୈଳୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରେ । ଯଦି ଶିକ୍ଷକମାନେ ସତ୍ୟବାଦୀ, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୁଅନ୍ତି, ତେବେ ଛାତ୍ରଛାତ୍ରୀମାନେ ସମାନ ଗୁଣ ଗ୍ରହଣ କରିବାକୁ ପ୍ରେରଣା ପାଇବେ । ତେଣୁ, ଛାତ୍ରମାନଙ୍କ ଜୀବନ ଗଠନରେ ଶିକ୍ଷକଙ୍କ ନୈତିକ ଆଚରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ବ୍ୟତୀତ, ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ନୈତିକ ବିକାଶ ହାସଲ କରାଯାଇପାରିବ । ପ୍ରାର୍ଥନା ସଭା, ପ୍ରବାଦ, ଜାତୀୟ ପର୍ବ ପାଳନ, ସମାଜସେବା କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଭଳି କାର୍ଯ୍ୟକଳାପ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ଦାୟିତ୍ୱ ଏବଂ ସହଯୋଗର ଭାବନା ସୃଷ୍ଟି କରେ । ଏହା ସେମାନଙ୍କୁ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ବୁଝିବାରେ ସାହାଯ୍ୟ କରେ ।

ନୈତିକ ବିକାଶ ପାଇଁ ପରିବାର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାମାନେ ପ୍ରଥମେ ଘରେ ନୈତିକତା ଶିଖନ୍ତି । ଯଦି ପରିବାରରେ ସତ୍ୟବାଦୀ, ସମ୍ମାନ ଏବଂ ଶୃଙ୍ଖଳାର ପରିବେଶ ଥାଏ, ତେବେ ସେମାନେ ଏହି ଗୁଣଗୁଡ଼ିକୁ ଗ୍ରହଣ କରନ୍ତି । ଯଦି ଶିକ୍ଷାନୁଷ୍ଠାନ ଏବଂ ପରିବାର ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ପାଇଁ ଏକାଠି କାମ କରନ୍ତି, ତେବେ ସେମାନଙ୍କର ଚରିତ୍ର ସୁଦୃଢ଼ ହୋଇପାରିବ । ଆଜିର ଦୁନିଆରେ, ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧ୍ୟମ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି । କେତେକ ସମୟରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ; କିନ୍ତୁ କେତେକ ସମୟରେ ଏହା ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରିପାରେ । ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନୀ ଭାବରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଏବଂ ଭଲ ଏବଂ ଖରାପ ମଧ୍ୟରେ ପାର୍ଥକ୍ୟ ଶିଖାଇବା ଉଚିତ । ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା କେବଳ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାରେ ସାହାଯ୍ୟ କରେ ନାହିଁ; ବରଂ ସେମାନଙ୍କୁ ଭଲ ମଣିଷ ହେବାରେ ମଧ୍ୟ ସାହାଯ୍ୟ କରେ । ନୈତିକତା ବିନା ଶିକ୍ଷା ସମାଜ ପାଇଁ କ୍ଷତିକାରକ ହୋଇପାରେ । ତେଣୁ, ଶିକ୍ଷା ବ୍ୟବସ୍ଥାରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନେ ନୈତିକ, ଦାୟିତ୍ୱବାନ ଏବଂ ସଚ୍ଚୋଟ ନାଗରିକ ବିକଶିତ ହୁଅନ୍ତୁ, ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ । ତେଣୁ, ସମାଜର ପ୍ରଗତି ଏବଂ ଶାନ୍ତି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାରେ ଉନ୍ନତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ସ୍ଥାନୀୟ ବିଜେପି ନେତାଙ୍କ ଭାଗିଦାରୀରେ ଲଘୁ ଖଣିଜ ସମ୍ପଦ ଲୁଟ୍ ଚାଲିଛି: ବିଜେଡି

ଭୁବନେଶ୍ୱର,୧୨।୩(ସମିସ): ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ବିଜେପି ନେତା ଓ କର୍ମୀଙ୍କ ପ୍ରୋତ୍ସାହନରେ ଲଘୁ ଖଣିଜ ସମ୍ପଦ ଲୁଟ୍ ଚାଲିଛି ବୋଲି ଅଭିଯୋଗ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି।



■ ପୁଲିସ ଉପସ୍ଥିତିରେ ଖଣି ଅଧିକାରୀଙ୍କ ଉପରେ ଆକ୍ରମଣ
■ ଘଟଣାରେ ସମ୍ପୃକ୍ତ ସ୍ଥାନୀୟ ବିଜେପି ନେତାଙ୍କ ଧମକ ଭିଡିଓ ଭାଇରାଲ୍
■ ଏଫ୍ଆଇଆର୍ ଦାଖଲର ୪୦ ଘଣ୍ଟାରୁ ଊର୍ଦ୍ଧ୍ୱ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ୍

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁରୀ ଜିଲ୍ଲାର ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ବିଧାୟକ ରୁଦ୍ର ପ୍ରସାଦ ମହାରଥୀ ଓ ଛାତ୍ର ବିଜେଡିର ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ଲଘୁ ଖଣିଜ ସମ୍ପଦର ବ୍ୟାପକ ଲୁଟ୍ ଚାଲିଥିବା ଅଭିଯୋଗ କରିଥିଲେ। ରୁଦ୍ର ପ୍ରସାଦ ମହାରଥୀ କହିଥିଲେ ଯେ ରାଜ୍ୟରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ଖବର ପ୍ରତିଦିନ ଖବର କାଗଜରେ ଶିରୋନାମା ପାଲଟୁଛି। ବିଜେପି ନେତା ଓ କର୍ମୀଙ୍କ ପ୍ରୋତ୍ସାହନରେ ଏହି କାର୍ଯ୍ୟ ଚାଲୁଥିବା ବେଳେ ସରକାରୀ ଅଧିକାରୀ ମାନଙ୍କ ଉପରେ ଆକ୍ରମଣ ବଢ଼ି ଚାଲିଛି। ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ଜଣେ ସ୍ଥାନୀୟ ବିଜେପି ନେତାଙ୍କ ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ସେ ସାମ୍ବାଦିକମାନଙ୍କୁ ବାଲି ଉଠୁଥିବା ସ୍ଥାନକୁ ଆସିଲେ ତାଙ୍କ କ୍ୟାମେରା ଭାଙ୍ଗିଦେବା ସହିତ ପରିଣାମ ଭୟଙ୍କର ହେବ ବୋଲି କହିଛନ୍ତି। ଭିଡିଓ ଭାଇରାଲ ବ୍ୟକ୍ତି ଜଣଙ୍କ ଫଟୋ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ସହିତ ରହିଛି। ତେଣୁ ବାଲି ଚୋରି କାରବାରରେ ବିଜେପି ନେତାଙ୍କ ସମ୍ପୃକ୍ତି ସ୍ପଷ୍ଟ ହେଉଛି। ଏହିପରି ଏକ ବାଲି ଚୋରି ଚାଲିଥିବା ଖବର ପାଇ ପୁରୀ ଜିଲ୍ଲା ଖଣି ଅଧିକାରୀ ସମୀର କୁମାର ମିଶ୍ର ଓ ପୁଲିସ ଅଧିକାରୀଙ୍କ ସହିତ ମାର୍ଚ୍ଚ ୧୦ ତାରିଖର ବିଳମ୍ବିତ ରାତିରେ ଘଟଣାସ୍ଥଳକୁ ଯାଉଥିବା ସମୟରେ ତାଙ୍କ ଗାଡିକୁ ଅଟକାଯାଇ ଗାଡି ଓ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ଶ୍ରୀ ମିଶ୍ର ପିପିଲି ଥାନାରେ ଏଫଆଇଆର ଦାଖଲ କରିଥିଲେ। ଏଫଆଇଆର ଦାଖଲ ହେବାର ୪୦ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠୁଛି ଯେ ଯେଉଁଠି ସରକାରୀ ଅଧିକାରୀ ସୁରକ୍ଷିତ ନାହାନ୍ତି, ସେଠି ସାଧାରଣ ଲୋକଙ୍କୁ ସରକାର କି ସୁରକ୍ଷା ଦେବେ ବୋଲି ଶ୍ରୀ ମହାରଥୀ ପ୍ରଶ୍ନ କରିଥିଲେ।

ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ କହିଥିଲେ ଯେ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ସମଗ୍ର ପୁରୀ ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ବାଲି, ମୋରମ ଇତ୍ୟାଦି ଲଘୁ ଖଣିଜ ସମ୍ପଦର ଲୁଟ୍ ଚାଲିଛି। ବିଜେପି ନେତାଙ୍କ ସହଭାଗିତାରେ ଏହି ଲୁଟ୍ ଚାଲିଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହୁଥିଲେ ମଧ୍ୟ ତାଙ୍କ କଥା କେବଳ କଥାରେ ରହୁଛି। ଛାତ୍ର ବିଜେଡିର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ବାଲି ଚୋରି ହେଉଛି, ନଦୀ ଗୁଡିକର ଦିଗ ପରିବର୍ତ୍ତନ ହେଉଛି, କିନ୍ତୁ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସରକାର ଘୋଡା ବେପାରରେ ଲାଗିଛନ୍ତି। ପିପିଲି ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ବାଲି ଚୋରି କାରଣରୁ ନିରୀହ ସାମ୍ବାଦିକାଙ୍କ ମୃତ୍ୟୁ ହେଲା। ଏହାପରେ ବାଲି ନେଇ ଯାଉଥିବା ଏକ ହାଇୱା ଧକ୍କାରେ ଦୁଇ ଜଣଙ୍କ ମୃତ୍ୟୁ ହେଲା। ସ୍ଥାନୀୟ ବିଜେପି ନେତାଙ୍କ ଭାଗିଦାରୀରେ ଏହି ଲୁଟ୍ ଚାଲିଛି ବୋଲି ଇପ୍ସିତା ସାହୁ କହିଥିଲେ।

## ମାର୍ଚ୍ଚ ୨୮ ରେ ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନ

କଟକ, ୧୨।୩ (ସମିସ): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଅନୁବନ୍ଧିତ ୧୫୮ଟି ବାର୍ ଆସୋସିଏସନ୍ (ଆଇନଜୀବୀ ସଂଘ) ନିର୍ବାଚନ ପାଇଁ ରାଜ୍ୟର ଆଇନଜୀବୀ ପରିଷଦ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି। ୱାନ୍ ବାର୍ ୱାନ୍ ଭୋଟ୍ ଆଧାରରେ ଆସନ୍ତା ମାର୍ଚ୍ଚ ୨୮ରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଏହି ନିର୍ବାଚନରେ ସର୍ବମୋଟ ୩୮୮୮୩ଜଣ ଭୋଟର୍ ସେମାନଙ୍କ ମତ ସାବ୍ୟସ୍ତ କରିବେ। ସକାଳ ସାଢ଼େ ୭ଟାରୁ ଦିନ ୩ଟା ପର୍ଯ୍ୟନ୍ତ ହେବାକୁ ଥିବା

■ ମତ ସାବ୍ୟସ୍ତ କରିବେ ୩୮୮୮୩ ଭୋଟର
■ ୩ଜଣିଆ ଟ୍ରିବ୍ୟୁନାଲ ବିଚାର କରିବେ ନିର୍ବାଚନୀ ମାମଲା

ଭୋଟ୍ ଗ୍ରହଣର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଭିଡିଓଗ୍ରାଫି କରି ତୁରନ୍ତ ତାହାର ଏକ କପି ରାଜ୍ୟ ଆଇନଜୀବୀ ପରିଷଦକୁ ପଠାଇବେ। ଏଥିନିମନ୍ତେ ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ପ୍ରସ୍ତୁତ ଓ ପ୍ରକାଶିତ ଚୂଡ଼ାନ୍ତ ଭୋଟର୍ ତାଲିକା ସମସ୍ତ ବାର୍ ଆସୋସିଏସନ୍‌ଗୁଡ଼ିକୁ ପଠାଯାଇଛି। ନିର୍ବାଚନ ପ୍ରଚାର ସମୟରେ ସଂପୃକ୍ତ ବାର୍ ଆସୋସିଏସନ୍‌ର ପରିସର ତଥା ନ୍ୟାୟାଳୟର ପରିସର ମଧ୍ୟରେ କୌଣସି ବ୍ୟାନର୍, ହୋର୍ଡିଂ ଇତ୍ୟାଦି ପ୍ରଦର୍ଶିତ କରାଯାଇପାରିବ ନାହିଁ ବୋଲି କୁହାଯାଇଛି। ପଠାଯାଇଥିବା ନିର୍ଦ୍ଦେଶାବଳୀ ତଥା ନିର୍ବାଚନ ଅଧିନିୟମର ବ୍ୟତିକ୍ରମ ହେଲେ ସଂପୃକ୍ତ ନିର୍ବାଚନ ଅଧିକାରୀ ତଥା ଅନ୍ୟ ବ୍ୟକ୍ତିବିଶେଷ ଯେଉଁମାନେ ଉକ୍ତ ନିର୍ବାଚନ ବିଶୃଙ୍ଖଳା ସୃଷ୍ଟି କରିବେ, ସେମାନଙ୍କ ବିରୋଧରେ ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିର୍ବାଚନ ପରବର୍ତ୍ତୀ ନିର୍ବାଚନ ସଂକ୍ରାନ୍ତୀୟ ମାମଲାର ବିଚାର ନିମନ୍ତେ ଏକ ନିର୍ବାଚନ ଟ୍ରିବ୍ୟୁନାଲ ୩ଜଣ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟପ୍ରସାଦ ମିଶ୍ର, ବୁଦ୍ଧଦେବ ରାଉତରାୟ ଓ ସାରଦା ପ୍ରସନ୍ନ ଷଡ଼ଙ୍ଗୀଙ୍କୁ ନେଇ ଗଠନ କରାଯାଇଛି।

## କତାରରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ



ଭୁବନେଶ୍ୱର,୧୨।୩(ସମିସ): ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କତାରରେ ପ୍ରାଣ ହରାଇଥିବା ଓଡ଼ିଆ ଶ୍ରମିକ କୁନା ଖୁଣ୍ଟିଆଙ୍କ ମରଶରୀରକୁ ଓଡ଼ିଶାକୁ ଫେରାଇ ଅଣାଯାଇଛି। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକର ବାସିନ୍ଦା କୁନା ଖୁଣ୍ଟିଆ ଗତ ୪ ମାସ ତଳେ କତାରର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ଗତ ୬ ତାରିଖ ଦିନ ତାଙ୍କ ମୃତ୍ୟୁ ସମ୍ବନ୍ଧରେ ପରିବାର ଲୋକ ଖବର ପାଇଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, କୁନା ଖୁଣ୍ଟିଆ ନିଜ ରୁମ୍‌ରେ ବିଶ୍ରାମ ନେଉଥିବା ବେଳେ ଆକସ୍ମିକ ଭାବେ ମୃତ୍ୟୁ ଘଟିଥିବାର ଖବର ସେମାନେ ଜାଣିବାକୁ ପାଇଥିଲେ। ଏହାପରେ କୁନା ଖୁଣ୍ଟିଆଙ୍କ ମରଶରୀର ଘରକୁ ଫେରାଇ ଆଣିବା ପାଇଁ ପରିବାର ଲୋକ ରାଜ୍ୟ ସରକାରଙ୍କ ପାଖରେ ନିବେଦନ କରିଥିଲେ।

ଏ ସମ୍ବନ୍ଧରେ ଅବଗତ ହେବା ପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ କୁନା ଖୁଣ୍ଟିଆଙ୍କ ମରଶରୀରକୁ ତାଙ୍କ ପୈତୃକ ଗ୍ରାମକୁ ପଠାଇ ଦିଆଯାଇଛି। ଗୁରୁବାର ସକାଳେ କୁନାଙ୍କ ମରଶରୀର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବା ପରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ପ୍ରୀତିଶ ପଣ୍ଡା ଉପସ୍ଥିତ ରହି କୁନାଙ୍କ ମରଶରୀରକୁ ତାଙ୍କ ପୈତୃକ ଗ୍ରାମକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ।

## ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ

■ ମନୀଷ କୁମାର ଅଗ୍ରୱାଲ ହେଲେ ରାଜ୍ୟ ସମବାୟ ସମିତି ନିବନ୍ଧକ
■ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଓଏସ୍ଆଇସିର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ
■ ସୋମେଶ ଉପାଧ୍ୟାୟ ବୟନ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ନିଯୁକ୍ତ

ଭୁବନେଶ୍ୱର,୧୨।୩(ସମିସ): ରାଜ୍ୟ ସରକାର ଗୁରୁବାର କନିଷ୍ଠ ବର୍ଗର ଆଇଏଏସ୍ ଅଫିସର ସ୍ତରରେ ଏକ ବଡ଼ ଧରଣର ଅଦଳ ବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୧୨ ବ୍ୟାଚ୍ ଆଇଏଏସ୍ ମନୀଷ କୁମାର ଅଗ୍ରୱାଲଙ୍କୁ ସରକାର ରାଜ୍ୟ ସମବାୟ ସୋସାଇଟି ରେଜିଷ୍ଟ୍ରାର ଭାବେ ନିଯୁକ୍ତି ଦେଇଛନ୍ତି। ୨୦୧୨ ବ୍ୟାଚର ଆଇଏଏସ୍ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ଏହାସହ ତାଙ୍କୁ ଷ୍ଟାର୍ଟଅପ୍ ଓଡ଼ିଶାର ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ ୨୦୧୨ ବ୍ୟାଚ୍ ଆଇଏଏସ ସିଦ୍ଧାର୍ଥ ଦାସଙ୍କୁ ମତ୍ସ୍ୟ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଥିବା ବେଳେ ୨୦୧୩ ବ୍ୟାଚ ଆଇଏଏସ୍ ମଧୁସ୍ମିତା ସାହୁଙ୍କୁ ଶିକ୍ଷକ ଶିକ୍ଷା ଏବଂ ରାଜ୍ୟ ଶିକ୍ଷା ଅନୁସନ୍ଧାନ ଓ ତାଲିମ ପରିଷଦ ନିର୍ଦ୍ଦେଶକ ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୦୧୪ ବ୍ୟାଚ୍ ଆଇଏଏସ୍ ଉପମା କାଲୋଙ୍କୁ ସମ୍ବଲପୁର ସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ ମଣ୍ଡଳ ଆୟୁକ୍ତଙ୍କ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ବର୍ତ୍ତମାନ ଉତ୍ତରାଞ୍ଚଳ ରାଜସ୍ୱ ମଣ୍ଡଳ ଆୟୁକ୍ତ କାର୍ଯ୍ୟାଳୟରେ ବନ୍ଦୋବସ୍ତ ଏବଂ ଚକବନ୍ଦୀ ବିଭାଗର ଅତିରିକ୍ତ କମିଶନର ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ୨୦୧୪ ବ୍ୟାଚ୍ ଆଇଏଏସ୍ ଲିଲି କୁମାରୀ କୁଲୁଙ୍କୁ ସରକାରୀ ଉଦ୍ୟୋଗ ବିଭାଗର ଅତିରିକ୍ତ ସଚିବ ଭାବେ ନୂଆ ଦାୟିତ୍ୱ ମିଳିଛି।

ଅପରପକ୍ଷେ ମାଲକାନଗିରି ଜିଲ୍ଲାପାଳ ତଥା ୨୦୧୭ ବ୍ୟାଚ୍ ଆଇଏଏସ୍ ସୋମେଶ କୁମାର ଉପାଧ୍ୟାୟଙ୍କୁ ବୟନ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ୨୦୨୧ ବ୍ୟାଚ ଆଇଏଏସ୍ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ମାଲକାନଗିରି ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ୨୦୨୨ ବ୍ୟାଚ ଆଇଏଏସ୍ ଅକବରମ୍ ସସ୍ୟ ରେଡ୍ଡିଙ୍କୁ ବ୍ରହ୍ମପୁର ମହାନଗର ନିଗମର କମିଶନର ଭାବେ ନିଯୁକ୍ତି ମିଳିଛି। ଏହାସହ ତାଙ୍କୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷ ଭାବରେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ୨୦୨୨ ବ୍ୟାଚ୍ ଆଇଏଏସ୍ ଅକ୍ଷୟ ପିଲ୍ଲେଙ୍କୁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ମିଳିଛି। ୨୦୨୨ ବ୍ୟାଚ୍ ଆଇଏଏସ୍ ଅରୁଗୁଲା ସ୍ନେହା ମୟୂରଭଞ୍ଜ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ଦାୟିତ୍ୱ ମିଳିଛି। ସମାନ ବ୍ୟାଚ୍ ଆଇଏଏସ୍ ସମୀର କୁମାର ଜେନାଙ୍କୁ ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ସରକାର ନିଯୁକ୍ତି ପ୍ରଦାନ କରିଛନ୍ତି। ସେହିପରି ସମାନ ବ୍ୟାଚର ଅନ୍ୟତମ ଆଇଏଏସ ସୌମ୍ୟରଞ୍ଜନ ପ୍ରଧାନଙ୍କୁ କଳାହାଣ୍ଡି ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ନୂତନ ଦାୟିତ୍ୱ ମିଳିଛି।

### ପୋକ୍ସୋ ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ହାଇସ୍କୁଲ ସାର୍ଟିଫିକେଟ୍‌ର ସତ୍ୟତା ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କୁ ସମନ୍ ଜରୁରୀ ନୁହେଁ

କଟକ, ୧୨।୩ (ସମିସ): ପୋକ୍ସୋ ମାମଲାରେ ପୀଡ଼ିତାଙ୍କ ବୟସ ନିରୂପଣକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ହାଇସ୍କୁଲ ସାର୍ଟିଫିକେଟ୍ ଏକ ସାର୍ବଜନୀନ ଦସ୍ତାବିଜ୍ ହୋଇଥିବାରୁ ଏହାର ସତ୍ୟତା ପ୍ରମାଣ କରିବା ପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡର କର୍ତ୍ତୃପକ୍ଷଙ୍କୁ ସାକ୍ଷ୍ୟ ଦେବା ପାଇଁ ସମନ କରିବା ସବୁ କ୍ଷେତ୍ରରେ ଆବଶ୍ୟକ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଆବେଦନକାରୀଙ୍କ ମାମଲାକୁ ଖାରଜ କରି ଡକ୍ଟର ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇସ୍କୁଲ ସାର୍ଟିଫିକେଟ୍ ଏକ ବୈଧାନିକ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ଏକ ସାର୍ବଜନୀନ ଦସ୍ତାବିଜ୍। ଏହା ଭାରତୀୟ ସାକ୍ଷ୍ୟ ଅଧିନିୟମ ଅନୁଯାୟୀ ଗ୍ରହଣଯୋଗ୍ୟ। ଏଣୁ, କେବଳ ହସ୍ପିଟାଲ ଜନ୍ମ ରେଜିଷ୍ଟର୍‌ରେ ନାମ ନଥିବା କାରଣରୁ ବୋର୍ଡ ଦ୍ୱାରା ଜାରି ସାର୍ଟିଫିକେଟ୍‌କୁ ଅବୈଧ କୁହାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। କେବଳ ଦସ୍ତାବିଜ୍‌ର ସତ୍ୟତା ପରଖିବା ପାଇଁ କର୍ତ୍ତୃପକ୍ଷଙ୍କୁ ସମନ ଜାରି କରାଯାଇପାରିବ ନାହିଁ। ଏହା ବିଚାର ପ୍ରକ୍ରିୟାରେ ଅନାବଶ୍ୟକ ବିଳମ୍ବ ସୃଷ୍ଟି କରିଥାଏ ବୋଲି ଅଦାଲତ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ସୁନ୍ଦରଗଡ଼ ଜିଲ୍ଲା ବଣାଇ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଅଭିଯୋଗରେ ଆବେଦନକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ପୀଡ଼ିତାଙ୍କ ହାଇସ୍କୁଲ ସାର୍ଟିଫିକେଟ୍‌ରେ ଥିବା ଜନ୍ମ ତାରିଖ ସନ୍ଦେହଜନକ। ସାର୍ଟିଫିକେଟ୍‌ରେ ଉଲ୍ଲେଖ ଥିବା ତାରିଖରେ ସମ୍ପୃକ୍ତ ହସ୍ପିଟାଲ ରେଜିଷ୍ଟରରେ ପୀଡିତାଙ୍କ ନାମ ନଥିବା ଦର୍ଶାଯାଇଥିଲା। ଏହି ଆଧାରରେ ବୋର୍ଡ କର୍ତ୍ତୃପକ୍ଷଙ୍କୁ ସମନ କରିବା ପାଇଁ ଅଭିଯୁକ୍ତ କରିଥିବା ଆବେଦନକୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଅଦାଲତ ଖାରଜ କରିଦେଇଥିଲେ। ଏହା ବିରୋଧରେ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତ ସାର୍ଟିଫିକେଟ୍‌ଟି ଜାଲ୍ ବା ନକଲି ବୋଲି କୌଣସି ପ୍ରାଥମିକ ପ୍ରମାଣ ଦେବାରେ ବିଫଳ ହୋଇଥିବାରୁ ଅଦାଲତ ତାଙ୍କ ଆବେଦନକୁ ଗ୍ରହଣ କରିନାହାନ୍ତି। ସୁନ୍ଦରଗଡ଼ ଅଦାଲତଙ୍କ ନିଷ୍ପତ୍ତିକୁ କାଏମ ରଖିବା ସହ ଅଭିଯୁକ୍ତଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି।

## ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

କଟକ,୧୨।୩ (ସମିସ): ସିଂସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ସୁରକ୍ଷା ଏପ୍ରିଲ ୧୩ ପର୍ଯ୍ୟନ୍ତ ବଳବତ୍ତର ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଜେନାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ସିବିଆଇ ଜବତ କରିଥିବା କେତେକ ଦସ୍ତାବିଜ ପ୍ରସଙ୍ଗରେ ଚାର୍ଜସିଟ୍‌ରେ ଉଲ୍ଲେଖ କରାଯାଇନାହିଁ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ଏଭଳି ୧୭ଟି ଦସ୍ତାବିଜ୍‌ର ତାଲିକା ଉଲ୍ଲେଖ କରି ଆବେଦନକାରୀ ଶ୍ରୀ ଜେନାଙ୍କ ତରଫରୁ ଦାଖଲ ଲିଖିତ ତଥ୍ୟ ଉପରେ ଜବାବ ରଖିବାକୁ ସିବିଆଇକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୧୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

**ସିବିଆଇକୁ ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ପ୍ରକାଶଥାଉକି, ସିଂସୋର୍ ମାମଲାରେ ସିବିଆଇ ପକ୍ଷରୁ ଆବେଦନକାରୀ ଶ୍ରୀ ଜେନାଙ୍କୁ ନୋଟିସ୍ ଜାରି କରାଯାଇ ହାଜର ହେବାକୁ କୁହାଯାଇଥିଲା। ଗତ ୨୦୨୫ ଜୁଲାଇ ୯ରେ ମାମଲାର ଶୁଣାଣି ସମୟରେ ଶ୍ରୀ ଜେନାଙ୍କ ବିରୋଧରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ନିମ୍ନ ଅଦାଲତରେ ବିଚାରାଧୀନ ସିବିଆଇ ମାମଲାକୁ ବିରୋଧ କରି ଶ୍ରୀ ଜେନା ୨୦୨୫ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଚାକିରି ନିୟମିତୀକରଣ ବିଳମ୍ବ ପାଇଁ କର୍ମଚାରୀଙ୍କୁ ପେନସନ୍‌ରୁ ବଞ୍ଚିତ କରାଯାଇପାରିବ ନାହିଁ: ହାଇକୋର୍ଟ

କଟକ, ୧୨।୩(ସମିସ): ସରକାରଙ୍କ ପକ୍ଷରୁ ଚାକିରି ନିୟମିତୀକରଣରେ ହୋଇଥିବା ବିଳମ୍ବ ପାଇଁ କର୍ମଚାରୀଙ୍କୁ ପେନସନ୍‌ରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିବା ପରେ ମଧ୍ୟ ପେନସନ୍ ସୁବିଧାରୁ ବଞ୍ଚିତ ହେଉଥିବା ଏନ୍‌ଏମ୍‌ଆର୍ କର୍ମଚାରୀଙ୍କ ସପକ୍ଷରେ ହାଇକୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି। କୈଳାଶ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଥିଲେ। ଯଦି ସେମାନଙ୍କୁ ସମୟ ଅନୁଯାୟୀ ସ୍ଥାୟୀ କରାଯାଇନାହିଁ, ତେବେ ଏହା ସରକାରଙ୍କର ଅବହେଳା ବା ବିଳମ୍ବ। ଏଥିପାଇଁ କର୍ମଚାରୀଙ୍କୁ ଦଣ୍ଡିତ କରାଯାଇପାରିବ ନାହିଁ। ସେହିଭଳି ଦୀର୍ଘ ସମୟଧରି ସେବା ପ୍ରଦାନ କରିଥିବା କର୍ମଚାରୀଙ୍କୁ ଓଡ଼ିଶା ସିଭିଲ ସର୍ଭିସେସ୍ (ପେନସନ) ରୁଲ୍ସ, ୧୯୯୨ ଅନୁଯାୟୀ ପେନସନ ପାଇବାରୁ ବଞ୍ଚିତ କରିବା ଆଇନଗତ ଭାବେ ଠିକ୍ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀମାନଙ୍କୁ ସରକାରଙ୍କ ନିକଟରେ ପୁନଶ୍ଚ ଦାବିପତ୍ର ପ୍ରଦାନ କରିବାକୁ ଅନୁମତି ଦେଇଛନ୍ତି ହାଇକୋର୍ଟ। ଦାବିପତ୍ର ମିଳିବାର ୩ମାସ ମଧ୍ୟରେ ସରକାର ଏହି ବିଷୟରେ ଏକ ଯୁକ୍ତିଯୁକ୍ତ ଓ ଆଇନଗତ ନିଷ୍ପତ୍ତି ନେବାକୁ ଅଦାଲତ କହିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଆବେଦନକାରୀମାନେ ୧୯୯୩ ମସିହା ପୂର୍ବରୁ ବିଭିନ୍ନ ବିଭାଗରେ ଏନ୍‌ଏମ୍‌ଆର୍ ଭାବେ ନିୟୋଜିତ ହୋଇଥିଲେ। ସେମାନେ ଦୀର୍ଘ ଦଶନ୍ଧି ଧରି କାର୍ଯ୍ୟ କରି ଅବସର ନେଇଥିଲେ ମଧ୍ୟ ସେମାନଙ୍କୁ ସରକାରୀ ନିୟମ ଅନୁଯାୟୀ ପେନସନ୍ ସୁବିଧା ପ୍ରଦାନ କରାଯାଉନଥିଲା। ସେମାନଙ୍କ ଚାକିରି ବିଳମ୍ବରେ ସ୍ଥାୟୀ ହୋଇଥିବା କିମ୍ବା ସେମାନେ ନିର୍ଦ୍ଧାରିତ ସର୍ତ୍ତ ପୂରଣ କରୁନଥିବା ଦର୍ଶାଯାଇ ପେନସନ୍ ଦେବାରେ ସମସ୍ୟା ଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଯାହାକୁ ବିରୋଧ କରି ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


**AFFIDAVIT**

By virtue of an affidavit No. 2540 before the Executive Magistrate, Umerkote, Dist- Nabarangpur, dated 03.04.2025, I, Rakesh Kumar Agrawal, Vill-Kusumguda, P.O./P.S. -Umerkote-764073, Dist-Nabarangpur hereby declare that I have changed my name from Rakesh Kumar Agarwal & Rakesh Kumar Agrawall to Rakesh Kumar Agrawal. Hencefroth I shall be known as Rakesh Kumar Agrawal for all purposes.

**AFFIDAVIT**

By virtue of an affidavit No. 25870 before the Executive Magistrate, Umerkote, Dist- Nabarangpur, dated 04.04.2025, I, Mahendra Prasad Agrawal, Vill-Kusumguda, P.O./P.S. -Umerkote-764073, Dist-Nabarangpur, declare that I have changed my name from Mahendra Prasad Agarwal to Mahendra Prasad Agrawal. Hencefroth I shall be known as Mahendra Prasad for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 11/03/2026, C.F No. 46/11.03.2026. I, Kuni Reddy D/O Babu Reddy, At- Basti Bikash Parisha, Po- Regional Research Laboratory (RRL), Ps-Nayapalli, Khorda, Odisha, Pin-751013, declare that I have changed my owned name Kuni Patra to Kuni Reddy. Henceforth, I shall be known as new name Kuni Reddy for all purposes.

Kuni Reddy

**AFFIDAVIT**

By virtue of an Affidavit executed before the Executive Magistrate, Nandapur, Dist–Koraput on 12.03.2026, I, Jagannath Chaini, Permanent Resident of Village-Padwa, P.O.- Padwa, P.S.-Padwa, District–Koraput, Odisha, Pin–764038, do hereby declare that I have changed the name of my minor daughter from **Dipitymayee Chaiyeeni to Deeptimayee Chaini.** Henceforth, she shall be known as **Deeptimayee Chaini** for all purposes.

Sd/-Jagannath Chaini

**LOST**

I, Surendra Nayak, S/o- Late Bhagabat Nayak resident of LIC Jeevan Anand Apartment, Khandagiri, Bhubaneswar-751030 have lost my original Sale Deed bearing No. 5639 dated 05.06.1987. If found, please contact my phone no. 9937140838.

**LOST**

**I, Chita Ranjan Pal,** aged about 47 years, S/o.: Bijay Kumar Pal, resident of At: Plot No.: 8645/9452, Khandagiri Bari, PO./P.S. Khandagiri, Ghatikia, Bhubaneswar, Odisha-751030 declare that I had lost/misplaced my Sale Deed bearing No.: 11131210697, somewhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim before the **SMFG INDIA CREDIT COMPANY LTD,** At: 2nd Floor, Kalinga Complex, Bhubaneswar - 751009, within **15 days** from the date of publication and after that the documents will lose its legal force and **SMFG INDIA CREDIT COMPANY LTD,** will not be responsible for any claim what-so-ever on the property after **15 days.**

**SMFG INDIA CREDIT COMPANY LTD, Branch (Bhubaneswar), Advocate Bijaya Jena, Mob.: 98610 31010 Advocate Fagu Samal. Mob.: 9114320991**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁଦ୍ଧ ବନ୍ଦ ପାଇଁ...

ଇରାନର ନିଜସ୍ୱ ଅଧିକାରକୁ ସ୍ୱୀକୃତି ମିଳିବା ଦରକାର। ଦ୍ୱିତୀୟଟି ହେଲା କ୍ଷତିପୂରଣ। ଯୁଦ୍ଧରେ ହୋଇଥିବା କ୍ଷୟକ୍ଷତି ପାଇଁ ଆମେରିକା ଓ ଇସ୍ରାଏଲ ଇରାନକୁ କ୍ଷତିପୂରଣ ପ୍ରଦାନ କରିବେ। ତୃତୀୟଟି ହେଲା ଅନ୍ତର୍ଜାତୀୟ ଗ୍ୟାରେଣ୍ଟି। ଅର୍ଥାତ ଭବିଷ୍ୟତରେ ଆଉ କୌଣସି ଆକ୍ରମଣ ନ ହେବା ପାଇଁ ଦୃଢ଼ ଅନ୍ତର୍ଜାତୀୟ ସୁରକ୍ଷା ଗ୍ୟାରେଣ୍ଟି ପ୍ରଦାନ କରିବା ଜରୁରୀ।

ପେଜେସକିଆନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ରୁଷିଆ ଓ ପାକିସ୍ତାନର ନେତାମାନଙ୍କ ସହ କଥାହେବା ସମୟରେ ମୁଁ ଅଞ୍ଚଳରେ ଶାନ୍ତି ପାଇଁ ଇରାନର ପ୍ରତିବଦ୍ଧତାକୁ ପୁନଃ ନିଶ୍ଚିତ କରିଛି। ଏହି ଯୁଦ୍ଧ, ଯାହାକି ଇସ୍ରାଏଲ ଓ ଆମେରିକା ଦ୍ୱାରା ଆରମ୍ଭ ହୋଇଛି, ଏହା ସମାପ୍ତ ହେବାର ଏକମାତ୍ର ଉପାୟ ହେଉଛି ଇରାନର ବୈଧ ଅଧିକାରକୁ ସ୍ୱୀକାର କରିବା, କ୍ଷତିପୂରଣ ଦେବା ଓ ଭବିଷ୍ୟତରେ ଯେପରି ଆକ୍ରମଣ ନ ହେବ ସେ ନେଇ ଦୃଢ଼ ଅନ୍ତର୍ଜାତୀୟ ଗ୍ୟାରେଣ୍ଟି ଦେବା।

ଅନ୍ୟପକ୍ଷରେ ଇରାନର ନବନିଯୁକ୍ତ ସର୍ବୋଚ୍ଚ ନେତା ମୁଜତବା ଖାମନେଇ ଆଜି ପ୍ରଥମ ଥର ଲାଗି ବିବୃତି ଜାରି କରି ଧମକାଇଛନ୍ତି ଯେ ଉପସାଗରୀୟ ଦେଶମାନେ ତୁରନ୍ତ ଆମେରିକାର ସାମରିକ ପ୍ରତିଷ୍ଠାନକୁ ବନ୍ଦନ କରନ୍ତୁ। କ୍ଷତିପୂରଣ ଆଦାୟ ଲାଗି ଇରାନ ଏହି ଦେଶମାନଙ୍କରେ ଥିବା ଆ।।ମେରିକାର ପ୍ରତିଷ୍ଠାନକୁ ଧ୍ୱଂସ କରିଦେବ। ସେମାନେ ଇରାନର ଯେତେ କ୍ଷତି କରିଛନ୍ତି, ଇରାନ ମଧ୍ୟ ସେମାନଙ୍କର ସେତିକି କ୍ଷତି କରିବ। ଏହାସହିତ ସେ କହିଛନ୍ତି ହର୍ମୁଜ ସମୁଦ୍ର ପଥ ତୈଳ ଟ୍ୟାଙ୍କର ପାଇଁ ବନ୍ଦ ରହିବ।

ଏହାପୂର୍ବରୁ ଇରାନର ସଶସ୍ତ୍ର ବାହିନୀ ଚେତାବନୀ ଦେଇଥିଲା ଯେ ଯଦି ଇରାନର ବନ୍ଦର ଉପରେ ଆକ୍ରମଣ ହୁଏ, ତେବେ ପାରସ୍ୟ ଉପସାଗରରେ ଅନ୍ୟ ସମସ୍ତ ବନ୍ଦର ତା'ର ଟାର୍ଗେଟରେ ରହିବ। ବର୍ତ୍ତମାନ ପରିସ୍ଥିତିରେ ଅନ୍ତର୍ଜାତୀୟ ସମୁଦାୟ ଯୁଦ୍ଧ ବିରତି ପାଇଁ ଚେଷ୍ଟା ଚଳାଇଛନ୍ତି। ସେପଟେ ଇସ୍ରାଏଲର ଆକଳନ ନେଇ ଏକ ରିପୋର୍ଟ ପ୍ରକାଶିତ ହୋଇଛି। ଇସ୍ରାଏଲ ଅଧିକାରୀମାନେ ବନ୍ଦଦ୍ୱାର ଆଲୋଚନାରେ ସ୍ୱୀକାର କରିଛନ୍ତି ଯେ, ଏହି ଯୁଦ୍ଧ ଇରାନର ଶାସନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାଙ୍ଗିଦେବ କି ନାହିଁ, ତାହା ନିଶ୍ଚିତ ନୁହେଁ।

### ତେଲ ଦର...

ଆଶଙ୍କା ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ୧୪ଟି ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ କରାଯାଇଛି। ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନର ସାମରିକ ଶକ୍ତିକୁ ନଷ୍ଟ କରିବା ପାଇଁ ଆମେରିକା ନିଜର ଅଭିଯାନ ଜାରି ରଖିବ।

### ରାଜ୍ୟରେ ଉତ୍କଟ...

ରହିଥିବା ୧୪.୨ କିଲୋଗ୍ରାମ ବିଶିଷ୍ଟ ଘରୋଇ ଏଲ୍‌ପିଜି ସିଲିଣ୍ଡର ୧୮୦୦ ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ୨୦୦୦ ମୂଲ୍ୟର ଏକ ବାଣିଜ୍ୟିକ ସିଲିଣ୍ଡର କଳାବଜାରି ହୋଇ ୪୦୦୦ ଟଙ୍କାରେ ବିକ୍ରି କରାଯାଉଛି।

ବିଶେଷକରି ଏଲ୍‌ପିଜି ସିଲିଣ୍ଡରର ଅଭାବ ଯୋଗୁ ଯୋଗାଣ ସମସ୍ୟା ଉପୁଜିଛି। ନୂଆ ସିଲିଣ୍ଡର ଟିଏ ବୁକିଂ କରିବାକୁ ଗ୍ରାହକ ନିକେଦମ୍ ହୋଇପଡୁଛନ୍ତି। କାରଣ ଅଧିକାଂଶ ସ୍ଥାନରେ ନୂଆ ଏଲ୍‌ପିଜି ସିଲିଣ୍ଡର ବୁକିଂ ହୋଇପାରୁନାହିଁ। କେଉଁଠି ପୋଲିସ ସୁରକ୍ଷାରେ ସିଲିଣ୍ଡର ଆବଣ୍ଟନ କରାଯାଉଛି ତ କିଛି ରାଜ୍ୟରେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଯୋଗାଣ ବନ୍ଦ କରିଦେଇଛନ୍ତି, ଯାହା ଫଳରେ ହୋଟେଲ ଏବଂ ରେସ୍ତୋରାଁଗୁଡିକ ବନ୍ଦ କରାଯାଇଛି। ଏଭଳି ସ୍ଥିତିରେ ବୁକିଂର ଅଢ଼େଇ ଦିନ ମଧ୍ୟରେ ଗ୍ରାହକଙ୍କୁ ଗ୍ୟାସ୍ ଯୋଗାଇଦେବାକୁ କେନ୍ଦ୍ର ସରକାର ଘୋଷଣା କରିବା ଏକ ପ୍ରହସନ ପାଲଟିଛି। ଯଦିବା ରନ୍ଧନ ଗ୍ୟାସ୍‌ର କଳାବଜାରି ରୋକିବା ପାଇଁ ସରକାର ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ଲାଗୁ କରିଛନ୍ତି, କିନ୍ତୁ କଳାବଜାରକାରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ।

ହେଲେ ଠିକ୍ ଏହି ସମୟରେ ବଜାରରେ ଇଣ୍ଡକ୍ସନ୍ କୁକରର ଚାହିଦା ଢ଼େର ବଢ଼ିଯାଇଛି। ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ଯୋଗାଣ ବନ୍ଦ ହେବା ଯୋଗୁଁ ହୋଟେଲ ଏବଂ ରେସ୍ତୋରାଁଗୁଡ଼ିକ ଇଣ୍ଡକ୍ସନ୍ କୁକରରେ ରୋଷେଇ କରିବାକୁ ଆରମ୍ଭ କରିଛନ୍ତି। ଏହା ବଜାରରେ ଇଣ୍ଡକ୍ସନ୍ କୁକରର ଚାହିଦା ବଢ଼ାଇଦେଇଛି। ଯାହାଫଳରେ ଇଣ୍ଡକ୍ସନ୍ କୁକର ବିକ୍ରି ୫୦% ବଢ଼ିଯାଇଛି।

### ଗାଁରେ ବୁକିଂ ଅବଧି...

ପୂର୍ବରୁ ଗ୍ରାମାଞ୍ଚଳ ପାଇଁ ଏଲ୍‌ପିଜି ସିଲିଣ୍ଡର ବୁକିଂ ଅବଧି ୨୫ ଦିନ ରହିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ନିକଟରେ ସରକାର ସହରାଞ୍ଚଳରେ ଏଲ୍‌ପିଜି ସିଲିଣ୍ଡର ପାଇଁ ବୁକିଂ ଅବଧି ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରିଥିଲେ। ସଂସଦରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏହି ସୂଚନା ଦେଇଛନ୍ତି। ଏହାର ଆଉ ଏକ ଅର୍ଥ ହେଉଛି ସିଲିଣ୍ଡର ବୁକିଂ ମଧ୍ୟରେ ସର୍ବନିମ୍ନ ୪୫ ଦିନର ବ୍ୟବଧାନ ଆବଶ୍ୟକ। ହେବ।

### ସ୍ତ୍ରୀ, ବୋହୂ ଓ...

ହୋଇଛନ୍ତି ରମେଶର ସ୍ତ୍ରୀ ଗୁଲ ଗରିଆ (୪୨), ବୋହୂ ଲିପି ମହାକୁଳ (୨୪) ଓ ନାତୁଣୀ ଈଶାନୀ ଗରିଆ (୪)।

ସୂଚନାନୁଯାୟୀ, ସମ୍ପତ୍ତି ଲୋଭ ଅଭିଯୁକ୍ତ ରମେଶ ମୁଣ୍ଡରେ ସବାର ହୋଇଥିଲା। ଶ୍ୱଶୁର ଘର ସମ୍ପତ୍ତିରୁ ଅର୍ଦ୍ଧେକ ଦାବି ପାଇଁ ସେ ସ୍ତ୍ରୀ ଉପରେ ଚାପ ପକାଇ ଆସୁଥିଲା। ତେବେ ତାହା ବ୍ୟର୍ଥ ହେବା ଜାଣି ରମେଶ ସ୍ତ୍ରୀ ଉପରେ ରକ୍ତ ଚାଉଳ ଚୋବାଉ ଥିଲା। ଶେଷରେ ପିଶାଚ ସାଜି ସ୍ତ୍ରୀ, ବୋହୂ ଓ ୪ ବର୍ଷୀୟା ନାତୁଣୀକୁ ହାତୁଡ଼ିରେ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟାକାଣ୍ଡ ପରଠାରୁ ଅଭିଯୁକ୍ତ ରମେଶ ଫେରାର ହୋଇଛି। ଅଭିଯୁକ୍ତ ରମେଶର ପୁଅ ଧିରେନଙ୍କ ଏତଲା ଆଧାରରେ କୁଣ୍ଢେଇଗୋଳା ଥାନା ପୁଲିସ ହତ୍ୟା ମାମାଲା ରୁଜୁ କରି ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ମୃତଦେହ ଗୁଡ଼ିକ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଡାକ୍ତରଖାନାକୁ ପଠାଇଛି। ଫେରାର ଅଭିଯୁକ୍ତକୁ ଖୋଜିବା ପାଇଁ ଦେବଗଡ଼ ଏସପି ଅନିଲ ମିଶ୍ରଙ୍କ ନିର୍ଦ୍ଦେଶରେ ପୁଲିସର ଏକାଧିକ ଦଳ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରଖିଛନ୍ତି। ଘଟଣାସ୍ଥଳରେ ଏସପି ଅନିଲ ମିଶ୍ର ତଦନ୍ତ କରିଛନ୍ତି। ଏସଡିପିଓ ରମେଶ ମାହାନା ଓ ଥାନା ଅଧିକାରୀ ଜୋହାନ କୁଜୁରଙ୍କ ସହିତ ତଦନ୍ତର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ଅଭିଯୁକ୍ତକୁ କାବୁ କରିବା ପରେ ହତ୍ୟାକାଣ୍ଡ ପଛର ରହସ୍ୟ ଉନ୍ମୋଚନ ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଗାଁରେ ଗୋଟିଏ ପରିବାରରେ ଟ୍ରିପଲ ମର୍ଡର ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ମୃତ ଶିଶୁକନ୍ୟା ଈଶାନୀକୁ ଧରି ପିତା ଧିରେନ ସାମ୍ନାରେ ମାଁ ଓ ସ୍ତ୍ରୀଙ୍କ ମୃତଦେହ ପଡିଥିବା ଦେଖି ଏକ ପ୍ରକାର ପଥର ପାଲଟିଛନ୍ତି।


25001/335/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION, KUCHINDA**
**E-mail-eerw kuchinda@yahoo.com**

**Identification No Online Tender /24/ RWD, Kuchinda / 2025-26.**

Letter No. 3208 — Date.11.03.2026

| | | | |
|---|---|---|---|
| 1. | The Superintending Engineer Rural Works, Division, Kuchinda behalf of the Governor of Odisha invites percentage rate bids to be received in **ONLINE MODE** Only for Road Work. | | |
| 2. | No. of work | : | 02 Nos |
| 3. | Nature of Work | : | Road Repair |
| 4 | Class of Contractor | : | "D","C"&"B" |
| 5 | Approx Value of Work | : | 1.32Lakhs to 42.16Lakhs |
| 6 | Tender Cost | : | 600 & 6000 |
| 7 | Availability of Bid Documents in the Website | : | 13.03.2026 at 11. A.M to 19.03.2026 at 5.00 P.M |
| 8 | Last date & time for seeking clarification | : | 18.03.2026 at5.00P.M |
| 9 | Date of Opening of Bid | : | 20.03.2026 at 11.00 A.M |
| 10 | Other details can be Seen in the Bidding documents from the website : https://tendersodisha.gov.in | | |

OIPR-25001/25151/1/25-26/0023

Superintending Engineer
Rural Works Division, Kuchinda

### ସୋନପୁର ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ଅବ୍ୟବସ୍ଥା

# ସରକାରୀ ଅଧିକାରୀଙ୍କ ଉପରେ ବର୍ଷିଲେ ଜିଲ୍ଲାପାଳ

ତରଭା,୧୨ ।୩(ସମିସ)



ସୁବର୍ଣ୍ଣପୁର ଜିଲ୍ଲାପାଳ ଡକ୍ଟର ନୃପାରାଜ୍ ସାହୁ ସୋନପୁରର ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ସେଠାରେ ପିଏଚ୍‌ଡି ଦେଇଥିବା ପାଣି ଟାଙ୍କି ଦୁଇଦିନ ଧରି ଉଭାନ ହୋଇଯିବା ପରେ ଜନସାଧାରଣ ଓ ଯାତ୍ରୀଙ୍କ ପିଇବା ପାଣି ଅସୁବିଧା ସମ୍ବନ୍ଧେ ଜିଲ୍ଲାପାଳଙ୍କ ନଜରକୁ ଆସିଥିଲା। ବସ୍‌ଷ୍ଟାଣ୍ଡ ପରିଦର୍ଶନ ସମୟରେ ଲୋକଙ୍କ ରହଣି ସ୍ଥାନ ନଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖି ଜିଲ୍ଲାପାଳ ଶୀଘ୍ର ଏକ ରହଣି ସ୍ଥାନ ତିଆରି ପାଇଁ ପୌରନିର୍ବାହୀ ଅଧିକାରୀଙ୍କୁ ଆଦେଶ ଦେଇଥିଲେ। ପୁରୁଷ ଓ ମହିଳା ଶୌଚାଳୟ ତିଆରି ହୋଇ ସାରିଥିଲେ ମଧ କାର୍ଯ୍ୟକ୍ଷମ ହୋଇ ନଥିବାରୁ ଶୀଘ୍ର ଲୋକଙ୍କ ବ୍ୟବହାରରେ କିପରି ଆସିବ ସେ ନେଇ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଥଣ୍ଡା ପାଣିର ସୁବିଧା କିପରି ଶୀଘ୍ର ହୋଇପାରିବ ସେନେଇ ସୋନପୁର ଘରୋଇ ବସ ମାଲିକ ସଂଘ ସଭାପତି ଦୀପକ କୁମାର ମହାପାତ୍ର ଓ ସମ୍ପାଦକ ସୁଦର୍ଶନ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ବସ୍‌ଷ୍ଟାଣ୍ଡରେ ଥିବା ଉଠା ଦୋକାନୀ କେବଳ ୫ ଫୁଟ ଜାଗା ରଖି ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବାକି ଜାଗା ଖାଲି କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୌରପରିଷଦ ପକ୍ଷରୁ ଦିଆଯାଇଥିବା ଅଚଳ ପାଣି ଟ୍ୟାପକୁ ଦେଖି ଆହୁରି ବିରକ୍ତି ପ୍ରକାଶ କରିଥିଲେ। ବିକାଶ କାର୍ଯ୍ୟରେ ସାଧାରଣ ଲୋକଙ୍କ ମୌଳିକ ସୁବିଧା ବା ଅଧିକାରରେ ଯେ କେହିବି ବ୍ୟାଘାତ ସୃଷ୍ଟି କରିବ ସେ ଜିଲ୍ଲା ପ୍ରଶାସନ, ସରକାର ଓ ଲୋକଙ୍କ ଶତ୍ରୁ ବୋଲି ଧରାଯିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ଶିକାପାଲିରେ ଲାଗିଲା ଟ୍ରାନ୍ସଫର୍ମର

**‘ସକାଳ’ ପ୍ରଭାବ**

ଶଗଡା,୧୨ ।୩(ସମିସ) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ନାରାୟଣ ପ୍ରସାଦ ଗ୍ରାମପଞ୍ଚାୟତ ଶିକାପାଲି ଗ୍ରାମରେ ଲାଗିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୀର୍ଘ ଏକ ମାସରୁ ଅଧିକ ଦିନ ହେଲା ପୋଡ଼ି ଯାଇଥିଲା। ଏ ନେଇ ଗତ ୮ ତାରିଖରେ ‘ସକାଳ’ରେ ଖବର ପକାଶ ପାଇଥିଲେ। ଆଜି ଗ୍ରାମରେ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ସିକାପାଲି ଗ୍ରାମର ବିଦ୍ୟୁତ୍ ଟ୍ରାନ୍ସଫର୍ମ ୧ମାସ ହେବ ପୋଡ଼ି ଯିବା ଫଳରେ ୮ଟି ପରିବାର ବସବାସ କରୁଥିବା ଏହି ଗ୍ରାମରେ ଲୋକେ ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଥିଲେ। ଗ୍ରାମବାସୀ ବିଦ୍ୟୁତ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଖରା ଦିନ ହୋଇଥିବାରୁ ରାତ୍ରି ସମୟରେ ବିଦ୍ୟୁତ୍ ନ ଥିବରୁ ଲୋକେ ତତଲା କଡ଼େଇରେ ଭାଜି ହେଲା ପରି ହେଉଛନ୍ତି। ତା ସହିତ ସନ୍ଧ୍ୟାରେ ଚୋରି ଡକାୟତିର ଆଶଙ୍କା ଦେଖା ଦେଇଛି। ବର୍ତ୍ତମାନ ପରୀକ୍ଷା ଆରମ୍ଭ ହୋଇଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ପ୍ରତିବନ୍ଧକ ସାଜିଛି। ତୁରନ୍ତ ଏହି ଗ୍ରାମକୁ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଯୋଗାଇ ଦେବା ସହ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଗ୍ରାମର ନରସିଂହ ସାଣ୍ଢ, ଖିତି ବାଘ, ଶିବ ମଟାଲି, ଦିଲ୍ଲୀପ ରଣା, ନବକେଶି ବକୁଳ, ସତ୍ୟବାନ ପାତ୍ର, ମୋହନ ବାଘ ପ୍ରମୁଖ ଦାବି କରିଥିଲେ। ଏ ନେଇ ଦୈନିକ ‘ସକାଳ’ରେ ଖବର ପ୍ରକାଶିତ ହେବା ପରେ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ମନଧର କର୍ମୀ ‘ଏକ୍ସ’ ମାଧ୍ୟମରେ ପ୍ରଶାସନ ସହ ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ବିଭାଗ ପକ୍ଷରୁ ଗାଁରେ ବିଦ୍ୟୁତ ଟ୍ରାନ୍ସଫର୍ମର ଲଗାଯାଇଛି। ବିଦ୍ୟୁତ୍ ସଂଯୋଗ ପାଇ ଲୋକେ ଖୁସି ବ୍ୟକ୍ତ କରିବା ସହ ‘ସକାଳ’କୁ ଧନ୍ୟବାଦ ଜଣାଇଛନ୍ତି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ତରଭା,୧୨ ।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଏବଂ ପଞ୍ଚାୟତ ସମିତି ତରଭା ପକ୍ଷରୁ ଆୟୋଜିତ ଉକ୍ତ ଶିବିରକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମର୍ଥ୍ୟ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ବିମଳ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନେ ଅଣ ଭିନ୍ନକ୍ଷମଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ଆଲୋକପାତ ସହିତ ଭିନ୍ନକ୍ଷମମାନେ କିଭଳି ସରକାରୀ ଯୋଜନାରୁ ବଞ୍ଚିତ ନହେବେ ତା'ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷା ଦ୍ୱାଦଶି କୁଅଁର, ବିଧାୟକଙ୍କ ତରଭା ବ୍ଲକ ପ୍ରତିନିଧି ଦଶରଥ ସାହୁ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜ୍ଞାନଦା ମହାନନ୍ଦ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଭା ଶିବାନନ୍ଦ କର୍ମୀ ସଭାରେ ସଭାପତିତ୍ୱ କରିବା ସହିତ ଶିବିରର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ କରିଥିଲେ। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାରକର୍ଣ୍ଣ ସଭା ପରିଚାଳନା କରିଥିଲେ। ଡି.ଡି. ଆର.ସି. ସୁବର୍ଣ୍ଣପୁରର ସ୍ୱତନ୍ତ୍ର ପ୍ରଶିକ୍ଷକ ଦୁର୍ଗାପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଶିବିରରେ ଭିନ୍ନକ୍ଷମମାନଙ୍କ ନାମ ପଞ୍ଜିକରଣ କରାଯାଇଥିଲା। ସେମାନଙ୍କୁ ବିଭିନ୍ନ ବିଭାଗରେ ବିଭକ୍ତ କରି ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶିବିରରେ ୩୫୦ ଜଣ ପଞ୍ଜୀକୃତ ହୋଇଥିଲେ। ୩୦ ଜଣଙ୍କୁ ବସ୍ ପାସ୍, ୨୦ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୩ ଜଣଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରିବାପାଇଁ ଓ ୧ଜଣଙ୍କୁ ସରକାରୀ ଆଇଟିଆଇରେ ପାଠ ପଢିବା ପାଇଁ ଚିହ୍ନଟ କରାଯାଇଥିଲା। ୨ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୧ଜଣଙ୍କୁ ହୁଇଲ୍ ଚେୟାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ରେ କନିଷ୍ଠ ସହାୟକ କିଶୋର ଧରୁଆ ସମସ୍ତ ପିଇଓ/ ଏଡିଇଓ/ ଯୋଗାଣ ସହାୟକ, ବିପିଏମ୍ ମନୋଜ ବାଘ, ବିଏଲ୍‌ସି. ମନୋଜ ପାତ୍ର, ଉର୍ମିଳା ସୁନା, ବିଜୟା ମଲ୍ଲିକ, ସୁରୁବୁଇ କୁଅଁର ଏବଂ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଜଗତୀ ଗନ୍ଧରାଡ଼ି ମନ୍ଦିରର ମରାମତି କାର୍ଯ୍ୟ ଆରମ୍ଭ

**ବୌଦ୍ଧ,୧୨ ।୩(ସମିସ):** ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତୀସ୍ଥିତ ଐତିହାସିକ ଗନ୍ଧରାଡ଼ି ମନ୍ଦିରର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏହି ପଦକ୍ଷେପ ନେଇଛି। ଅଷ୍ଟମ ଶତାବ୍ଦୀରେ ପଥରର କାରୁକାର୍ଯ୍ୟପୂର୍ଣ୍ଣ ନିର୍ମିତ ଏହି ମନ୍ଦିରର ରକ୍ଷଣା ବେକ୍ଷଣ ପାଇଁ ସେବାୟତ ଓ ଜନ ସାଧାରଣ ବହୁ ଦିନରୁ ଦାବି କରି ଆସୁଥିଲେ। ଶେଷରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ମରାମତି କାର୍ଯ୍ୟ ଆରମ୍ଭ କରିଛି। ପୂର୍ବରୁ ପଥର ଗୁଣ୍ଡରେ ଅଠା ଓ ଚୁନ ଦେଇ ମରାମତି



**ସ୍ଥାୟିତ୍ୱ ନେଇ ପ୍ରଶ୍ନ**

ହେଉଥିବା ବେଳେ ବର୍ତ୍ତମାନ ଇଟା ଓ ସିମେଣ୍ଟରେ ମରାମତି ହେଉଛି। ଏଣୁ ଏହାର ସ୍ଥାୟିତ୍ୱ ନେଇ ସେବାୟତ ଓ ସ୍ଥାନୀୟ ବାସିନ୍ଦାଙ୍କ ମନରେ ପ୍ରଶ୍ନ ସୃଷ୍ଟି ହୋଇଛି।

## ହାଇୱା ଧକ୍କାରେ ବାଇକ୍ ଚାଳକ ମୃତ; ଜଣେ ଗୁରୁତର

**ବୌଦ୍ଧ,୧୨ ।୩(ସମିସ):** ଫୁଲବାଣୀ-ସୀତଲପାଣି ପୂର୍ତ୍ତ ବିଭାଗ ରାସ୍ତାର ପୁରୁଣାକଟକ ଥାନା ଚାରିଛକ ମେଡିକାଲ ନିକଟରେ ଏକ ବାଇକକୁ ଗୋଟିଏ ହାଇୱା ଧକ୍କା ଦେଇଛି। ଏଥିରେ ବାଇକ ଚାଳକ ହରଭଙ୍ଗା ଥାନା ଧର୍ମନଗର ଗ୍ରାମର ସିଦ୍ଧାନ୍ତ ବାଘଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ତାଙ୍କ ସହ ଥିବା ଉପେନ୍ଦ୍ର ଭୋକ୍ତାଙ୍କ ଗୋଡ଼ ଭାଙ୍ଗିଛି। ତାଙ୍କୁ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବୌଦ୍ଧ ଏବଂ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଉଭୟ ଗାଡିକୁ ପୁରୁଣାକଟକ ଥାନା ଜବତ କରିଛି। ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ମାମଲା ରୁଜୁ କରିଛି।

ସିଦ୍ଧାନ୍ତ ଓ ଉପେନ୍ଦ୍ର ବାଇକ୍ (ଓଡି୧୨ବି୧୫୬୩)ରେ ଚାରିଛକ ଆସି ଫେରୁଥିଲେ। ବିପରୀତ ଦିଗରୁ ଫୁଲବାଣୀ ପଟକୁ ଯାଉଥିବା ହାଇୱା (ଓଡ଼ି୧୨ଏ୨୯୯୦) ବାଇକ୍‌କୁ ଧକ୍କା ଦେଇଥିଲା।

## ଜଳିଗଲା ମନୁପାଳି ବର କନିଆଁ ହନୁମାନ ମଠ ନିକଟ ବନୀକରଣ

**ବୌଦ୍ଧ, ୧୨ ।୩(ସମିସ):** ବୌଦ୍ଧ ବ୍ଲକ୍ ମନୁପାଳି ନିକଟରେ ଥିବା ବର କନିଆଁ ହନୁମାନ ମଠ ନିକଟ ବନୀକରଣ ଜଙ୍ଗଲ ନିଆଁ ଲାଗି ଜଳିଯାଇଛି। ଏଠାରେ ପ୍ରାୟ ୨ ହେକ୍ଟରରୁ ଅଧିକ ସରକାରୀ ଜମିରେ ମଠର ତତ୍ତ୍ୱାବଧାରକ ଲଛମନ ଦାଶ ମହାରାଜଙ୍କ ଦ୍ୱାରା ବନୀକରଣ କରାଯାଇଥିଲା। ଆଜି ଅପରାହ୍ନରେ କେହି ଶୁଖିଲା ପତ୍ରରେ ନିଆଁ ଲଗାଇ ଦେବାରୁ ଏହା ବ୍ୟାପି ଯାଇଥିଲା। ଦମକଳ ବାହିନୀ ଅନ୍ୟ କଲରେ ଯାଇଥିବାରୁ ବାବାଙ୍କ ନେତୃତ୍ୱରେ ଗ୍ରାମର କିଛି ବନ ପ୍ରେମୀ ନିଆଁକୁ ଆୟତ୍ତ କରିଥିଲେ।

## ନିଆଁ ଲାଗି ଛାରଖାର ହୋଇଗଲାଣି କଣ୍ଟାମାଳ ବନାଞ୍ଚଳ

**କଣ୍ଟାମାଳ,୧୩ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବନାଞ୍ଚଳରେ ବିଭିନ୍ନ ଜାଗାରେ ନିଆଁ ଲାଗିଛି। ବନ କର୍ମଚାରୀ ନିଆଁ ଲିଭାଇବାକୁ ଜୋରଦାର ପ୍ରୟାସ କରୁଛନ୍ତି। ଲୋକେ ମହୁଲଫୁଲ ଓ କେନ୍ଦୁପତ୍ର ତୋଳିବାକୁ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଜଙ୍ଗଲ ସମ୍ପଦର ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ବନ ବିଭାଗ ଲୋକଙ୍କୁ ସଚେତନ କରୁଛି। ଏହା କିନ୍ତୁ ଲୋକଙ୍କ ଉପରେ ପ୍ରଭାବ ପକାଇ ପାରୁନି। ଲମ୍ବସରି, କଣ୍ଟାମାଳ, ବରଗୋଛା, ବରଗାଁ, ନାରାୟଣପ୍ରସାଦ, ଉମା, ଖଣ୍ଟିଗୁରା, ଖମନମୁଣ୍ଡା, କୁଳତାଜୁର, ଦପଲା, ଘଣ୍ଟାପଡା, ରେଙ୍ଗାଲି ଓ ରୁଣ୍ଡିମହୁଲ ପଞ୍ଚାୟତର ଗ୍ରାମ୍ୟ ଜଙ୍ଗଲ ଓ ରିଜର୍ଭ ଜଙ୍ଗଲରେ ନିଆଁ ଲାଗିଛି। ନିଆଁ ଲିଭାଇବାକୁ ବନ କର୍ମଚାରୀ ନୟାନ୍ତ ହେଉଛନ୍ତି।

## ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଓ ରତ୍ନମୁଦ କାର୍ଯ୍ୟକ୍ରମ

**ବୀରମହାରାଜପୁର,୧୨ ।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଟିଠିପାଲି



ଠାରେ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଭକ୍ତ ଶଙ୍ଖ, ଘଣ୍ଟ ବାଦ୍ୟ, ସଂକୀର୍ତ୍ତନ ଓ ହରିବୋଲ ହୁଳହୁଳି ଦେଇଥିଲେ। ପରେ ରାମାୟଣ ନବାହ ପାରାୟଣ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟାସଭାବେ ବିଶିଷ୍ଟ ପୁରାଣ ପାରାୟଣ ଗାୟକ ମନୋରଞ୍ଜନ ମିଶ୍ର ପୁରାଣ ପାଠ କରୁଥିବାବେଳେ ମୁଖ୍ୟ ଆଚାର୍ଯ୍ୟ ଭାବେ ଚକ୍ରଧର ଚାନ୍ଦ କାର୍ଯ୍ୟ ତୁଲାଉଛନ୍ତି। ଟିଠିପାଲି ମଠର ମଠାଧୀଶ ସୀତାରାମ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠା ପାଇଁ କର୍ତ୍ତାଭାବେ ଭୀଷ୍ମ ଦେବ ଅମାତ ଓ ତାଙ୍କ ଧର୍ମପତ୍ନୀ ପ୍ରେମଶିଳା ଅମାତ ଓ ନବାହ କର୍ତ୍ତା ଭାବେ ସୁରୁବାବୁ ପଧାନ ଓ ତାଙ୍କ ଧର୍ମପତ୍ନୀ କାର୍ଯ୍ୟ ନିର୍ବାହ କରିଥିବା ଜଣାଯାଇଛି।

## ଅଫିମ୍ ଚାଷ ଉପରେ ବନ ବିଭାଗର ଚଢ଼ଉ



**ବୀରମହାରାଜପୁର,୧୨ ।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ଅଧୀନ ଅରଖମୁଣ୍ଡା ଗ୍ରାମରେ ବନବିଭାଗ, ଅବକାରୀ ବିଭାଗ ଓ ପୁଲିସର ମିଳିତ ଟିମ୍ ଚଢ଼ଉ କରି ଆଫିମ୍ ଚାଷ ନଷ୍ଟ କରିଛନ୍ତି। ଚଢ଼ଉ ବେଳେ କୌଣସି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି। ଅଫିମ ଚାଷ ହେଉଥିବା ସ୍ଥାନରେ ପାଣି ମଡାଇବା ପାଇଁ ବିଦ୍ୟୁତ୍ ଯୋଗାଉଥିବା ଜଣେ ଯୁବକକୁ ପୁଲିସ ଅଟକ ରଖିଛି। ପ୍ରକାଶ ଥାଉକି, ଅରଖ ମୁଣ୍ଡାରେ ବୁଢ଼ୀ ଝରନ ଅଞ୍ଚଳର ଜଣେ ଚାଷୀ ବେଆଇନ୍ ଭାବରେ ପ୍ରାୟ ଅଧା ଏକରର ଜମିରେ ଅଫିମ ଚାଷ କରିଥିଲେ। ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାଏକ କୌଣସି ସୂତ୍ରରୁ ଖବରପାଇ ଅଫିମ ଚାଷସ୍ଥଳରେ ପହଞ୍ଚି ବନ ବିଭାଗ, ଅବକାରୀ ବିଭାଗକୁ ଖବର ଦେଇଥିଲେ, ପରେ ଉଲୁଣ୍ଡା ପୁଲିସ, ବନବିଭାଗ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ଉ କରିଥିଲେ।

ମାଜିଷ୍ଟ୍ରେଟ ଅଜିତ୍ କୁମାର ମିର୍ଦ୍ଧାଙ୍କ ଉପସ୍ଥିତିରେ ଅଫିମ ଚାଷକୁ ନଷ୍ଟ କରାଯାଇଛି। ଏହି ଚଢ଼ଉବେଳେ ବୀରମହାରାଜପୁର ଉପଖଣ୍ଡ ପୁଲିସ୍ ଅଧିକାରୀ ହେମନ୍ତ କୁମାର ରାଓ, ଆଇଆଇସି ଲିଙ୍ଗରାଜ ସେଠୀ, ଅବକାରୀ ବିଭାଗ ଉପନିରୀକ୍ଷକ ରାମଚନ୍ଦ୍ର ପଟ୍ଟନାଏକ, ବନବିଭାଗ ରେଞ୍ଜର ଦେବରାଜ ଛତ୍ରିଆ, ଫରେଷ୍ଟର ଦିନେଶ ମାଝୀ ପ୍ରମୁଖ ସାମିଲ ଥିଲେ।

## ଗ୍ୟାସ୍ ଏଜେନ୍ସି ଓ ପେଟ୍ରୋଲ୍ ପମ୍ପ ଡିଲରଙ୍କୁ ନେଇ ଜିଲ୍ଲାପାଳଙ୍କ ବୈଠକ



**ବୌଦ୍ଧ, ୧୨ ।୩(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲାରେ ଥିବା ସମସ୍ତ ରନ୍ଧନ ଗ୍ୟାସ ଏଜେନ୍ସି ଓ ପେଟ୍ରୋଲ୍ ପମ୍ପ ଡିଲରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଚାଲିଛି। ଏଥିଯୋଗୁଁ ପେଟ୍ରୋଲିୟମ୍ ସାମଗ୍ରୀ ସଙ୍କଟ ଦେଖା ଦେଇଛି। ଏହି ସମୟରେ ରନ୍ଧନ ଗ୍ୟାସ୍ ଓ ପେଟ୍ରୋଲ, ଡିଜେଲ ସୁଷମ ବଣ୍ଟନ ପାଇଁ ଆଲୋଚନା ହୋଇଥିଲା। ପେଟ୍ରୋଲିୟମ୍ ସାମଗ୍ରୀର କଳା ବଜାର ରୋକିବା ଓ ଜିଲ୍ଲାରେ କୃତ୍ରିମ ଅଭାବ ସୃଷ୍ଟି ନ କରି ସୁଷମ ବଣ୍ଟନ ଦିଗରେ ସହଯୋଗ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁଦାସପୁରର ୬ ଚାଷୀଙ୍କୁ ବିଦ୍ୟୁତ୍ ବିଭାଗର ମାନସିକ ନିର୍ଯାତନା

### ଗଭୀର ନଳକୂପରେ ମିଟର ଲଗାଯାଉନି

**ଶଗଡ଼ା,୧୨ ।୩(ସମିସ):** ସରକାର ଚାଷୀ ଓ ଚାଷ ପାଇଁ ମାଳମାଳ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ସରକାରଙ୍କ ସମସ୍ତ ଯୋଜନା ଚାଷୀଙ୍କ କ୍ଷେତ୍ରରେ ଏକ ପ୍ରକାର ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି। କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ଗୁରୁଦାସପୁର ଗ୍ରାମର ୬ଜଣ ଚାଷୀ ୨୦୧୯ ମସିହାରେ ବିଜୁ କୃଷକ ବିକାଶ ଯୋଜନାରେ ୨୦ହଜାର ଟଙ୍କା ଅଗ୍ରୀମ ଦେଇ ନିଜ ଚାଷ ଜମିରେ ଗଭୀର ନଳକୂପ ଖନନ କରିଥିଲେ। ୨୦୨୪ମସିହାରେ ନଳକୂପରେ ବିଦ୍ୟୁତ୍ ସଂଯୋଗ ସହ ମୋଟର ମଧ ଦିଆ ଯାଇଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗ ପକ୍ଷରୁ ମିଟର ଲଗାଯାଇ ନାହିଁ। ଅଧିକ ଚାଷ କରି ଲାଭବାନ ହେବା ଆଶା ନେଇ ଚାଷୀ ଏହି ବୋର୍‌ୱେଲ ଖନନ କରିଥିଲେ; କିନ୍ତୁ ଆଜି ପର୍ଯ୍ୟନ୍ତ ବୋର୍‌ୱେଲ୍‌ରେ ମିଟର ଲାଗି ନ ଥିବା ଅଭିଯୋଗ ହୋଇଛି। ମିଟର ନ ଥିବା ଫଳରେ ଚାଷୀ ଚାଷ କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ ବିଭାଗର ଅବହେଳାକୁ ଚାଷୀ ଦାୟୀ କରିଛନ୍ତି। ମିଟର ଲାଗି ନ ଥିବା ବେଳେ ସମସ୍ତ ୬ଜଣ ଚାଷୀଙ୍କ ନିକଟକୁ ପାଖାପାଖି ୧୨ରୁ ୧୩ ହଜାର ଲେଖାଏଁ ଜରିମାନା ଆସିଛି। ସମସ୍ତ ଚାଷୀଙ୍କ ବିଲରେ ବିଦ୍ୟୁତ୍ ମିଟର ଲଗାଇବା ସହ ଆସିଥିବା ଜରିମାନା ବେଆଇନ ଘୋଷଣା କରିବାକୁ ଚାଷୀ ସପୁର ପ୍ରଧାନ, ବୁଲୁ ପ୍ରଧାନ, ପ୍ରହଲ୍ଲାଦ ମହାକୁଡ଼, କୁଶ ଶାଣ୍ଢ, ଅରବିନ୍ଦ ମହାକୁଡ଼, ହେମନ୍ତ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।



### ପ୍ରହସନ ପାଲଟିଛି ବନାଗ୍ନି ସଚେତନତା କାର୍ଯ୍ୟକ୍ରମ

# ଜଳୁଛି ଜଙ୍ଗଲ, ବନ ବିଭାଗ ଚୁପ୍

ଶଗଡା,୧୨ ।୩(ସମିସ)



ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବନ ବିଭାଗ ପକ୍ଷରୁ ଅନେକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି; ହେଲେ ସମସ୍ତ ସଚେତନତା କାର୍ଯ୍ୟକ୍ରମ ସତେ ଯେମିତି କାର୍ଯ୍ୟକ୍ରମରେ ହିଁ ସୀମିତ ରହି ଯାଉଛି। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ସହ ଜଙ୍ଗଲରେ କିଭଳି ନିଆଁ ନ ଲାଗିବ ସେ ନେଇ ବନ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ସଚେତନତା ରଥ ପରିକ୍ରମା କରୁଛି। ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ପୋଷ୍ଟର, ବ୍ୟାନର, ଲିଫଲେଟ, ଦାସକାଠିଆ ପାଲା ମାଧ୍ୟମରେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ସଚେତନତା କରାଯାଉଛି। ଲୋକଙ୍କୁ ସଚେତନ କରୁଥିବା ବନ ବିଭାଗ ଜଙ୍ଗଲ ଜଳୁଥିଲେ ମଧ ନିଜେ ନିଆଁ ନ ଲିଭାଇ ଚୁପ୍ ରହୁଛି। ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ରକ୍ଷକ ହୋଇ ବନ ବିଭାଗ ଭକ୍ଷକ ଆଚରଣ କରୁଛି। ଏଣୁ ବନ ବିଭାଗର କାର୍ଯ୍ୟଦକ୍ଷତା ନେଇ ଲୋକେ ସନ୍ଦେହ କରିଛନ୍ତି। ନିଆଁ ଲିଭାଇବା ପାଇଁ ଆସିଥିବା ୨ ଜଣ ବ୍ୟକ୍ତି ଅଳ୍ପ ସ୍ଥାନରେ ନିଆଁ ଲିଭାଇ ଅଧାରୁ ଛାଡ଼ି ଦେଇ ଚାଲି ଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ରେଞ୍ଜ ବରପଦର ସେକ୍ସନ ପାଇକାବାହାଲ ଗ୍ରାମରେ ଏମିତି ଏକ ଘଟଣା ଘଟିଛି। ଆଜି ମଧ୍ୟାହ୍ନ ୧୨ଟା ସମୟରେ ପାଇକବାହାଲ ଗ୍ରାମ ନିକଟ ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗିଥିଲା। ଏ ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ କଣ୍ଟାମାଳ ରେଞ୍ଜର ଓ ବରପଦର ଫରେଷ୍ଟରଙ୍କୁ ମଧ ସୂଚନା ଦେଇଥିଲେ। ରେଞ୍ଜରଙ୍କ ଆଦେଶ କ୍ରମେ ୨ ଜଣ ନିଆଁ ଲିଭା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ପାଖାପାଖି ୨୦ ମିନିଟ ଜଙ୍ଗଲ ନିକଟବର୍ତ୍ତି ଏକ ଘର ପାଖରେ ଥିବା ନିଆଁ ଲିଭାଇ ଥିଲେ। ହେଲେ ଜଙ୍ଗଲ ନିଆଁ ନ ଲିଭାଇ ଅଧାରୁ ଛାଡ଼ି ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଘଟଣା ସମ୍ପର୍କରେ ବୌଦ୍ଧ ଡିଏଫଓ ରାଜେନ୍ଦ୍ର ଗୋଛାୟତଙ୍କୁ ପଚାରିବାରୁ ନିଆଁ ଲିଭାଇବା ପାଇଁ ସେ ଲୋକ ପଠାଉଛନ୍ତି ବୋଲି କହିଥିଲେ।

ସକାଳ THE SAKALA



## ଜୁନାନୀ ସ୍କୁଲ ଜମି ଜାଲିଆତି ମାମଲା: ୫ ଗିରଫ

ନୂଆପଡ଼ା, ୧୨।୩(ସମିସ): ନୂଆପଡ଼ା ଜିଲ୍ଲା ସଦରବ୍ଲକ ଜୁନାନୀ ଗାଁର ସରକାରୀ ସ୍କୁଲ ଜମିକୁ ଜାଲିଆତି କରି ହଡ଼ପ କରି ନିଆଯାଇଥିବା ଅଭିଯୋଗରେ ନୂଆପଡ଼ା ଥାନା ପୁଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ଅଭିଯୁକ୍ତମାନେ ହେଲେ ଜୋଙ୍କ ଥାନା ଖରିଆରରୋଡ଼ ସହରସ୍ଥିତ ଗୁରୁନାନକ ନଗରର ରାଜେଶ ଚୌବେ(୨୭), ପରମଜିତ ସିଂ ବଗଗା(୫୮), ଧରମବନ୍ଧା ଥାନା କେନ୍ଦୁବାହାରା ଗାଁର ମାନବାଇ ରାଉତ(୫୫), ଭରତ ମାଝୀ (୫୬) ଓ ନେମିଚନ୍ଦ ହରିଜନ(୫୪)। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ନୂଆପଡ଼ା ଥାନାଧିକାରୀ ଗଙ୍ଗାଧର ମେହେର ସୂଚନା ଦେଇଛନ୍ତି।ସୂଚନାମୁତାବକ ଜୁନାନୀ ଗାଁର ସ୍ୱର୍ଗତ କାରାବାଇ ରାଉତ ନିଃସନ୍ତାନ ଥିବାହେତୁ ୧୯୭୫ରେ ଗାଁର ଚନ୍ଦ୍ରମଣି ଖର୍ସେଲଙ୍କୁ ସେ ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। କାରାବାଇଙ୍କ ନାଁରେ ୨ଏକର ୬୩ ଡେସିମିଲ ଜମି ରହିଥିଲା। ଏହାକୁ ଚନ୍ଦ୍ରମଣିଙ୍କ ନାଁରେ ସେ ପଞ୍ଜୀକୃତ କରି ଦେଇଥିଲେ। ୨୦୧୮ ରେ ଚନ୍ଦ୍ରମଣି ସେହି ଜମିକୁ ସ୍କୁଲ ଖେଳପଡ଼ିଆ ପାଇଁ ଦାନ କରିଥିଲେ। ଗତ ଜାନୁଆରି ୨୭ରେ କାରାବାଇଙ୍କ ମୃତ୍ୟୁର ୪୫ ବର୍ଷ ପରେ ତାଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି କରାଯାଇଥିଲା। ଧରମବନ୍ଧା ଥାନା କେନ୍ଦୁବାହାରା ଗାଁର ନକଲି କାରାବାଇଙ୍କୁ ନୂଆପଡ଼ା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଛିଡ଼ାକରାଇ ଖରିଆରରୋଡ଼ ସହରର ଧର୍ମେନ୍ଦ୍ର ବଗ୍ଗା ଓ ସନ୍ତୋଷିନୀ ବଗ୍ଗା ତାଙ୍କ ସମ୍ପର୍କୀୟଙ୍କ ନାଁରେ ଜମିକୁ ରେଜେଷ୍ଟ୍ରି କରି ନେଇଥିଲେ।ଏଥିରେ ୧ଏକର ୧୬ ଡେସିମିଲ ଖେଳପଡ଼ିଆ ଓ ୧ଏକର ୪୭ଡେସିମିଲ ଚନ୍ଦ୍ରମଣିଙ୍କ ଚାଷଜମି ରହିଥିଲା।ପଞ୍ଜୀକରଣର୧ ସପ୍ତାହ ପରେ ସେମାନେ ଜମିର ପଟ୍ଟା ବି କରାଇ ନେଇଥିଲେ। ଫେବୃଆରି ୨୪ରେ ଚନ୍ଦ୍ରମଣି ନିଜ ଚାଷଜମିରେ ଛିଡ଼ା ହୋଇଥିବା ବେଳେ ଧର୍ମେନ୍ଦ୍ର ଓ ସନ୍ତୋଷିନୀ ଆସି ଗାଳିଗୁଲଜ କରିଥିଲେ। ଏହା ତାଙ୍କର ଚାଷଜମି ବୋଲି ଦାବିକରି ଧମକଚମକ ଦେଇଥିଲେ।ଏହାପରେ ଚନ୍ଦ୍ରମଣି ନୂଆପଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ।କିନ୍ତୁ ନୂଆପଡ଼ା ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ।ଗତ ଫେବୃଆରି ୨୩ରେ ଗାଁର ଶତାଧିକ ପୁରୁଷ ଓ ମହିଳା ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିବା ସହ ପ୍ରତିବାଦ କରିଥିଲେ। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ନୂଆପଡ଼ା ଥାନା ପୁଲିସ ସରଜମିନ ତଦନ୍ତ ଆରମ୍ଭ କରିଥିଲା। ବର୍ତ୍ତମାନ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି ସତ ହେଲେ ଏଥିରେ ଯେ ରାଜସ୍ୱ ନିରୀକ୍ଷକଙ୍କ ଠାରୁ ସବରେଜେଷ୍ଟ୍ରାର ପର୍ଯ୍ୟନ୍ତ ରାକେଟରେ ସାମିଲ ଅଛନ୍ତି। ଏମାନଙ୍କୁ କେବେ ଗିରଫ କରାଯିବ ବୋଲି ଗ୍ରାମବାସୀ ଦାବି ଉଠାଇଛନ୍ତି। ସୂଚନା ଯୋଗ୍ୟ ଯେ ନୂଆପଡ଼ା ସବରେଜେଷ୍ଟ୍ରାର ଅଫିସ ଏଭଳି ବହୁ ରାକେଟ କାମ କରୁଛି ତାର ଖୋଲତାଡ଼ କରିବାକୁ ଦାବି ହେଉଛି।

## ଖାଉଟି ଅଦାଲତରେ ମୁକେଶ ଏଣ୍ଟରପ୍ରାଇଜେସ ଦଣ୍ଡିତ

ଭବାନୀପାଟଣା, ୧୨।୩(ସମିସ): ଜୁନାଗଡ଼ ସହରସ୍ଥିତ କଲମପୁର ଛକରେ ଥିବା ମୁକେଶ ଏଣ୍ଟରପ୍ରାଇଜେସ ଓ ଟିଭି ଉତ୍ପାଦନ କାରୀ ସଂସ୍ଥା(ସାମସଙ୍ଗ) ଗୁରୁବାର ଜିଲ୍ଲା ଖାଉଟି ଅଦାଲତରେ ଦଣ୍ଡିତ ହୋଇଛନ୍ତି।ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଚିଚୈଗୁଡା ପଞ୍ଚାୟତ ନୂଆଗୁଡା ଗ୍ରାମର ଉତ୍ତମ କୁମାର ଦାଶଙ୍କ ଅଭିଯୋଗ ପ୍ରକାରେ ଗତ ଫେବୃଆରୀ ୨୦୨୩ରେ ଜୁନାଗଡ଼ ମୁକେଶ ଏଣ୍ଟରପ୍ରାଇଜେସରୁ ୫୦ ହଜାର ଟଙ୍କା ବ୍ୟୟରେ ୫୫ ଇଞ୍ଚର ଏକ ସାମସଙ୍ଗ ଏଲଇଡି ଟିଭି କିଣିଥିଲେ। ତେବେ କିଣିବାର ୯ ମାସ ପରେ ଏହି ଟିଭିର ଡିସପ୍ଲେ ଚାଲିଯାଇଥିଲା। ଏହାପରେ ଅଭିଯୋଗକାରୀ ଶ୍ରୀ ଦାଶ ଦୋକାନୀ ଓ ସର୍ଭିସ ସେଣ୍ଟର ତଥା କଷ୍ଟମର କେୟାରଙ୍କୁ ଏହି ସମସ୍ୟା ସମ୍ପର୍କରେ ଜଣାଇ ଅଭିଯୋଗ କରିଥିଲେ।ତେବେ ଟିଭି ସର୍ଭିସ ସେଣ୍ଟର ପକ୍ଷରୁ ଡିସେମ୍ବର ମାସରେ ଘଟଣା ସ୍ଥଳକୁ ଆସି ନୂଆ ଡିସପ୍ଲେ ଲଗାଇଥିଲା। କିନ୍ତୁ ୩ ମାସ ପରେ ପୁଣି ଥରେ ଉକ୍ତ ଟିଭିର ଡିସପ୍ଲେ ଚାଲିଯାଇଥିଲା। ଯାହାକୁନେଇ ପୁଣିଥରେ ଅଭିଯୋଗକାରୀ ଶ୍ରୀ ଦାଶ ଦୋକାନୀ ଓ ସର୍ଭିସ ସେଣ୍ଟର ତଥା କଷ୍ଟମର କେୟାରଙ୍କୁ ଏହି ସମସ୍ୟା ସମ୍ପର୍କରେ ଜଣାଇବା ସହିତ ବାରମ୍ବାର ଅଭିଯୋଗ ମଧ୍ୟ କରିଆସୁଥିଲେ। ହେଲେ ଆଜି କରିଦେବୁ କାଲି କରିଦେବୁ ବୋଲି କହି ଦିନ ଗଡ଼େଇ ଚାଲିଲେ। କେହି ମଧ୍ୟ ଏହି ସମସ୍ୟାକୁ ଗୁରୁତରମନେ କରିନଥିଲେ। ଏପରିକି ଟିଭି ଦୋକାନ ମାଲିକ ମୁକେଶ ଅଗ୍ରୱାଲ ମଧ୍ୟ ଅଭିଯୋଗ କାରୀ ଦାଶଙ୍କ କଥାକୁ ଭ୍ରୁକ୍ଷେପ ନକରିବା ସହ ହଇରାଣ କରିଥିଲେ। ଯାହାଫଳରେ ଟିଭିର ୱାରେଣ୍ଟି ସମୟ ଚାଲିଯାଇଥିଲା। ତେବେ ଟିଭି ଡିସପ୍ଲେ ଲଗାଇବା ବିଷୟରେ ଅଭିଯୋଗକାରୀ ଶ୍ରୀ ଦାଶ ଭବାନୀପାଟଣା ଯାଇ ସର୍ଭିସ ସେଣ୍ଟର ମୁଖ୍ୟଙ୍କୁ ଜଣାଇବା ପରେ ସେ ଟିଭିର ୱାରେଣ୍ଟି ଚାଲି ଯାଇଛି ଟଙ୍କା ଦେଲେ ଡିସପ୍ଲେ ଲାଗିବ ବୋଲି କହିଥିଲେ। ତେବେ ୱାରେଣ୍ଟି ସମୟରେ ଡିସପ୍ଲେ ନ ଲଗାଇବା ସହ ଟିଭି ଡିସପ୍ଲେ ପାଇଁ ହଇରାଣ କରିଥିବାରୁ ଉପରୋକ୍ତ ଦୋକାନୀ, ଉତ୍ପାଦନ କାରୀ ଟିଭି ସଂସ୍ଥା(ସାମସଙ୍ଗ) ଓ ସର୍ଭିସ ସେଣ୍ଟର ନାମରେ ଅଭିଯୋଗ କାରୀ ଦାଶ ଜିଲ୍ଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଖାଉଟି ଅଦାଲତର ଅଧ୍ୟକ୍ଷ ଅଶ୍?ନୀ କୁମାର ପାତ୍ର ସଦସ୍ୟା ଜୋସ୍ନାରାଣୀ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରିଥିଲେ। ସମସ୍ତ ପ୍ରମାଣକୁ ବିଚାର କରି ଆଗାମୀ ୩୦ ଦିନ ମଧ୍ୟରେ ଅଭିଯୋଗକାରୀ ଶ୍ରୀ ଦାଶଙ୍କୁ ମୁକେଶ ଏଣ୍ଟରପ୍ରାଇଜେସ ଓ ଟିଭି ଉତ୍ପାଦନ କାରୀ ସଂସ୍ଥା(ସାମସଙ୍ଗ) ପୁରୁଣା ଟିଭି ବଦଳାଇ ସମାନ ନୂତନ ବ୍ରାଣ୍ଡର ଟିଭି ପ୍ରଦାନ କରିବେ। ନଚେତ ୫୦ ହଜାର ଟଙ୍କା ୯%ସୁଧ ସହିତ ପ୍ରଦାନ କରିବେ। ସେହିପରି ଅଭିଯୋଗ କାରୀ ଦାଶଙ୍କୁ ମାନସିକ ହଇରାଣ କରିଥିବା ବାବଦରେ ମୁକେଶ ଏଣ୍ଟରପ୍ରାଇଜେସଙ୍କୁ ୨୦ ହଜାର ଟଙ୍କା କ୍ଷତି ପୂରଣ ଓ ମକଦ୍ଦମା ଖର୍ଚ୍ଚ ବାବଦକୁ ଦୋକାନୀ, ଉତ୍ପାଦନ କାରୀ ସଂସ୍ଥା ଓ ପରିଚାଳକ ପ୍ରମୁଖ ୫ ହଜାର ହିସାବରେ ୧୫ ହଜାର ଟଙ୍କା ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ଅଭିଯୋଗକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ବିହାର ପରିଚାଳନା କରିଥିଲେ।

### ଲାଞ୍ଜିଗଡ଼ ଦୁର୍ଗମ ଅଞ୍ଚଳରେ ଶିକ୍ଷାର ବିକଳ ଚିତ୍ର

# ଜଙ୍ଗଲିଆ ରାସ୍ତା ପାଇଁ ସ୍କୁଲ ଯାଉନାହାନ୍ତି ଛାତ୍ରଛାତ୍ରୀ





- ୩୬ ଆଦିବାସୀ ପିଲା ନାମ ଲେଖାଇଲେ
- ଗାଁରେ ବିଦ୍ୟାଳୟ ସ୍ଥାପନ ଦାବି

ଲାଞ୍ଜିଗଡ଼, ୧୨।୩(ସମିସ)

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ବନ୍ଧପାରି ପଞ୍ଚାୟତରେ ଦୁର୍ଗମ ଅଞ୍ଚଳରେ ଜର୍କାମସ୍କା ଗାଁ ଅବସ୍ଥିତ। ଗାଁରେ ସ୍କୁଲ ନଥିବା ଯୋଗୁଁ ସ୍କୁଲ ଦ୍ୱାର ମାଡ଼ିନଥିବା ୩୬ ଆଦିବାସୀ ପିଲାଙ୍କୁ ବ୍ଲକ ଶିକ୍ଷା ବିଭାଗ ସ୍କୁଲରେ ନାମ ଲେଖାଇଥିଲେ ମଧ୍ୟ ଜଙ୍ଗଲୀ ରାସ୍ତା ବୋଲି ପିଲା ନିୟମିତ ସ୍କୁଲ ନଯାଇ ଘରେ ରହିଥିବା ବେଳେ ଗାଁରେ ବିଦ୍ୟାଳୟ ସ୍ଥାପନ ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ସୂଚନା ମୁତାବକ, ଜର୍କାମସ୍କା ଗାଁରେ ୬୫ ଘର କୁଟିଆ କନ୍ଧ ସମ୍ପ୍ରଦାୟର ଲୋକ ସ୍ୱାଧୀନତା ପୂର୍ବରୁ ବସବାସ କରି ଆସୁଛନ୍ତି। ଗାଁରେ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ମୁଖ୍ୟ ସମସ୍ୟା ହେଉଛି ଶିକ୍ଷା। ଗାଁଠାରୁ ୩ କିମି ଦୂର ଘଞ୍ଚ ଜଙ୍ଗଲ ଦେଇ ରହିଛି ବାଲିସରା ପ୍ରାଥମିକ ବିଦ୍ୟାଳୟ। ଗାଁରେ ୬୪ ଜଣ ଆଦିବାସୀ ପିଲାଙ୍କ ମଧ୍ୟରୁ ୨୨ ଜଣ ବିଭିନ୍ନ ଆବାସିକ ସ୍କୁଲରେ ରହି ପାଠ ପଢୁଥିବା ବେଳେ ୬ ଜଣ ୫ମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ବସ୍ତାନିରେ ଡୋରି ପଡ଼ିଥିଲା। ଫଳରେ ୩୬ ପିଲା ପଢ଼ିବାର ଇଚ୍ଛାଶକ୍ତି ଥିଲେ ମଧ୍ୟ ସ୍କୁଲର ଦ୍ୱାର ମାଡ଼ି ନଥିବା ଜଣାପଡ଼ିଥିଲା। ଗାଁ ଲୋକଙ୍କ ବାରମ୍ବାର ଦାବି ପରେ ଗାଁରେ ସ୍କୁଲ କୋଠା ନିର୍ମାଣ ପାଇଁ ୨୦୨୩ରେ ରାଜସ୍ୱ ନିରୀକ୍ଷକ ଗାଁକୁ ଆସି ଜାଗା ଚିହ୍ନଟ କରିଥିଲେ। କିନ୍ତୁ ଦୁଇ ବର୍ଷ ପରେ ବି କୌଣସି ସ୍କୁଲ କୋଠା ନିର୍ମାଣ ହୋଇ ପାରିନାହିଁ। ଏ ସମସ୍ୟାକୁ ନେଇ ଗ୍ରାମବାସୀ ପୂର୍ବରୁ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା।

ଏ ସମ୍ପର୍କରେ 'ସକାଳ'ରେ ଗତ ସେପ୍ଟେମ୍ବର ୧୯ ତାରିଖ ଦିନ ଖବର ପ୍ରକାଶ ପାଇଥିଲା। ଏହା ପରେ ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ତତ୍ପରତା ଦେଖାଇଥିଲେ। ବିଇଓ ରୁଷିଆ ମେହେର ୧୯ ତାରିଖ ସେହିଦିନ ହିଁ ଗାଁକୁ ଗସ୍ତ କରି ଲୋକଙ୍କ ସହିତ ଆଲୋଚନା କରି ପାଠ ଛାଡ଼ିଥିବା ପିଲାଙ୍କୁ ସ୍କୁଲରେ ନାମ ଲେଖାଇବାକୁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇ କିଛିଦିନ ପରେ ରାଜ୍ୟ ସରକାରଙ୍କ 'ଆସ ସ୍କୁଲ୍ ଯିବା' ଅଭିଯାନରେ ସାମିଲ କରାଯାଇଛି। ଏହି ମଧ୍ୟରୁ ୩୦ ଜଣଙ୍କୁ ବାଲିସରା ପ୍ରାଥମିକ ବିଦ୍ୟାଳୟ ନାମାଙ୍କନ କରା ଯାଇଥିବା ବେଳେ ୬ ଜଣଙ୍କୁ ବନ୍ଧପାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମାଙ୍କିତ କରାଯାଇଥିଲା। ଜଙ୍ଗଲୀ ରାସ୍ତା ଯୋଗୁଁ ହିଂସ୍ରଜନ୍ତୁଙ୍କ ଭୟ ଲାଗି ରହିଥିବା ବେଳେ ପିଲା ଏକୁଟିଆ ସ୍କୁଲ ଯିବା ସମ୍ଭବ ହୋଇନଥିଲା। କିଛିଦିନ ଅଭିଭାବକ ମାନେ ପିଲାଙ୍କୁ ନେଇ ବାଲିସରା ସ୍କୁଲ ଛାଡିବାକୁ ଯାଉଥିଲେ। ନିୟମିତ ପିଲାଙ୍କୁ ସ୍କୁଲ ନେବା ଆଉ ସମ୍ଭବ ହେଲାନାହିଁ। ଯାହା ଫଳରେ ପିଲାମାନେ ନିୟମିତ ସ୍କୁଲ ଯାଇନପାରି ଗାଁରେ ରହୁଥିବା ବେଳେ ଗାଁରେ ବିଦ୍ୟାଳୟ ସ୍ଥାପନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ବିଇଓ ରୁଷିଆ ମେହେରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା।

### କଳାହାଣ୍ଡି ଜିଲ୍ଲାପାଳଙ୍କ ଜରୁରୀ ବୈଠକ

## ଏଲ୍‌ପିଜି, ପେଟ୍ରୋଲ ଓ ଡିଜେଲ ବିତରକଙ୍କ ସହ ଆଲୋଚନା

ଭବାନୀପାଟଣା, ୧୨।୩(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଅପରାହ୍ନରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣାସ୍ଥିତ ଜିଲ୍ଲାପାଳ କାର୍ଯ୍ୟାଳୟର ଓସ୍ୱାନ ହଲ୍‌ରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ଜିଲ୍ଲାର ସମସ୍ତ ଏଲପିଜି, ପେଟ୍ରୋଲ ଓ ଡିଜେଲ ବିତରକ, ଯୋଗାଣକାରୀ ସଂସ୍ଥା, ଅଧିକାରୀ ସାମିଲ ହୋଇଥିଲେ। ବୈଠକରେ ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲର ନିରବଚ୍ଛିନ୍ନ ଯୋଗାଣ ଓ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଦାମରେ ବିକ୍ରୟ ସମ୍ବନ୍ଧ ରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ସମସ୍ତ ବିତରକମାନଙ୍କୁ ତାଗିଦ କରିବା ସହିତ କଳାବଜାରୀ କରୁଥିବା ବ୍ୟକ୍ତିମାନଙ୍କୁ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଆଇନ-୧୯୫୫ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ କହିଥିଲେ ଯେ, ସାଧାରଣ ଜନତା ଏଥି ସମ୍ବନ୍ଧୀୟ କୌଣସି ଅଭିଯୋଗ ଜିଲ୍ଲା କଣ୍ଟ୍ରୋଲ ରୁମ୍ ମୋବାଇଲ ନଂ ୯୪୩୮୨୦୦୦୪୫ରେ ଯୋଗାଯୋଗ କରି ନିଜ ଅଭିଯୋଗ ଦାଖଲ କରିପାରିବେ। ଜିଲ୍ଲାରେ ଏଲପିଜି, ପେଟ୍ରୋଲ ଓ ଡିଜେଲ ତଦାରଖ ଲାଗି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଏକ କମିଟି ଏବଂ ତହସିଲଦାର ଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଛି। ବ୍ଲକସ୍ତରୀୟ ଯୋଗାଣ ନିରୀକ୍ଷକମାନେ ଏସମ୍ବନ୍ଧରେ ସଜାଗ ରହିବା ସହିତ ନିଜର ଦାୟିତ୍ୱକୁ ଅଧିକ ଯତ୍ନବାନ୍ ହୋଇ ତୁଲାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।




### ମାରୱାଡି ମହିଳା ସମିତି ନୂତନ କର୍ମକର୍ତ୍ତା

## ଗାୟତ୍ରୀ ସଭାପତି, କୋମଲ ସମ୍ପାଦକ

ଜୁନାଗଡ଼, ୧୨।୩(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରର ମାରୱାଡି ମହିଳା ସମିତିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି।ସହରର ଅଗ୍ରେସନ ଭବନରେ ଗୁରୁବାର ଦିନ ମାରୱାଡି ମହିଳା ସମିତିର ବିଭିନ୍ନ କାର୍ଯ୍ୟକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଗାୟତ୍ରୀ ଅଗ୍ରୱାଲ୍ ଓ ସମ୍ପାଦିକା ଭାବେ କୋମଲ ଅଗ୍ରୱାଲ୍ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା ବେଳେ ଭାବେ କୋଷାଧକ୍ଷକ୍ଷ ଭାବେ ଅଙ୍କିତା ଅଗ୍ରୱାଲ୍ ଚୟନ ହୋଇଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ଼ ମାରୱାଡି ମହିଳା ସମିତିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।



## ମଦ ଜବତ, ଜଣେ ଗିରଫ

କୋକସରା, ୧୨।୩(ସମିସ): କୋକସରା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଲଡୁଗାଁର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଗ୍ରାମର ମଞ୍ଜିତା ଜୁଏଡ, କୁଞ୍ଜ ଦଣ୍ଡସେନା, ଦେବେନ୍ଦ୍ର ଗୋପାଳ ଓ କାହ୍ନୁଚରଣ ମହାନନ୍ଦଙ୍କ ନିକଟରୁ ୩୭.୦୪ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ୪ଟି ମାମଲା ରୁଜୁ କରାଯାଇଛି। ୩ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଥିବା ବେଳେ କୁଞ୍ଜ ଦଣ୍ଡସେନାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ତେବେ ତାଙ୍କର ଜାମିନ ହୋଇଥିବା କୋକସରା ଅବକାରୀ ଥାନା ପକ୍ଷରୁ ସୂଚନା ମିଳିଛି। ଚଢ଼ାଉରେ ଧର୍ମଗଡ଼ ଅବକାରୀ ଇନ୍ସପେକ୍ଟର ଅରୁଣ କୁମାର ଯୋଶୀ, କୋକସରା ଅବକାରୀ ଓଆଇସି ଗୁପ୍ତେଶ୍ୱର ପଟେଲ, କନେଷ୍ଟବଳ ମହାଦେବ କଟା, ସୁରେଶ ଚନ୍ଦ୍ର ଭୋଇ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ହୋଇଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ; ଜଣେ ମୃତ, ୩ ଗୁରୁତର

କୋକସରା, ୧୨।୩(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କୁଲେରଗୁଡା-ଖୁରର୍ସେଲଗୁଡା ରାସ୍ତାରେ ବୁଧବାର ବିଳମ୍ବିତ ରାତିରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣକର ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖୁର୍ସେଲଗୁଡ଼ା ଗ୍ରାମର ଈଶ୍ୱର ପାଳି(୨୪) ଓ ଗୁରୁତର ମାନେ ହେଲେ ପିପଲଝାପର ଗ୍ରାମର ଟୁନା ମାଝୀ(୨୫), ସୁଶାନ୍ତ ବେହେରା(୨୨), ପ୍ରେମଲାଲ ବାଗ(୧୮) ବୋଲି ଜଣାପଡ଼ିଛି।ସମସ୍ତ ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଈଶ୍ୱର ପାଳିଙ୍କ ମୃତ୍ୟୁ ଘଟିଥିଲା। ଟୁନା ମାଝୀ, ସୁଶାନ୍ତ ବେହେରା ଓ ପ୍ରେମଲାଲ ବାଗଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଆମପାଣି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଦୁର୍ଘଟଣା ଗ୍ରସ୍ତ ବାଇକ୍‌କୁ ଜବତ କରିଛି। ଗୁରୁବାର ମୃତକଙ୍କ ପରିବାର ଲୋକେ ଆମପାଣି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। କୋକସରା ମେଡ଼ିକାଲରେ ଶବ ବ୍ୟବଚ୍ଛେଦ ହେବାପରେ ପରିବାର ଲୋକେ ଶବ ହସ୍ତାନ୍ତର କରାଯାଇଛି।

### ଦଲାଲ୍ ନିୟନ୍ତ୍ରଣରେ ମହୁଲ ଦର

# ଶୋଷଣର ଶିକାର ଆଦିବାସୀ ଗୋଟାଳି





ଲାଞ୍ଜିଗଡ଼, ୧୨।୩ (ସମିସ)

ମହୁଲଫୁଲ ମହକରେ ଏବେ କଳାହାଣ୍ଡିର ଜଙ୍ଗଲୀ ଇଲାକା ମହକୁଛି। ମହୁଲ ସଂଗ୍ରହ କରି ଦି' ପଇସା ରୋଜଗାର କରିବାକୁ ଆଶା ବାନ୍ଧିଛନ୍ତି ଲାଞ୍ଜିଗଡ଼ ଅଞ୍ଚଳରଲୋକେ। କିନ୍ତୁ ମହୁଲରୁ ଟଙ୍କା ରୋଜଗାର ଆଶାରେ ବାଧକ ସାଜୁଛି ଦଲାଲ୍‌ଙ୍କ ହସ୍ତକ୍ଷେପ।ଜଙ୍ଗଲରୁ ମହୁଲ ସଂଗ୍ରହ କରି ଘରକୁ ଆଣିବା ପରେ ବିକ୍ରି ସମୟରେ ମହୁଲ ଗୋଟାଳୀ ଏହି ଦଲାଲଙ୍କ ଶୋଷଣର ଶିକାର ହେଉଥିବା ବେଳେ ଖୁବ୍ କମ୍ ଦରରେ ମହୁଲ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। କିନ୍ତୁ ପ୍ରଶାସନ ଏଦିଗରେ ଧ୍ୟାନ ଦେଉନି କି ମହୁଲ ବିକ୍ରି ପାଇଁ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା ବି କରୁନାହିଁ।

ଏନେଇ ବିଡିଓ ଶଶାଙ୍କ ପାତ୍ରଙ୍କୁ ପଚାରିବାରୁ, କେକେଡିଏ ମହୁଲ କିଣିବା କଥା, କିନ୍ତୁ କାହିଁକି କିଣୁନି ବୁଝିବାକୁ ପଡ଼ିବ ବୋଲି କହିଥିଲେ। ତେବେ ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର, କର୍ମର୍ଦ୍ଧା, ଭୁର୍ଟିଗଡ଼, ପୋଖରୀବନ୍ଧ, ବେଡ଼ାଗାଁ, କୁମଖାଲ, ବନ୍ଧପାରି, କାନକୁଟୁରୁ, ବିଜେପୁର, ଲାଞ୍ଜି, ବେନଗାଁ, ଲାଞ୍ଜିଗଡ଼ରୋଡ଼, ଚମ୍ପାଦେଇପୁର, ପାହାଡ଼ପଦର, ବାତେଲିମା, ଲାଞ୍ଜିଗଡ଼, ଛତ୍ରପୁର, ଗୁଣ୍ଡାରୀ, ଲାଖବାହିଲି ଏବଂ ଗୋବର୍ଦ୍ଧନପୁର ପଞ୍ଚାୟତର ବିଭିନ୍ନ ଗାଁରେ ଏବେ ମହୁଲ ସଂଗ୍ରହ ଚାଲିଛି। ନିୟମାନୁସାରେ, ଜିଲ୍ଲା ପ୍ରଶାସନ ଓ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଏହି ଜଙ୍ଗଲ ଜାତ ଦ୍ରବ୍ୟ ଆଦିବାସୀଙ୍କଠାରୁ କିଣିବା କଥା ମାତ୍ର ଗାଁରୁ ଗାଁ ବୁଲି କିଛି ସାହୁକାର ଓ ମଦଭାଟି କର୍ମଚାରୀ ଆଦିବାସୀଙ୍କଠାରୁ ଶୁଖିଲା ମହୁଲକୁ ସଂଗ୍ରହ କରିଥାନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଆଦିବାସୀମାନେ କେତେ ଟଙ୍କାରେ ମହୁଲ ବିକିବେ ତାହା ମଧ୍ୟ ସେମାନେ ନିର୍ଦ୍ଧାରଣ କରିଥାନ୍ତି। ଚଳିତ ବର୍ଷ କେଜି ପ୍ରତି ୧୫ରୁ ୨୦ ଟଙ୍କା ଦରରେ ଆଦିବାସୀମାନେ ଏହାକୁ ବିକ୍ରି କରୁଥିବା ଜଣାପଡ଼ିଛି। ୨୦୦୨ ମସିହାରେ ଲଘୁ ବନଜାତ ଦ୍ରବ୍ୟ ଭଳି ମହୁଲଫୁଲ କ୍ଷେତ୍ରରେ ଦର ନିର୍ଦ୍ଧାରଣ ଲାଗି ପଞ୍ଚାୟତକୁ କ୍ଷମତା ଦିଆଯାଇଥିଲା। ମହୁଲ କିଣିବାକୁ ଲାଇସେନ୍ସପ୍ରାପ୍ତ ବ୍ୟକ୍ତିଙ୍କୁ ମଧ୍ୟ ଅଧିକାର ଦିଆଯାଇଥିଲା। ହେଲେ ସାଧାରଣ ଲୋକେ ଏସମ୍ପର୍କରେ ଜାଣିପାରୁନଥିବା ବେଳେ ଠକେଇର ଶିକାର ହେଉଛନ୍ତି। ତେଣୁ ଲାଞ୍ଜିଗଡ଼ ଅଞ୍ଚଳରେ ମହୁଲଫୁଲ ବିକ୍ରି ପାଇଁ ବଜାର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବୃହତ୍ ଚାରାରୋପଣ ଅଭିଯାନ ଉଦ୍‌ଘାଟିତ

ଗୋଲାମୁଣ୍ଡା, ୧୨।୩(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ବିଭାଗ ଆନୁକୂଲ୍ୟରେ ଅଧ୍ୟକ୍ଷ ସରୋଜକାନ୍ତ ରଥଙ୍କ ଉପସ୍ଥିତି ଓ ଯୁବ ରେଡକ୍ରସ୍ ପରାମର୍ଶଦାତା ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ାଙ୍କ ସାକାର ଉଦ୍ୟମରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ମେଗା ବୃକ୍ଷରୋପଣ ଅଭିଯାନ ଉଦ୍‌ଘାଟିତ ହୋଇଯାଇଛି।ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ଥିଲେ। ଯୁବ ରେଡ଼କ୍ରସ, ଓଡ଼ିଶା ରାଜ୍ୟ ଶାଖାର ସହାୟତାରେ ବୃହତ୍ ବୃକ୍ଷରୋପଣ ଅଭିଯାନ ଆୟୋଜିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ସୁସ୍ଥ ପରିବେଶ ସହିତ ସ୍ୱପ୍ନ ସଜଡ଼ା ଜୀବନକୁ ସବୁଜସୁନ୍ଦର କରୁଥିବା ଅନ୍ୟୁନ ଏକଶତ




ଉପାଦେୟ ବୃକ୍ଷ ଯୁବରେଡକ୍ରସ୍ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ଚଳିତ ୨୦୨୫-୨୬ ବର୍ଷର ବର୍ଷା ଋତୁରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରୋପଣ କରିଥିଲେ। ସେଗୁଡ଼ିକର ଉପଯୁକ୍ତ ଯତ୍ନ ଓ ସୁରକ୍ଷା ପାଇଁ ପଦକ୍ଷେପ ସ୍ୱରୂପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ବିଭାଗ ତରଫରୁ ଲୁହା ତାରଜାଲି ବାଡ଼ ଦିଆଯିବା ସହିତ ନବନିର୍ମିତ ପାଣିଟାଙ୍କିରୁ ପାଇପ୍ ମାଧ୍ୟମରେ ସବୁ ବୃକ୍ଷମୂଳକୁ ବୁନ୍ଦା ଜଳସେଚନର ବ୍ୟବସ୍ଥା କରାଯାଇଛି ଓ ପ୍ରତ୍ୟେକ ବୃକ୍ଷରେ ବୃକ୍ଷରୋପଣ ସମ୍ପର୍କିତ ବିଭିନ୍ନ ଜନସଚେତନ ମୂଳକ ସ୍ଲୋଗାନ ଓ ବାର୍ତ୍ତା ଦିଆଯାଇଛି। ଏଥି ସହିତ ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ପାଣି ପାଇଁ ଡହଳବିକଳ ହୋଇ କଥା କହିପାରୁ ନଥିବା ନିରୀହ ପଶୁ, ପକ୍ଷୀଙ୍କ ଲାଗି ସିମେଣ୍ଟରେ ପ୍ରସ୍ତୁତ ପାଣିଭର୍ତ୍ତି ପାତ୍ରମାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୁବ୍ୟବସ୍ଥିତ କରାଯାଇଛି। ଶତାଧିକ ଚାରାରୋପଣ ସହିତ ଉପଯୁକ୍ତ ଯତ୍ନ ଓ ସୁରକ୍ଷା ଦେଇ ସେଗୁଡିକୁ ବଞ୍ଚାଇ ସବୁଜ ସୁନ୍ଦର ସୁସ୍ଥ ପରିବେଶ ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅଧ୍ୟକ୍ଷ ମତ ବ୍ୟକ୍ତ କରିଛନ୍ତି।

### ଶିକ୍ଷକ ଅଭାବରୁ ବିରିକୋଟ ସ୍କୁଲରେ ପରୀକ୍ଷା ବର୍ଜନ ଘଟଣା

# ୩ ଦିନ ପରେ ବି ସମସ୍ୟାର ସମାଧାନ ନାହିଁ

ଥୁଆମୂଳରାମପୁର, ୧୨ ।୩(ସମିସ)

ଶିକ୍ଷକ ଅଭାବ ଯୋଗୁଁ ବିରିକୋଟ ସରକାରୀ ବିଦ୍ୟାଳୟରେ ଗଭୀର ଶିକ୍ଷା ସମସ୍ୟା ଦେଖାଦେଇଛି । ଏହାକୁ ପ୍ରତିବାଦ କରି ଅଭିଭାବକ ଓ ଗ୍ରାମବାସୀ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ବର୍ଜନ କରାଇବା ସହ ବିଦ୍ୟାଳୟ ବନ୍ଦ କରି ଦେଇଛନ୍ତି । ଘଟଣାର ୩ ଦିନ ବିତିଯାଇଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ କୌଣସି ସମାଧାନ ହୋଇନଥିବାରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତାରେ ପଡ଼ିଛି । ସୂଚନାଯୋଗ୍ୟ ଯେ, ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ହେଉଥିବା ବେଳେ ମାତ୍ର ୩ଟି ଶ୍ରେଣୀ କକ୍ଷ ରହିଛି । ବିଦ୍ୟାଳୟରେ ମୋଟ ୧୧୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମାତ୍ର ତିନିଜଣ

**● ଅନିଶ୍ଚିତତାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ**

**● ଶିକ୍ଷକ ନିଯୁକ୍ତି ନହେଲେ ଆନ୍ଦୋଳନ ଚେତାବନୀ**

ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି ।ହେଲେ ଏମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ କୌଣସି କାରଣରୁ ଦୀର୍ଘ ଦିନ ହେବ ଅନୁପସ୍ଥିତ ରହିଥିବା ବେଳେ କେବଳ ଦୁଇଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କ ଉପରେ ପାଠପଢ଼ାଭାର ପଡ଼ିଛି । ଏହି କାରଣରୁ ନିୟମିତ ଭାବରେ ପାଠ ପଢ଼ା ହୋଇପାରୁନଥିବା ସହ ଅନେକ ପାଠ୍ୟପୁସ୍ତକର ଅଧ୍ୟାୟ ଅଧୂରା ରହିଯାଇଛି । ଏପରି ପରିସ୍ଥିତିରେ ଗତ ମଙ୍ଗଳବାର ଦିନଠାରୁ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ଆରମ୍ଭ ହୋଇଥିଲା । କିନ୍ତୁ ପାଠ ଶେଷ ନହୋଇଥିବାରୁ ଛାତ୍ରଛାତ୍ରୀମାନେ କେମିତି ପରୀକ୍ଷା ଦେବେ ବୋଲି ଅଭିଭାବକମାନଙ୍କ ଚିନ୍ତା ବଢ଼ିଥିଲା । ଏହାର ପ୍ରତିବାଦ ସ୍ୱରୂପ ଅଭିଭାବକମାନେ ନିଜ ନିଜ ପିଲାଙ୍କୁ ପରୀକ୍ଷା ଦେବାରୁ ବାରଣ କରିଥିବା ସହ ସମସ୍ୟା ସମାଧାନ ନହେଉ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ଅନ୍ୟପଟେ, ବିଦ୍ୟାଳୟ ବନ୍ଦ ହୋଇ ତିନି ଦିନ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ବିଭାଗୀୟଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିନଥିବା ଅଭିଯୋଗ ହୋଇଛି । ଶୀଘ୍ର ଆବଶ୍ୟକତା ଅନୁଯାୟୀ ଶିକ୍ଷକ ନିଯୁକ୍ତି ନକରାଗଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରାଯିବ ବୋଲି ଅଭିଭାବକ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ବିବିନା ପୁଲିସ କଲୋନୀରେ ନିମ୍ନମାନର କାମ

**ସଇଁତଲା, ୧୨ ।୩(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ବିବିନା ଗ୍ରାମରେ ଥିବା ପୁଲିସ କଲୋନୀରେ ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି । ନିମ୍ନମାନର କାମ କରାଯାଉଥିବା ଅଭିଯୋଗ ଉଠିବା ପରେ ସ୍ଥାନୀୟ ଠିକାଦାର ସଂଘ ପହଞ୍ଚି କାମ ବନ୍ଦ କରାଇଛି । ବିବିନା ପୁଲିସ କଲୋନୀ ପରିସରକୁ ସୁରକ୍ଷା ଦୃଷ୍ଟିରୁ ପାଚେରି ନିର୍ମାଣ ପାଇଁ ପ୍ରାୟ ୩୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏହି କାର୍ଯ୍ୟକୁ କଳାହାଣ୍ଡି ଜିଲ୍ଲାର ହେମନ୍ତ ସାହୁ ନାମକ ଠିକାଦାର ନେଇଛନ୍ତି । ସେ ୨୬ ପ୍ରତିଶତ ଲେସ୍‌ରେ ଟେଣ୍ଡର ପକାଇ କାମ ନେଇଥିଲେ; କିନ୍ତୁ କାର୍ଯ୍ୟ ଆରମ୍ଭ

**କାମ ବନ୍ଦ କଲେ ଠିକାଦାର ସଂଘ**

ହେବା ପରେ ନିର୍ମାଣ କାମର ମାନକୁ ନେଇ ସନ୍ଦେହ ଦେଖା ଦେଇଛି । ସ୍ଥାନୀୟ ଲୋକ ଏବଂ ଠିକାଦାର ସଂଘର କିଛି ସଦସ୍ୟଙ୍କ ଅଭିଯୋଗ ଅନୁସାରେ ନିର୍ମାଣ କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି । ନିୟମିତ ପ୍ରକ୍ରିୟା ମଧ୍ୟ ପାଳନ ହେଉନଥିଲା । ସିମେଣ୍ଟ ଓ ବାଲି ମିଶ୍ରଣ ମଧ୍ୟ ଠିକ୍ ଅନୁପାତରେ ହୋଇ ନ ଥିବା ଦାବି କରାଯାଇଛି । ଏହା ସହିତ ଦ୍ରୁତ ଗତିରେ କାମ ସାରିବା ପାଇଁ ମାନକୁ ଅବହେଳା କରାଯାଉଥିବା ଅଭିଯୋଗ ମଧ୍ୟ ଆସିଛି । ଏହି ଖବର ଜାଣିବା ପରେ ସ୍ଥାନୀୟ ଠିକାଦାର ସଂଘର ସଦସ୍ୟମାନେ ପହଞ୍ଚି ନିର୍ମାଣ କାମକୁ ତୁରନ୍ତ ବନ୍ଦ କରାଇଥିଲେ । ସରକାରୀ ଅର୍ଥରେ ହେଉଥିବା ଏପରି କାର୍ଯ୍ୟରେ ଯଦି ନିମ୍ନମାନର କାମ ହୁଏ ତେବେ ସରକାରୀ ଧନର ଅପଚୟ ହେବା ସହ ସ୍ଥାୟିତ୍ୱ ନେଇ ସମସ୍ୟା ହୋଇପାରେ । ତେଣୁ ଠିକ୍ ତଦନ୍ତ ହେବା



ପର୍ଯ୍ୟନ୍ତ କାମ ବନ୍ଦ ରଖିବାକୁ ସେମାନେ ଦାବି କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ବିଭାଗୀୟ ଏସଡିଓ ମାଣିକ କୁମ୍ଭାର ଘଟଣାସ୍ଥଳକୁ ପହଞ୍ଚି ପରିସ୍ଥିତିର ତଦନ୍ତ କରିଥିଲେ । ସେ ନିର୍ମାଣ କାମର ମାନ ଯାଞ୍ଚ କରିବା ସହିତ ସମ୍ପୃକ୍ତ ଠିକାଦାରଙ୍କୁ ନିୟମ ଅନୁଯାୟୀ ଓ ମାନ ରକ୍ଷା କରି କାମ କରିବା ପାଇଁ ତାଗିଦ କରିଥିବା କହିଛନ୍ତି ।

# ପୋଖରୀରୁ ମିଳିଲା ମଣିଷ ଜଙ୍ଘ

**ଜୟପାଟଣା, ୧୨ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ବିମଳା ବାଗବନ୍ଧ ପୋଖରୀରୁ ଗଳିତ ମଣିଷ ଜଙ୍ଘ ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି । ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ସନ୍ଦେହର ବାତାବରଣ ଖେଳିଯାଇଛି ।ସୂଚନା ଅନୁଯାୟୀ, ଆଜି ଗାଁର କିଛି ପିଲା ମାଛ ଧରିବା ପାଇଁ ବାଗବନ୍ଧ ପୋଖରୀକୁ ଯାଇଥିଲେ । ଜାଲରେ କିଛି ଏକ ଭାରି ଜିନିଷ ଲାଗିଥିବାରୁ ପିଲାମାନେ ତାକୁ ବଡ଼ ମାଛ ଭାବି କୂଳକୁ ଟାଣି ଆଣିଥିଲେ । ମାତ୍ର ସେଠାରେ ଏକ ଗଳିତ ମଣିଷ ଜଙ୍ଘ ଦେଖିବାକୁ ପାଇ ସେମାନେ ଭୟଭୀତ ହୋଇ ପାଟି କରିଥିଲେ ।

ଖବର ପାଇ ଜୟପାଟଣା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜଙ୍ଘଟିକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି । ପୋଖରୀ ମଧ୍ୟରେ ଶରୀରର ଅନ୍ୟ ଅଂଶ ଅଛି କି ନାହିଁ, ସେ ନେଇ ମଧ୍ୟ ଖୋଜାଖୋଜି ଜାରି ରହିଛି ।ଏହି ଘଟଣା ଏକ ଭିନ୍ନ ମୋଡ଼ ନେଇଛି, କାରଣ ଗତ ୭ ମାସ ତଳେ ଉକ୍ତ ଗାଁର ଅମୃତ ପୁଝାରି ନାମକ ଜଣେ ଯୁବତୀ ନିଖୋଜ ହୋଇଥିବା ନେଇ ଜୟପାଟଣା ଥାନାରେ ପୂର୍ବରୁ ଅଭିଯୋଗ ହୋଇଥିଲା । ବର୍ତ୍ତମାନ ମିଳିଥିବା ଶରୀରର ଅଂଶଟି ସେହି ନିଖୋଜ ଯୁବତୀଙ୍କର କି ନୁହେଁ, ସେ ନେଇ ଗ୍ରାମବାସୀ ଓ ପରିବାର ଲୋକଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି ।

# 'ସୁଭଦ୍ରା' ଶକ୍ତି ମେଳାର ସପ୍ତମ ସନ୍ଧ୍ୟା




**ବୌଦ୍ଧ, ୧୨ ।୩(ସମିସ):** ମିଶନ ଶକ୍ତି ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳାର ସପ୍ତମ ସନ୍ଧ୍ୟାର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି ।ମେଳା ମାର୍ଚ୍ଚ ୬ ତାରିଖ ଠାରୁ ଆରମ୍ଭ ହୋଇ ୧୨ ମାର୍ଚ୍ଚ ପର୍ଯ୍ୟନ୍ତ କଚେରୀ ପଡ଼ିଆ ଠାରେ ଅନୁଷ୍ଠିତ ହେଉଥିଲା । ମେଳାରେ ମୋଟ ୧୨୦ ଟି ଷ୍ଟଲ ଖୋଲା ଯାଇଥିଲା । ଲକ୍ଷପତି ଦିଦି ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଡେମୋ ଷ୍ଟଲ ଖୋଲାଯାଇଥିଲା ।

ସପ୍ତମ ସନ୍ଧ୍ୟା କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରୀକା ଦତ୍ତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଲିଡ଼ ବ୍ୟାଙ୍କ ମ୍ୟାନେଜର ଡନ ବସ୍କୋ, ସିଡିପି ଓ, ବୌଦ୍ଧ ୱକ୍ଷ ହିଦା ବେଗମ, ସିଡିପିଓ, ହରଭଙ୍ଗା ଦୀପ୍ତିମୟୀ ପାତ୍ର, ଜିଲ୍ଲା ପରିଯୋଜନା ଅଧିକାରୀ ରୀନା ମହାନ୍ତି, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଡିପିସି ମିଶନ ଶକ୍ତି ରଶ୍ମି ରଞ୍ଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରୀକା ଦତ୍ତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସଙ୍ଗୀତାୟନ, ବୌଦ୍ଧ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ପରେ ନଟରାଜ କଳାମନ୍ଦିର ଫୁଲବାଣୀର କଳାକାର ଓଡିଶୀ ନୃତ୍ୟ, ସଙ୍ଗୀତ ସାଧନା, ଲୋଇସିଂହା, ଜିଲ୍ଲା ଧାର୍ମିକ, ସଂକ୍ଷସ୍କୃତିକ ଓ ସେବା ମହାସଂଘ, ବୌଦ୍ଧ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ ।ପରେ ପରେ ଅର୍ଚ୍ଚନା ପାଢ଼ୀ ମେଲୋଡିର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଏହି ଅବସରରେ ଶ୍ରେଷ୍ଠ କୃଷି ଉତ୍ପାଦକ ବର୍ଗରେ ଶ୍ରେଷ୍ଠ ବିକ୍ରି ପାଇଁ ଆମ ଘର ପିଜି ପ୍ରଥମ, ଅଣ କୃଷି ଉତ୍ପାଦକ ବର୍ଗରେ ଲକ୍ଷ୍ମୀ ନାରାୟଣ ଟସର ହ୍ୟାଣ୍ଡଲୁମ, ଶ୍ରେଷ୍ଠ ପ୍ୟାକେଜିଙ୍ଗ ଲେବେଲିଙ୍ଗ ଓ ପ୍ରଦର୍ଶନ ବର୍ଗରେ ନାରୀ ସମୃଦ୍ଧି ପିଜି ମନମୁଣ୍ଡା, ବୌଦ୍ଧ, ଶ୍ରେଷ୍ଠ ଗ୍ରାହକ ଆଚରଣ ଓ ଉତ୍ପାଦ ବର୍ଣ୍ଣନା ବର୍ଗରେ କରଞ୍ଜେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀ, ଜଗତସିଂହପୁର, ଶ୍ରେଷ୍ଠ ଗୋଷ୍ଠୀ ଉତ୍ପାଦରେ ସର୍ବଶ୍ରେଷ୍ଠ ଉଦ୍ଭାବନ ବର୍ଗରେ ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସର୍ବ ଶ୍ରେଷ୍ଠ ଷ୍ଟଲ ଓ ସାମଗ୍ରିକ ପ୍ରଦର୍ଶନ ବର୍ଗରେ ଗାୟତ୍ରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ନିମାପଡ଼ା, ପୁରୀକୁ ୨୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସ୍ୱୟଂ ସହାୟିକା ଦଳକୁ ଯଥାକ୍ରମେ କୋଡିଏ ହଜାର, ପନ୍ଦର ହଜାର ଓ ଦଶ ହଜାର ଟଙ୍କାର ଚେକ ସହ ସର୍ବମୋଟ ଦୁଇ ଲକ୍ଷ ପଚାଶ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନବକିଶୋର ଦୀପ, ସଂଯୋଜିକା ଶ୍ରଦ୍ଧାଞ୍ଜଳି ସାହୁ ଏବଂଶୁଭ ଲକ୍ଷ୍ମୀ ମୁଦୁଲି ପରିଚାଳନା କରିଥିଲେ ।

# ପରିତ୍ୟକ୍ତ ଅବସ୍ଥାରେ ବନ ସୁରକ୍ଷା ସମିତି କାର୍ଯ୍ୟାଳୟ

**ବୀରମହାରାଜପୁର, ୧୨ ।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ମାଟୁପାଲିରେ ଥିବା ବନ ସୁରକ୍ଷା ସମିତି କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ଏହା ଲୋକଙ୍କ କାମରେ ଆସୁନାହିଁ । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟାଳୟ ଚାରିପଟେ ଲତାବୁଦା ଓ ଛୋଟ ଛୋଟ ଗଛ ମାଡ଼ି ଗଲାଣି । ଏହାଫଳରେ କାର୍ଯ୍ୟାଳୟଟି ବର୍ତ୍ତମାନ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ । ମାଟୁପାଲିରେ ସରକାରଙ୍କ ତରଫରୁ ବନ ସୁରକ୍ଷା ସମିତି ଗଠନ କରାଯାଇଛି । ଏଥିପାଇଁ ବନବିଭାଗ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ବନସୁରକ୍ଷା ସମିତି ଗୃହ ନିର୍ମାଣ କରାଯାଇଥିଲା । ମାତ୍ର ନିର୍ମାଣ ହେବା ଦିନଠାରୁ ବିଭାଗୀୟ କର୍ମଚାରୀଙ୍କ ରକ୍ଷଣା ବେକ୍ଷଣ ଅଭାବରୁ ଏହାର ଚାରି ପାଖରେ ଗଛ ଲତା ମାଡ଼ିଯିବା ଫଳରେ କାର୍ଯ୍ୟାଳୟଟି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ । ଏବେ ଏହା ନଷ୍ଟ ହେବାକୁ ବସିଲାଣି ।

ଏନେଇ ରେଞ୍ଜର ଦେବରାଜ ଛତ୍ରିଆ କହିଛନ୍ତି ଯେ, ଏହି କାର୍ଯ୍ୟାଳୟକୁ ସଫା ସୁତୁରା କରି ଏହାକୁ ବ୍ୟବହାର ଉପଯୋଗୀ କରାଯିବା ପାଇଁ ସମିତି ସହ ଆଲୋଚନା କରି ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରାଯିବ ।

# ମାରାଗୁଡ଼ା ଲୋକମହୋତ୍ସବ ପାଇଁ ବାଜିଲା ବିଗୁଲ୍

### ପ୍ରଚାର ଓ ପ୍ରସାର ଲାଗି ପୋଷ୍ଟର ଉନ୍ମୋଚିତ

**ନୂଆପଡ଼ା, ୧୨ ।୩(ସମିସ):** ନୂଆପଡ଼ା ଜିଲ୍ଲାର ଐତିହ୍ୟ, ସଂସ୍କୃତି, ଲୋକକଳାର ମହାପାର୍ବଣ'ମାରାଗୁଡ଼ା ଲୋକମହୋତ୍ସବ-୨୦୨୬ର ପ୍ରଚାର ଓ ପ୍ରସାର ଲାଗି ପ୍ରଚାର ଫର୍ଦ୍ଦ (ପୋଷ୍ଟର) ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଉନ୍ମୋଚିତ ହୋଇଯାଇଛି । ବିଭିନ୍ନ କମିଟିର ସଦସ୍ୟମାନଙ୍କ ଦ୍ୱାରା ପୋଷ୍ଟର ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ୍ ସିଂ, କମିଟି ସଦସ୍ୟ ତଥା ବିଶିଷ୍ଟ ଆଇନଜୀବୀ ପ୍ରସନ୍ନ ପାଢ଼ୀ, ଅବସରପ୍ରାପ୍ତ ଅଧକ୍ଷ ଶିବ ପ୍ରସାଦ ବେହେରା, ବାର ଆସୋସିଏସନ ସଭାପତି କ୍ଷିତିଶ ଅଶୋକ ବୋଧନକର, ଉପସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁ, କ୍ରୀଡାବିତ୍ ସରୋଜ ସାହୁ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ, ଅତିରିକ୍ତ ଜିଲ୍ଲାପାଳ ସୁବାଷଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଏପିଡି କ୍ଷମାନିଧି ଭୋଇ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ଧନେଶ୍ୱର ସେଠୀ, କୋଶଲି କବି ସୁରଜିତ ସିଂ ମହରଥା, ଜିଲ୍ଲା



**ସମସ୍ତ ନାଗରିକ ସକ୍ରିୟ ଭାଗ ନେବାକୁ ଆହ୍ୱାନ**

କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହାରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ ମାରାଗୁଡ଼ା ଲୋକମହୋତ୍ସବ ପାଇଁ ବିଗୁଲ ବାଜିଯାଇଛି । ଏହା ଲୋକଙ୍କର ମହୋତ୍ସବ ଓ ଜିଲ୍ଲାର ସମସ୍ତ ନାଗରିକ ଏଥିରେ ସକ୍ରିୟ ଭାଗ ନେଇ ଏହାକୁ ସଫଳ କରିବାକୁ ଆହ୍ୱାନ କରିଥିଲେ । ଉଲ୍ଲେଖନୀୟ ଯେ, ଆସନ୍ତା ଏପ୍ରିଲ ମାସ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ନୂଆପଡ଼ାର ନେସନାଲ ମହାବିଦ୍ୟାଳୟ ପଡ଼ିଆରେ ମାରାଗୁଡ଼ା ଲୋକମହୋତ୍ସବ, ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଓ ବୌଦ୍ଧିକ ଚର୍ଚ୍ଚା ଆୟୋଜିତ ହେବ । ମହୋତ୍ସବ ଜିଲ୍ଲା ସଂସ୍କୃତି ପରିଷଦ, ଜିଲ୍ଲା ପ୍ରଶାସନ ନୂଆପଡ଼ା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ମହୋତ୍ସବରେ ଜିଲ୍ଲାର ଲୋକସଂସ୍କୃତି, ପରମ୍ପରା ଓ ସ୍ଥାନୀୟ କଳାକାରଙ୍କ ପ୍ରତିଭା ପ୍ରଦର୍ଶିତ ହେବା ସହିତ ବିଭିନ୍ନ ସାଂସ୍କୃତିକ ଓ ବୌଦ୍ଧିକ କାର୍ଯ୍ୟକ୍ରମ ଏବଂ ରଙ୍ଗାରଙ୍ଗ ଷ୍ଟାର୍ ନାଇଟ ଆୟୋଜିତ ହେବ ବୋଲି କୁହାଯାଇଛି ।

# ରନ୍ଧନ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲ ଉପରେ ଆଲୋଚନା

**ବଲାଙ୍ଗିର, ୧୨।୩(ସମିସ):** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ଲୋକସେବା ଭବନରେ ବିଭିନ୍ନ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କ ସହ ଆଭାସୀ ବୈଠକ କରିଛନ୍ତି । ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲର ନିରବିଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ବିଷୟରେ




ଆଲୋଚନା ହୋଇଛି । ଏହି ବୈଠକରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ମହାନ୍ତି, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ଓ ଭାରତ ତୈଳ ବିପଣନ କମ୍ପାନୀର ବ୍ରିଜେଶ ସିଂ ଅଭାସି ମାଧ୍ୟରେ ଯୋଡ଼ି ହୋଇଥିଲେ । ମୁଖ୍ୟ ଶାସନ କହିଛନ୍ତି ଯେ, ଖାଉଟିଙ୍କୁ ରନ୍ଧନ ଗ୍ୟାସ ଯୋଗାଣରେ ଅଗ୍ରାଧିକାର ଦିଆଯିବ । ବିଶେଷତଃ ହସ୍ପିଟାଲ, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ, ଛାତ୍ରାବାସ, ଅଙ୍ଗନବାଡି, ଅନାଥାଶ୍ରମ, ଆହାର କେନ୍ଦ୍ର ଓ ସରକାରୀ ପରିଚାଳିତ ଅନୁଷ୍ଠାନରେ ଗ୍ୟାସ୍ ଯୋଗାଣକୁ ପ୍ରାଥମିକତା ଦିଆଯିବ । ଟ୍ୟାଙ୍କର ଚଳାଚଳ ଓ ଖୁଚୁରା ବିକ୍ରୟକେନ୍ଦ୍ର ସୁଚାରୁ ଭାବେ ଚାଲିବା ପାଇଁ ପୁଲିସ୍‌କୁ ଆବଶ୍ୟକ ବ୍ୟବସ୍ଥା ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟସ୍ତରରେ ସଚିବମାନଙ୍କୁ ନେଇ କମିଟି ଓ ଜିଲ୍ଲାସ୍ତରରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଯୋଗାଣ ଅଧିକାରୀଙ୍କୁ ନେଇ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାସ୍ତରରେ ଏକ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ରନ୍ଧନ ଗ୍ୟାସର କଳାବଜାର ଉପରେ କଡା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଲପିଜି ବୋଟଲିଂ ପ୍ଲାଣ୍ଟ, ଖୁଚୁରା ବିକ୍ରୟ କେନ୍ଦ୍ର ଓ ବଣ୍ଟନ ବ୍ୟବସ୍ଥା ସୁଚାରୁ ଭାବେ ଚାଲୁ ରଖିବାକୁ ତୈଳ ବିପଣନ କମ୍ପାନୀଙ୍କୁ ପରାମର୍ଶ ଦିଆଯାଇଛି ।

**● ଜୁଆ ଆଡ୍ଡା ଉପରେ ଚଢ଼ଉ**

# ଥାନାରୁ ଗାଡ଼ି ମୁକୁଳାଇବାକୁ ଦଲାଲ ସକ୍ରିୟ

**କଣ୍ଟାବାଞ୍ଜି, ୧୨ ।୩(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ନୂଆପଡ଼ା ଅଞ୍ଚଳରେ ଜୁଆ ଖେଳ ଚାଲିଥିବା ବେଳେ କଣ୍ଟାବାଞ୍ଜି ପୁଲିସ କୌଣସି ସୂତ୍ରରୁ ଖବର ପାଇ ମଙ୍ଗଳବାର ମଧ୍ୟରାତିରେ ଚଢ଼ାଉ କରି ସେଠାରୁ ୧୨ ଜଣ ଜୁଆଡିଙ୍କ ସହ ୭ଟି ବିଭିନ୍ନ ପ୍ରକାରର ବାଇକ ସହ ୧୪ ହଜାର ୨୫୫ ଟଙ୍କା ଜବତ କରିଛି । କିନ୍ତୁ ବୁଧବାର ସକାଳେ କଣ୍ଟାବାଞ୍ଜି ପୁଲିସ ସମସ୍ତ ଜୁଆଡ଼ିଙ୍କୁ ଥାନାରୁ ଜାମିନ ଦେଇଥିବା ବେଳେ ବର୍ତ୍ତମାନ ମଧ୍ୟ ସମସ୍ତ ଜୁଆଡ଼ିଙ୍କ ବାଇକ ଥାନାରେ ଥିବା ଦେଖିବାକୁ ମିଳିଛି । କିନ୍ତୁ ଜୁଆଡ଼ିଙ୍କ ବାଇକ ଛଡ଼ାଇବାକୁ ପୁଣି ଦଲାଲମାନେ ସକ୍ରିୟ ହୋଇ ପୁଲିସ ସହ ସଲାସୁତରାର କରୁଥିବା ଦେଖିବାକୁ ମିଳିଛି । ଗତ କିଛି ଦିନ ତଳେ କଣ୍ଟାବାଞ୍ଜି ପୁଲିସ ଏକ ଜୁଆ ଆଡ୍ଡାରେ ଚଢ଼ଉ କରିଥିଲା । କିନ୍ତୁ ସେଠାରେ କୌଣସି ଜୁଆଡିଙ୍କୁ ଗିରଫ କରିବାକୁ ସଫଳ ହୋଇନଥିବା ବେଳେ ତାଙ୍କ ବାଇକ୍ ଜବତ କରାଯାଇଥିଲା । କିନ୍ତୁ କଣ୍ଟାବାଞ୍ଜି ପୁଲିସ ସେମାନଙ୍କ ସହ ସଲାସୁତରା କରି କୌଣସି କେସ ନ କରି ସମସ୍ତ ବାଇକ୍ ଛାଡି ଦେଇଥିବା ଅଭିଯୋଗ ହୋଇଥିବା ବେଳେ ବର୍ତ୍ତମାନ ପୁଣି ସେହି ବାଇକ ଛଡ଼ାଇବାକୁ ଉଦ୍ୟମ ଆରମ୍ଭ ହୋଇଛି । ସେପଟେ ପୂର୍ବରୁ ମଧ୍ୟ ପୋଲିସ ଅନେକ ସମୟରେ ଜୁଆ ଆଡ୍ଡାରେ ଚଢଉ କରି ଜୁଆଡ଼ିଙ୍କୁ ଧରି କୋର୍ଟ ଚାଲାଣ କରିଛି । କୋର୍ଟରୁ ଜୁଆଡ଼ିମାନେ ଜାମିନରେ ଯାଇଛନ୍ତି; କିନ୍ତୁ ଆଜି ପୁଲିସ ଥାନାରୁ ଜୁଆଡିଙ୍କୁ ଜାମିନ ଦେଇଥିବା ଦେଖିବାକୁ ମିଳିଛି । ଏହାକୁ ପୁଲିସ କାର୍ଯ୍ୟକୁ ଦେଖି କେତେବେଳେ ଜେଲ ତ କେତେବେଳେ ବେଲ୍ ବୋଲି ଏବେ ସହରରେ ଗୋଟିଏ ଚର୍ଚ୍ଚା ହେଉଛି ।

# ୫ ବର୍ଷରେ ପାଣିରେ ବୁଡ଼ି ୧୯୪ ଜଣଙ୍କ ମୃତ୍ୟୁ

**ଭବାନୀପାଟଣା, ୧୨ ।୩(ସମିସ):** ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭୂତ କ୍ଷତି ହେବା ସହିତ ଅକାଳରେ ଲୋକଙ୍କ ଜୀବନ ଯାଉଥିବାବେଳେ ଘଟଣା କିଛି ନୂଆଁ କଥା ନୁହେଁ । ତେବେ ଏକ ଭିନ୍ନ ପ୍ରକାର ସ୍ୱର୍ଶକାତର ମୃତ୍ୟୁ ସମସ୍ତଙ୍କୁ ଚକିତ କରୁଛି । କେବଳ ପାଣିରେ ବୁଡି ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୭୭୮ ଜଣକର ମୃତ୍ୟୁ ହୋଇଛି । ଏପରିକି ଗତ ୨୦୨୨/୨୩ ମସିହାରେ ସର୍ବାଧିକ ୧୭୩୮ ଜଣକର ମୃତ୍ୟୁ ହୋଇଛି । ଯାହାକି ଚିନ୍ତାର କାରଣ ହୋଇଛି । ଏହି ପରିପ୍ରେକ୍ଷୀରେ ଯଦି ଆମେ କଳାହାଣ୍ଡି ଜିଲ୍ଲାକୁ ଅନୁଧ୍ୟାନ କଲେ ଗତ ୫ ବର୍ଷ ମଧ୍ୟରେ ଏଠାରେ ପାଣିରେ ବୁଡି ୧୯୪ ଜଣକର ମୃତ୍ୟୁ ହୋଇଛି । ଏଥିରେ ୨୦୨୦ ମସିହାରେ ୩୨ ଜଣ, ୨୦୨୧ରେ ୨୯, ୨୦୨୨ ରେ ୨୫, ୨୦୨୩ ରେ ୩୧, ୨୦୨୪ ରେ ୩୭ ଓ ୨୦୨୫ ରେ ୩୮ ଜଣକର ମୃତ୍ୟୁ ହୋଇଛି । ଏହି ଆକଳନକୁ ଦେଖିଲେ ପ୍ରତି ବର୍ଷ ପାଣିରେ ବୁଡି ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ଇତି ମଧ୍ୟରେ ବର୍ତ୍ତମାନ ୨୦୨୬ ଜାନୁୟାରୀ ଓ ଫେବୃଆରୀ ମାସରେ ୨ ଜଣକର ମୃତ୍ୟୁ ହୋଇସାରିଛି । ଜିଲ୍ଲାରେ ଥିବା ପୋଖରୀ, ନଦୀ, ଡ୍ୟାମରେ ବୁଡି ଏହି ସବୁ ଲୋକଙ୍କ ମୃତ୍ୟୁ ହୋଇଛି ।

ଏହି ମୃତ୍ୟୁ ସଂଖ୍ୟା ହ୍ରାସ କରିବାକୁ ବର୍ଷା ପୂର୍ବରୁ ଓଡ୍ରାଫ ଟିମ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ପାଣି ପହଁରା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା କୁହାଯାଉଛି ସତ କିନ୍ତୁ ତାହା କେତେ ଫଳପ୍ରଦ ହେଉଛି ଏହି ମୃତ୍ୟୁହାରରୁ ସହଜରେ ଅନୁମେୟ । ବାସ୍ତବିକ ପାଣିରେ ବୁଡିବାରୁ ରକ୍ଷା ପାଇବା ସହ ଅନ୍ୟକୁ ମଧ୍ୟ ବଞ୍ଚାଇ ପାରିବାର କୌଶଳକୁ ଗୁରୁତ୍ୱଦେବା ଜରୁରୀ ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗର ସହକାରୀ ଜିଲ୍ଲାପାଳ ଅଲେଖ ଭୋଇ ପ୍ରକାଶ କରିଛନ୍ତି ।

# ଏପଟେ ବୈଠକ; ସେପଟେ ଜଳୁଛି ଜଙ୍ଗଲ

### ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି

ନୂଆପଡ଼ା, ୧୨ ।୩(ସମିସ)

ନୂଆପଡ଼ା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଆନୁକୂଲ୍ୟରେ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଗୋଟିଏ ପଟେ ଜିଲ୍ଲା ପ୍ରଶାସନ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ କରୁଥିବାବେଳେ ବନ ବିଭାଗ ନାହିରେ ତେଲ ଦେଇ ଶୋଇଛି । ଜିଲ୍ଲାର ଶତାଧିକ ଜାଗାରେ ନିଆଁ ଲାଗି ମୂଲ୍ୟବାନ ବନ ସମ୍ପତ୍ତି, ଜୀବଜଗତ ନଷ୍ଟ ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି । ବୈଠକରେ ଜିଲ୍ଲାପାଳ ଗ୍ରୀଷ୍ମ ପ୍ରବାହ ସମୟରେ ଜନସାଧାରଣଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ସହିତ ପାନୀୟ ଜଳ ଯୋଗାଣ ପାଇଁ ସମସ୍ତ ବିଭାଗକୁ ନିଜ ନିଜ ଆକ୍ସନ ପ୍ଲାନ ପ୍ରସ୍ତୁତ କରି ସମୟୋଚିତ ଭାବେ କାର୍ଯ୍ୟକରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟ ବିଭାଗକୁ ଚିକିତ୍ସାଳୟଗୁଡିକରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା, ପର୍ଯ୍ୟାପ୍ତ ଓଆରଏସ୍, ଔଷଧ ଓ ଆଇସ ପ୍ୟାକ ମହଜୁଦ ରଖିବାକୁ କୁହାଯାଇଥିଲା । ପାନୀୟ ଜଳ



ସମସ୍ୟା ଥିବା ଅଞ୍ଚଳଗୁଡିକୁ ପୂର୍ବରୁ ଚିହ୍ନଟ କରି ସେଠାରେ ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବା, ଅଚଳ ନଳକୂପ ମରାମତି କରିବା ଓ ଆବଶ୍ୟକତାନୁସାରେ ପାଣି ଟ୍ୟାଙ୍କର ବ୍ୟବସ୍ଥା କରିବାକୁ ସମ୍ପର୍କିତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ପୌରସଭା ଓ ପଞ୍ଚାୟତ ପକ୍ଷରୁ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସେବାକେନ୍ଦ୍ର ଖୋଲାଯିବା ସହ ଗ୍ରୀଷ୍ମ ପ୍ରବାହ ସମ୍ପର୍କିତ ଜନସଚେତନତା ବଢ଼ାଇବା ପାଇଁ ଆଲୋଚନା ହୋଇଥିଲା ।ସେହିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ସୁରକ୍ଷିତ ପାନୀୟଜଳ ବ୍ୟବସ୍ଥା, ଶ୍ରମିକମାନଙ୍କ କାର୍ଯ୍ୟ ସମୟ ପୁନଃନିର୍ଦ୍ଧାରଣ, ବସ ଓ ବସ୍‌ଷ୍ଟାଣ୍ଡରେ ପାନୀୟଜଳ ଓ ଓଆରଏସ୍ ବ୍ୟବସ୍ଥା କରିବାକୁ ସମ୍ପର୍କିତ ବିଭାଗକୁ କୁହାଯାଇଥିଲା । ବିଦ୍ୟୁତ୍ ବିଭାଗକୁ ଗ୍ରୀଷ୍ମ ସମୟରେ ବିଦ୍ୟୁତ୍ କାଟ କମାଇବା ଓ ଶକ୍ତି ସଂରକ୍ଷଣ ଉପରେ ସଚେତନତା ବଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅଂଶୁଘାତ ଯୋଗୁଁ ଯଦି କାହାର ମୃତ୍ୟୁ ଘଟେ, ତେବେ ତୁରନ୍ତ ତଦନ୍ତ କରି ଡିଏଏମପିଏସ ପୋର୍ଟାଲ ମାଧ୍ୟମରେ ଅନୁଗ୍ରହ ଅର୍ଥ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ପ୍ରଶାସନ ତରଫରୁ ଜଳ ଛତ୍ର ବ୍ୟବସ୍ଥା ବ୍ୟତିତ ସମସ୍ତ ବ୍ୟବସାୟୀକ ଅନୁଷ୍ଠାନ, ଏନଜିଓ, ସିଭିଲ ସୋସାଇଟିଙ୍କୁ ଜଳଛତ୍ର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । ସେହିପରି, ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁ ଅଧିକ ବ୍ୟାପକ ହେବା ଆଶଙ୍କା ଥିବାରୁ ବନଖଣ୍ଡ ଅଧିକାରୀ କେନ୍ଦୁ ପତ୍ରଙ୍କୁ ଏଥିପ୍ରତି ଅଧିକ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସୂଚନା ଯୋଗ୍ୟ ଯେ ଏହାକୁ ନେଇ ବନ ବିଭାଗ ଯେ କେବଳ ସଭା ସମିତି କରି ନିଜ ଦାୟିତ୍ୱ ଖସାଇ ଦେଉଥିବା ଚର୍ଚ୍ଚା ହେଉଛି । ଗୋଟିଏ ପଟେ ବୈଠକ ଚାଲିଛି ଅନ୍ୟପଟେ ସୁନାବେଡା ଅଭୟାରଣ୍ୟ, ବରଗଡ଼ ରାସ୍ତାରେ ଦରଲିମୁଣ୍ଡା ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ଆଦି ଜାଗାରେ ନିଆଁ ଲାଗିଥିବା ଖବର ବିଭିନ୍ନ ସାମାଜିକ ଗଣମାଧ୍ୟମ ଲୋକଲୋଚନକୁ ଆସିଥିଲେ ମଧ୍ୟ ବନ ବିଭାଗ ନିଶ୍ଚଳ ରହିଥିଲା । ଏହା ଉପରେ ବନ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଧର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମ୍ ଓ ପିଏଚଓ ଡ. ଧନେଶ୍ୱର ସେଠୀ, ଡିଏଫଓ (କେନ୍ଦୁପତ୍ର) କେ ମାଧବୀଲତା ସମେତ ସମସ୍ତ ବିଡ଼ିଓ, ତହସିଲଦାର ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଆଜିର ରାଶିଫଳ

**ମେଷ:** ପରିଶ୍ରମର ଫଳ ମିଳିବ। ଦିନଟି ଶୁଭଫଳ ପ୍ରଦାନ କରିବ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ। ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ।

**ବୃଷ:** ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଧାର କରଜରୁ ଦୂରେଇ ରହିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ମିଥୁନ:** ଅଚାନକ ଶୁଭ ଖବର ପାଇବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ଯୋଜନା ମୁତାବକ କାର୍ଯ୍ୟ କରନ୍ତୁ।

**କର୍କଟ:** ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ। କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ମନ ପ୍ରସନ୍ନ ରହିବ। ଉଧାର ଟଙ୍କା ଫେରି ପାଇବେ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ।

**କନ୍ୟା:** ଆଶା କରିଥିବା ଦିଗରୁ ଲାଭବାନ ହେବେ। ବନ୍ଧୁ ମିଳନରେ ଯୋଗ ଦେବେ। ଆର୍ଥିକ ସ୍ଥିତିରେ ସୁଧାର ହେବ। ପିତାମାତାମାନେ ପିଲାଙ୍କ ଭବିଷ୍ୟତ କଥା ଚିନ୍ତା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ତୁଳା:** ସକାରାତ୍ମକ ଚିନ୍ତାଧାରାରେ ଦିନ ବିତିବ। ଲେଖାଲେଖି ପ୍ରତି ମନ ବଳାଇବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି।

**ବିଛା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ। ମହିଳାମାନେ ଘର କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** କର୍ମଚଞ୍ଚଳ ରହିବେ। ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ। ବୈବାହିକ ଜୀବନ ସୁଖମୟ ହେବ।

**ମକର:** ଦୀର୍ଘ ଦିନର ଆଶା ପୂରଣ ହେବ। ଧାର କରଜରୁ ଦୂରେଇ ରହିବେ। ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଘରକୁ ଅତିଥିଙ୍କ ଆଗମନ ହେବ। ଦୀର୍ଘଦିନର କାମ ପୂରା କରିବେ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ଯାନବାହନ ଚଳାଚଳ ସମୟରେ ସାବଧାନତା ଅବଲମ୍ବନ କରିବେ। ସାମାଜିକ କାର୍ଯ୍ୟରେ ଯୋଗ ଦେବେ।

**ମୀନ:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ବ୍ୟବସାୟରେ ଉନ୍ନତି ହେବ। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ। କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ।

## ଆଜିର ଇତିହାସ

- ୧୮୮୧- ରୁଷ୍‌ର ଶାସକ ଆଲେକ୍‌ଜାଣ୍ଡାର୍ ଦ୍ୱିତୀୟଙ୍କୁ ହତ୍ୟା କରାଗଲା।
- ୧୯୨୧- ମଙ୍ଗୋଲିଆ ଚୀନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୯୨: ତୁର୍କୀରେ ଭୂମିକମ୍ପ ଯୋଗୁଁ ୫୦୦ ଲୋକଙ୍କ ମୃତ୍ୟୁ।
- ୧୯୯୬- କଲିକତାର ଇଡେନ୍ ଗାର୍ଡେନ୍‌ଠାରେ ଚାଲିଥିବା କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ଭାରତ ଶ୍ରୀଲଙ୍କାଠାରୁ ହାରିଗଲା।
- ୨୦୦୯ - ସାର୍କ ସାହିତ୍ୟମେଳା ଆଗ୍ରାରୁ ଆରମ୍ଭ ହେଲା।

## ମୋବାଇଲ ଆସକ୍ତି




# ଦୁର୍ବଳ ହେଉଛି ଯୁବପିଢ଼ିଙ୍କ ମାନସିକତା

ଆଜିକାଲିର ଯୁବପିଢ଼ି ମୋବାଇଲର ଅଧିକ ବ୍ୟବହାର କରୁଥିବାରୁ ସେମାନଙ୍କଠାରେ ଅଧିକ ମାନସିକ ସମସ୍ୟା ଦେଖାଯାଉଛି। ବିଶେଷଜ୍ଞଙ୍କ କହିବା କଥା, ପରିବାର ଲୋକଙ୍କଠାରୁ ଦୂରେଇ ରହିବା, ଡିଜିଟାଲ ଆସକ୍ତି, ଅବସାଦ ଯୁବପିଢ଼ିଙ୍କୁ ଗମ୍ଭୀର ମାନସିକ ସମସ୍ୟା ଆଡ଼କୁ ନେଉଛି। ଏସବୁ ମାନସିକ ରୋଗର ଲକ୍ଷଣ। ସେହିପରି ଆଜିକାଲି ପ୍ରତି ବୟସବର୍ଗଙ୍କ ହାତରେ ମୋବାଇଲ। ହେଲେ ଏଥିରେ କିଏ କ’ଣ ଦେଖୁଛି କିମ୍ବା କେମିତି ଏହାକୁ ଉପଯୋଗ କରୁଛି ସେକଥା ଜାଣିବାକୁ କେହି ନାହାନ୍ତି। ଏହାବାଦ୍ ୱେବ୍ ସିରିଜ୍ ଏବଂ ଫିଲ୍ମ ଆଦିରେ ଦେଖାଯାଉଥିବା ହିଂସା, ଗାଳି ଗୁଲଜ, ଅସାମାନ୍ୟ ବ୍ୟବହାର ଧୀରେ ଧୀରେ ଯୁବପିଢ଼ିଙ୍କ ଲାଗି ସାଧାରଣ କଥା ପାଲଟିଛି। ଲଗାତାର ଏଭଳି ଜିନିଷ ଦେଖିବା ଦ୍ୱାରା ସେମାନେ ସେସବୁ ପ୍ରତି ସମ୍ବେଦନଶୀଳ ରହି ନ ଥାନ୍ତି। ବିଶେଷଜ୍ଞଙ୍କ କହିବା କଥା, ଇଣ୍ଟରନେଟ୍‌ର ବିପଜ୍ଜନକ ଓ ଭୁଲ୍ ତଥ୍ୟ ଜଣକର ମାନସିକ ସ୍ଥିତିକୁ ଆହୁରି ଖରାପ କରିପାରେ। ଏଭଳି ଘଟଣା ସାମାନ୍ୟ ମାନସିକତାର ସଙ୍କେତ ନୁହେଁ, ବରଂ ଗମ୍ଭୀର ମାନସିକ ଅସନ୍ତୁଳନର ପରିଣାମ। ପରିବାର ସଦସ୍ୟଙ୍କ ମଧ୍ୟରେ କମ୍ ଯୋଗାଯୋଗ ଏକ ବଡ଼ ସମସ୍ୟା ଭାବେ ସାମ୍ନାକୁ ଆସୁଛି।

ବିଶେଷଜ୍ଞଙ୍କ କହିବା କଥା,‘ ପିତାମାତା ପିଲାଙ୍କ ସହିତ ପର୍ଯ୍ୟାପ୍ତ ସମୟ ଅତିବାହିତ କରିପାରୁ ନାହାନ୍ତି। ପାଠପଢ଼ାକୁ ନେଇ ପିଲାଙ୍କୁ ଚାପ ପକାଇବା ତଥା ପାଟି କରିବା ଠିକ୍ ଉପାୟ ନୁହେଁ। କାରଣ ପ୍ରତ୍ୟେକ ପିଲା ସମାନ ନୁହନ୍ତି। ପିଲାଙ୍କୁ ବୁଝିବା, ସେମାନଙ୍କ ସହିତ ଖୋଲା ଖୋଲି କଥା ହେବା ଏବଂ ଭାବନାତ୍ମକ ସହଯୋଗ ଦେବା ନିହାତି ଜରୁରି। ପିଲାଙ୍କ ସହ ଅଧିକ ସମୟ ଅତିବାହିତ କରିବା ସହ ସେମାନଙ୍କ ମାନସିକ ସ୍ଥିତି ଉପରେ ଧ୍ୟାନ ଦେବା ଉଚିତ। ଯଦି ବ୍ୟବହାରରେ କୌଣସି ଅସାମାନ୍ୟ ପରିବର୍ତ୍ତନ ପରିଲକ୍ଷିତ କରାଯାଏ, ତେବେ ତୁରନ୍ତ ମନୋଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ। ମାନସିକ ସ୍ୱାସ୍ଥ୍ୟକୁ ଅଣଦେଖା କରିବା ଆଗକୁ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ।

# ପୋଷା ପ୍ରାଣୀ ଖଟରେ ଶୋଉଥିଲେ...



ଅନେକ ଲୋକ ନିଜ ପୋଷା କୁକୁର ଓ ବିଲେଇକୁ ପାଖରେ ଶୁଆଇଥାନ୍ତି। କହିବାକୁ ଗଲେ, ଗୋଟିଏ ଖଟରେ ପୋଷା ବିଲେଇ, କୁକୁରଙ୍କ ସହିତ ମାଲିକ ମଧ୍ୟ ଶୋଇଥାନ୍ତି। ତେବେ ପୋଷା ପ୍ରାଣୀଙ୍କ ସହ ଗୋଟିଏ ଖଟରେ ଶୋଇ କିଏ ଶାନ୍ତି ଅନୁଭବ କରେ ତ ଆଉ ପୁଣି କିଏ ଏହାକୁ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ବୋଲି ଭାବିଥାଏ। ତେବେ ଅଲଗା ଅଲଗା ଦେଶରେ ଏଭଳି ଅଭ୍ୟାସକୁ ନେଇ ହୋଇଥିବା ସର୍ଭେରୁ ଏକ ରୋଚକୀୟ ତଥ୍ୟ ସାମ୍ନାକୁ ଆସିଛି। ୟୁଗଭ୍ ସର୍ଭେ ଅନୁସାରେ, ଜର୍ମାନୀରେ ପ୍ରତି ତିନିରୁ ଜଣେ ମାଲିକ ନିଜ ପୋଷା ପ୍ରାଣୀଙ୍କୁ ଖଟରେ ଶୁଆଇ ଥାନ୍ତି। ଏହା ସ୍ୱିଜରଲ୍ୟାଣ୍ଡ, ଫ୍ରାନ୍ସ, ଅଷ୍ଟ୍ରିଆ ଏବଂ ଇଟାଲିଠାରୁ ଯଥେଷ୍ଟ ଅଧିକ। ସେହିପରି ବ୍ରିଟେନରେ ପ୍ରାୟ ୪୪ ପ୍ରତିଶତ କୁକୁର ଏବଂ ବିଲେଇ ନିଜ ମାଲିକ ସହିତ ଶୋଇଥାନ୍ତି। ନେଦରଲ୍ୟାଣ୍ଡରେ ଏହି ସଂଖ୍ୟା ପ୍ରାୟ ୪୫ ପ୍ରତିଶତ। ଏପରିକି ଅଧା ମାଲିକ ପୋଷା ପ୍ରାଣୀଙ୍କୁ ନିଜ ମୁହଁକୁ ଚାଟିବାକୁ ଅନୁମତି ଦେଇଥାନ୍ତି। ସେହିପରି ୟୁରୋପରେ ପୋଷା ପ୍ରାଣୀ ଓ ମାଲିକ ଅଲଗା ଅଲଗା ଖଟରେ ଶୁଅନ୍ତି। ଅବଶ୍ୟ ଏହାକୁ ନେଇ ବିଶେଷଜ୍ଞଙ୍କ ମତ ସମାନ ନୁହେଁ। ଏନେଇ ଜର୍ମାନ ଆନିମଲ ୱେଲଫେୟାର୍ ଆସୋସିଏସନର କହିବା କଥା, ପୋଷାପ୍ରାଣୀ ମାଲିକ ଗୋଟିଏ ଖଟରେ ଶୋଇବା ଅଧିକ ଖରାପ କି ଭଲ ନୁହେଁ। ଏହା ହେଉଛି ବ୍ୟକ୍ତିଗତ ରୁଚି। ସେମାନେ ଏକଥା ମଧ୍ୟ କହିଛନ୍ତି, ପୋଷା ପ୍ରାଣୀକୁ ପାଖରେ ଶୁଆଉଥିଲେ ସେମାନେ ସଫାସୁତୁରା ରହିବା ଦରକାର। ଏ ଦୃଷ୍ଟିରୁ ପୋଷା ପ୍ରାଣୀ ମାଛି, ଟିଙ୍କ କିମ୍ବା କୃମି ମୁକ୍ତ ହେବା ଉଚିତ। କାରଣ ଏହାଦ୍ୱାରା ପରଜୀବୀ ବ୍ୟାପିପାରେ। ଅନେକ ଗବେଷଣାରେ କୁହାଯାଇଛି ଯେ, ପୋଷାପ୍ରାଣୀଙ୍କ ସହ ମଣିଷ ଏକାଠି ଶୋଇବା ଦ୍ୱାରା ସଂକ୍ରମଣ ବ୍ୟାପିବା ଆଶଙ୍କା ବଢ଼ିପାରେ। ଏହାବାଦ୍ ବୈଜ୍ଞାନିକମାନେ ବିଶେଷ ଚେତାବନୀ ଦେଇଛନ୍ତି ଯେ, ଛୋଟ ପିଲା, ବୟସ୍କ, ଗର୍ଭବତୀ ମହିଳା ଏବଂ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତିଥିବା ଲୋକେ ଏହାକୁ ନେଇ ଅଧିକ ସାବଧାନତା ଅବଲମ୍ବନ କରିବା ଜରୁରି। ବିଶେଷଜ୍ଞଙ୍କ ମତରେ, ଛୋଟ ପିଲା ଶୋଉଥିବା ଖଟକୁ ପୋଷା ପ୍ରାଣୀ ଆସିବା ଅନୁଚିତ। କାରଣ ସେମାନଙ୍କୁ ପୋଷାପ୍ରାଣୀ କାମୁଡ଼ିବା କିମ୍ବା ରାମ୍ପୁଡ଼ିବାର ଆଶଙ୍କା ଥାଏ। କେବଳ ସେତିକି ନୁହେଁ, ପୋଷା ପ୍ରାଣୀଙ୍କ ସହିତ ଶୋଇବାର ପ୍ରଭାବ ନିଦ ଉପରେ ପଡ଼ିଥାଏ। ବ୍ରିଟେନର ଏକ ତଥ୍ୟ ଅନୁସାରେ, ପ୍ରତି ତିନି ଜଣରେ ଜଣେ ବ୍ୟକ୍ତିଙ୍କ ନିଦ ପୋଷା ପ୍ରାଣୀଙ୍କ ସହିତ ଶୋଇବା ଯୋଗୁଁ ଭାଙ୍ଗିଯାଏ। ଯେଉଁମାନଙ୍କୁ ରାତିରେ ଭଲରେ ନିଦ ହୁଏ ନାହିଁ ଓ ଯାହାଙ୍କର ଆଲର୍ଜି ରହିଛି ସେମାନେ ପୋଷାପ୍ରାଣୀଙ୍କ ସହ ଶୋଇବା ଅନୁଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି।



# ଦେଶର ସବୁଠୁ ଦାମୀ ଅଭିନେତା

## ୧୦ ଦିନ ପାଇଁ ନେଇଛନ୍ତି ୧୫୦ କୋଟି

କମଲ ହାସନ୍ ଜଣେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଭାବେ ଜଣାଯାନ୍ତି। ତାଙ୍କ ଅଭିନୀତ ଫିଲ୍ମଗୁଡ଼ିକୁ ମଧ୍ୟ ଅର୍ନ୍ତଜାତୀୟସ୍ତରରେ ପ୍ରସିଦ୍ଧି ମିଳିଛି। ତାଙ୍କର ଭୂମିକାଗୁଡ଼ିକୁ ମଧ୍ୟ ଦର୍ଶକେ ବେଶ୍ ପସନ୍ଦ କରନ୍ତି। ୭୦ ବର୍ଷ ବୟସରେ ସେ ଫିଲ୍ମରେ ଲିଡ୍ ରୋଲରେ ନଜର ଆସୁଛନ୍ତି। କମଲଙ୍କ ଅଭିନୀତ ଫିଲ୍ମଗୁଡ଼ିକର ବଜେଟ୍ ମଧ୍ୟ ବେଶ୍ ଅଧିକ ହୋଇଥାଏ। ଶେଷଥର ପାଇଁ ସେ ‘କଲ୍‌କି ୨୮୯୮ ଏଡି’ରେ ଦେଖାଯାଇଥିଲେ। ଏଥିରେ ପ୍ରଭାସ ଓ ଅମିତାଭ ବଚ୍ଚନଙ୍କ ତୁଳନାରେ ତାଙ୍କ ଭୂମିକା ବେଶ୍ ଛୋଟ ଥିଲେ ବି ଦର୍ଶକଙ୍କୁ ତାହା ବେଶ୍ ପ୍ରଭାବିତ କରିଥିଲା। ‘କଲ୍‌କି ୨୮୯୮ ଏଡି’ର ସିକ୍ୱେଲରେ ତାଙ୍କର ଭୂମିକା ପୂର୍ବାପେକ୍ଷା ଆହୁରି ଭୟଙ୍କର ହେବ ବୋଲି ଫିଲ୍ମର ଶେଷରେ ଇସାରା ଦିଆଯାଇଥିଲା। ନିକଟରେ ନିର୍ଦ୍ଦେଶକ ଯୁଗୀ ସେଥୁ କମଲଙ୍କୁ ନେଇ କହିଛନ୍ତି, ‘ସେ ଜଣେ ସର୍ବଭାରତୀୟସ୍ତରର କଳାକାର। ସେ ‘କଲ୍‌କି ୨୮୯୮ ଏଡି ’ର ୧୦ ଦିନର ସୁଟିଂ ପାଇଁ ୧୫୦ କୋଟି ନେଇଛନ୍ତି। ସେ ଦେଶର ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା କଳାକାର।’ କିଛି ଦିନ ପୂର୍ବରୁ ବିଗ୍ ବି ‘କଲ୍‌କି ପାର୍ଟ ୨’କୁ ନେଇ ଅପଡେଟ୍ ଦେଇଥିଲେ। ଦୀର୍ଘଦିନ ପରେ ସେ ତାଙ୍କ ସାଙ୍ଗ କମଲଙ୍କ ସହ କାମ କରିବାକୁ ଯାଉଛନ୍ତି ବୋଲି ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଥିଲେ। କମଲ ଓ ବିଗ୍‌ବି ଶେଷଥର ପାଇଁ ୧୯୮୫ରେ ‘ଗିରଫ୍ତାର’ ଫିଲ୍ମରେ କାମ କରିଥିଲେ। ଆଉ ଏବେ ୪୧ ବର୍ଷ ପରେ ଏଦୁହେଁ ଏକାଠି କାମ କରିବେ। ‘କଲ୍‌କି ପାର୍ଟ ୧’ର ବଜେଟ୍ ଥିଲା ୫୦୦ କୋଟି। ଏହା ସାରା ବିଶ୍ୱରେ ୧୦୦୦ କୋଟି ଆୟ କରିଥିଲା। ଏହାର ପ୍ରଥମ ପାର୍ଟରେ ନାୟିକା ଭାବେ ଦୀପିକା ପାଦୁ୍ୟକୋନ୍ ଦେଖାଯାଇଥିଲେ। ହେଲେ ଏହାର ସିକ୍ୱେଲରୁ ଦୀପିକାଙ୍କୁ ବାଦ୍ ଦିଆଯାଇଛି।



## ସଞ୍ଜୀବନୀ

# କାନରେ ପୂଜ ହେଲେ ...

- ଫିଟିକିରି ଖଇ ଚୂର୍ଣ୍ଣ ପକାଇଲେ କାନପଚା ଭଲ ହୁଏ।
- ଅଦାରସ ଓ ରସୁଣ ମିଶାଇ କାନରେ ପକାଇଲେ ଉପଶମ ମିଳିଥାଏ।
- ତାର୍ପିନ ତେଲ ୪/୫ ଟୋପା ପକାଇଲେ କାନପୂଜ ଭଲ ହୁଏ।
- ମାଣ ସାରୁର ଡେମ୍ଫକୁ ନିଆଁରେ ସେକି ତା ରସ ପକାଇଲେ କାନରେ ପୂଜ ଦୋଷ ଦୂର ହୁଏ।
- ଖାଣ୍ଟି ସୋରିଷ ତେଲ ଅଧପା ଲୁହା କରେଇରେ ଫୁଟାଇବେ। ଫେଣଶୂନ୍ୟ ହେଲେ ଗୋଟିଏ ବା ଦୁଇଟି ଶାମୁକାର ମାଂସ ପକାଇ ରାନ୍ଧିବେ। ମାଂସ ପୋଡ଼ି କଳାବର୍ଣ୍ଣ ହେଲେ ତେଲକୁ ଛାଣି ଶିଶିରେ ରଖିବେ। ତୂଳାରେ କାନରୁ ପୂଜ ବାହାର କରି ସେହି ତେଲ କାନରେ ପକାଇଲେ ବହୁ ଦିନର କାନପଚା ରୋଗ ଭଲ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# କର୍କଟ ପୀଡ଼ିତଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଉପାୟ



**କର୍କଟ କୋଷକୁ ନଷ୍ଟ କରିବାକୁ କେମୋଥେରାପି, ରେଡିଓଥେରାପି କିମ୍ବା ସର୍ଜରୀ ପ୍ରକ୍ରିୟା ଆପଣା ଯାଇଥାଏ। ଏହି ପ୍ରକ୍ରିୟା କର୍କଟ କୋଷ ନଷ୍ଟ କରିବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଥାଏ। ଏପରିସ୍ଥିତିରେ ରୋଗୀଙ୍କୁ ସଂକ୍ରମଣ, ଥକ୍କାପଣ ଏବଂ ଅନ୍ୟ ରୋଗ ଆଶଙ୍କା ରହିଥାଏ। ତେଣୁ ଚିକିତ୍ସା ସହିତ ସୁସ୍ଥ ଜୀବନଶୈଳୀକୁ ଆପଣାଇ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଯାଇପାରିବ।**

କର୍କଟ ଚିକିତ୍ସା ସମୟରେ ଏବଂ ପରେ ପୀଡ଼ିତଙ୍କ ଶରୀରରେ ଅଧିକ ପୋଷଣର ଆବଶ୍ୟକ ହୁଏ। ତେଣୁ ଡାଏଟ୍‌ରେ ତଟକା ଫଳ, ପନିପରିବା, ଅଣ୍ଡା, ପ୍ରୋଟିନ୍ ଓ ଭିଟାମିନ -ସି’ଯୁକ୍ତ ଖାଦ୍ୟ ସାମିଲ କରିପାରିବେ। ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ, ମିଠା, ସାଫ୍ଟ, ମଟନ୍, କଞ୍ଚା କିମ୍ବା ଅଧାସିଝା ମାଂସ ଖାଇବା ଅନୁଚିତ। ଭୋକ କମ୍ ଲାଗୁଥିଲେ ଦିନରେ ୫ରୁ ୬ ଥର କରି ଛୋଟ ଛୋଟ ମିଲ ନେଇ ପାରିବେ। ପର୍ଯ୍ୟାପ୍ତ ପାଣି ପିଇବା ଆବଶ୍ୟକ। ଚିକିତ୍ସା ପରେ ଶରୀର ଅଧିକ ଥକ୍କା ଲାଗେ। ତେଣୁ ୭ ରୁ ୮ ଘଣ୍ଟା ଶୋଇବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଡାକ୍ତରଙ୍କ ପରାମର୍ଶ ନେଇ ହାଲୁକା ବ୍ୟାୟାମ, ଯୋଗ, ପ୍ରାଣାୟମ କରିପାରିବେ। କର୍କଟ ଚିକିତ୍ସା ପରେ ରୋଗପ୍ରତିରୋଧକଶକ୍ତି କ୍ଷମତା ଦୁର୍ବଳ ହୋଇ ସଂକ୍ରମଣ ଆଶଙ୍କା ବଢ଼ିଯାଏ। ତେଣୁ ଭିଡ ସ୍ଥାନକୁ ଯିବା ଅନୁଚିତ। ହାତକୁ ବାରମ୍ବାର ସାବୁନରେ ସଫା କରିବା ଆବଶ୍ୟକ।

ଜ୍ୱର, କାଶ କିମ୍ବା ସଂକ୍ରମଣ ଜନିତ ସମସ୍ୟା ହେଲେ ତୁରନ୍ତ ଡାକ୍ତରଙ୍କୁ ଯୋଗାଯୋଗ କରନ୍ତୁ। ମାନସିକ ଭାବେ ସୁସ୍ଥ ରହିବା ମଧ୍ୟ ଜରୁରି।

ଚିକିତ୍ସାହେବା ପରେ ଡାକ୍ତରଙ୍କ ପରାମର୍ଶରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରି। ରକ୍ତପରୀକ୍ଷା କିମ୍ବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ସମୟେ ସମୟେ କରିବା ଏକାନ୍ତ ଆବଶ୍ୟକ।

# ଫ୍ଲାସ୍ ରେଡିଓଥେରାପି

ବିଶୃଙ୍ଖଳିତ ଜୀବନଶୈଳୀ, ଅନିୟମିତ ଖାଦ୍ୟପେୟ, ଚିନ୍ତା, ବଂଶାନୁଗତରୋଗ ଆଦି କାରଣରୁ କର୍କଟ ରୋଗ ହୋଇଥାଏ। କର୍କଟ ରୋଗ ପାଇଁ ଅନେକ ଚିକିତ୍ସା ପଦ୍ଧତି ଥିଲେ ମଧ୍ୟ ଫ୍ଲାଶ୍ ରେଡିଓଥେରାପି ବରଦାନ ସଦୃଶ। ଏହା ଏକ ଆଡଭାନ୍ସ ରେଡିଓଥେରାପି ଟେକ୍ନୋଲୋଜି। କର୍କଟ ରୋଗର ପର୍ଯ୍ୟାୟ ଅନୁସାରେ ଡାକ୍ତର ରୋଗୀଙ୍କୁ ଅସ୍ତ୍ରୋପଚାର, କେମୋଥେରାପି ତଥା ରେଡିଓଥେରାପି ଚିକିତ୍ସା ଯୋଗାଇଥାନ୍ତି। ଏହାଦ୍ୱାରା ଯନ୍ତ୍ରଣା କମ୍ ହୁଏ। ପାରମ୍ପରିକ ରେଡିଓଥେରାପି ତୁଳନାରେ ଫ୍ଲାସ୍ ରେଡିଓଥେରାପି ଅଧିକ ପ୍ରଭାବୀ ଓ ସୁରକ୍ଷିତ। ଏହାକୁ ଫ୍ଲାଶ୍ ଆର୍‌ଟି କୁହାଯାଏ। ଏଥିରେ ମଲେକୁଲାର ଟ୍ରିଟ୍‌ମେଣ୍ଟ ଏବଂ ଆଡଭାନ୍ସ ଡାୟଗୋନିଷ୍ଟିକ୍ ଟୁଲ୍‌ର ବ୍ୟବହାର କରାଯାଏ। ଏହା କର୍କଟ କୋଷିକାକୁ ତୁରନ୍ତ ଚିହ୍ନଟ କରି ନଷ୍ଟ କରିବାକୁ ପ୍ରଭାବୀ ହୋଇଥାଏ। ଲ୍ୟୁକେମିଆ କର୍କଟ, ପ୍ରୋଷ୍ଟେଟ୍ କର୍କଟ ଆଦି ପାଇଁ ଏହି ଥେରାପି ଭଲ। ଏହି ଥେରାପିରେ ରୋଗୀଙ୍କୁ ହସ୍ପିଟାଲରେ ଅଧିକ ଦିନ ରହିବାକୁ ପଡ଼େନାହିଁ। ରୋଗୀର ସ୍ଥିତି, ରୋଗର ପ୍ରକାରକୁ ଦେଖି ଡାକ୍ତର ରେଡିଓ ଥେରାପି ସହ ହାଇ ଡୋଜ୍ ଦିଅନ୍ତି। ଟ୍ୟୁମର ଯୋଗୁଁ ହେବାକୁ ଥିବା କ୍ଷତିକୁ ଏହି ଥେରାପି କମ୍ କରିଥାଏ। ଏଥିରେ କମ୍ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ।



## ‘ସକାଳ’ର ସ୍ୱାସ୍ଥ୍ୟ

# ବ୍ରେନ୍ ଫଗ୍



ଅତ୍ୟାଧୁନିକ ଜୀବନଶୈଳୀ, କାମ ଚାପ, ଅର୍ଥନୈତିକ ଦାୟିତ୍ୱବୋଧ, ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ଆଦି ବିଭିନ୍ନ କାରଣରୁ ଅଧିକାଂଶ ଯୁବପିଢ଼ି ବ୍ରେନ୍ ଫଗ୍‌ରେ ପୀଡ଼ିତ। ବ୍ରେନ୍ ଫଗ୍ ଏଭଳି ଏକ ଅବସ୍ଥା ଯେଉଁଥିରେ ମସ୍ତିଷ୍କ ପୂରା ଜାମ୍ ହୋଇଯାଏ। ଜଣେ କ’ଣ କରିବ ନ କରିବ କିଛି ବୁଝି ପାରନ୍ତିନି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁତାବକ, ଦୀର୍ଘ ସମୟ କାର୍ଯ୍ୟ କରିବା, ଲଗାତାର ଚିନ୍ତା, ହରମୋନ ଅସନ୍ତୁଳନ, ଶରୀରରେ ଜଳୀୟଅଂଶ କମିବା, ଅନିଦ୍ରା ରହିବା ଅଭ୍ୟାସ ସ୍ମୃତିଶକ୍ତିକୁ ଦୁର୍ବଳ କରିଥାଏ। ବ୍ରେନ୍ ଫଗ୍ ସମସ୍ୟା ହେଲେ ଧ୍ୟାନକେନ୍ଦ୍ରିତ କରିବାରେ ବାଧା ସୃଷ୍ଟି କରେ। ସ୍ମୃତିଶକ୍ତି ଦୁର୍ବଳ ହୁଏ। କଥାବାର୍ତ୍ତା ସମୟରେ ସାଧାରଣ କଥାକୁ ଭୁଲି ଯିବା ବ୍ରେନ୍ ଫଗ୍‌ର ଲକ୍ଷଣ। ବ୍ରେନ୍‌ଫଗ୍‌ରେ ପୀଡ଼ିତ ମାନସିକ ଥକ୍କାପଣ, ଦ୍ୱନ୍ଦ୍ୱ, ଏକାଗ୍ରତାରେ ହ୍ରାସ ଆଦି ସମସ୍ୟାକୁ ସାମନା କରିଥାନ୍ତି। କେବଳ ସେତିକି ନୁହେଁ, ପୋଷକତତ୍ତ୍ୱର ଅଭାବ, ଭିଟାମିନ୍ ବି୧୨, ଭିଟାମିନ୍ ଡି୩ ଏବଂ ଲୌହସାର ଅଭାବ ମଧ୍ୟ ବ୍ରେନ୍ ଫଗ୍‌ର ମୂଳ କାରଣ। ଯଦିଓ ବ୍ରେନ୍ ଫଗ୍ କୌଣସି ରୋଗ ନୁହେଁ, ହେଲେ ଏହା ମାନସିକ ଅସୁସ୍ଥତାକୁ ସୂଚାଏ। ଅଧିକାଂଶ ଯୁବପିଢ଼ିଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଉଛି। ଏପରି ସ୍ଥିତିରେ ଥକ୍କା ଲାଗିବା, କେଶ ଝଡ଼ିବା, ଚର୍ମ ହଳଦିଆ ପଡ଼ିଯିବା ଆଦି ଲକ୍ଷଣ ଦେଖା ଦେଲେ, ରକ୍ତ ପରୀକ୍ଷା କରିବା ଜରୁରି। ତାସହିତ ଏହି ସମସ୍ୟାରୁ ବର୍ତ୍ତିବା ପାଇଁ ଦିନରେ ୬ରୁ ୭ ଘଣ୍ଟା ଶୋଇବା ଜରୁରି। ପ୍ରତିଦିନ ୩୦ ମିନିଟ୍ ବ୍ୟାୟାମ କରିବା ସହ ସନ୍ତୁଳିତ ଖାଦ୍ୟ ଖାଇବା ଆବଶ୍ୟକ। ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ସ୍କ୍ରୀନ୍ ସମୟ ସୀମିତ କରନ୍ତୁ। ଅଚାନକ କିଛି କଥାକୁ ଭୁଲୁଥିଲେ କିମ୍ବା ମୁଣ୍ଡବିନ୍ଧା ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହ ସମ୍ପର୍କ କରିବା ଆବଶ୍ୟକ।

# ଏଚ୍‌ସିଜି ଟେଷ୍ଟ

ଗର୍ଭଧାରଣ’ ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି। ଗର୍ଭାବସ୍ଥା ଆରମ୍ଭରୁ ଏହାର ସଠିକ୍ ଚିହ୍ନଟ ଗୁରୁତ୍ୱ ବହନ କରେ। ତେଣୁ ଗର୍ଭଧାରଣ ହେଲା କି ନାହିଁ ଜାଣିବାକୁ ଅଧିକାଂଶ ପରିସ୍ରା ପରୀକ୍ଷା (ୟୁରିନ୍ ଟେଷ୍ଟ) କରିଥାନ୍ତି। ଏଥିରେ ପ୍ରାୟତଃ ଫଳାଫଳ ବିଶ୍ୱାସ ଯୋଗ୍ୟ ହୁଏନି। ମହିଳା ଗର୍ଭବତୀ ଅଛନ୍ତି କି ନାହିଁ ଏହାର ନିଶ୍ଚିତତା ଜାଣିବା ପାଇଁ ଡାକ୍ତର ବ୍ଲଡ୍ ଏଚ୍‌ସିଜି ଟେଷ୍ଟ କରାନ୍ତି। ଏହି ଟେଷ୍ଟ ସବୁଠୁ ବିଶ୍ୱାସଯୋଗ୍ୟ। ଏଚ୍‌ସିଜି ଟେଷ୍ଟରେ ହ୍ୟୁମାନ୍ କୋରିଓନିକ ଗୋନାଡୋଟ୍ରପିନ୍ (ଏଚ୍‌ସିଜି) ହରମୋନ୍ ମାତ୍ରା ମପାଯାଏ। ଏହି ହରମୋନ୍ ଗର୍ଭାବସ୍ଥା ପରେ ସୃଷ୍ଟି ହେବା ଆରମ୍ଭ କରେ। ଏହି ହରମୋନ୍ ଗର୍ଭ ପରୀକ୍ଷାକୁ ସକାରାତ୍ମକ ବନାଏ। ଗର୍ଭବସ୍ଥାକୁ ନେଇ କିଛି ସନ୍ଦେହ ଆସିଲେ ସେରମ ବିଟା ଏଚ୍‌ସିଜି ପରୀକ୍ଷା କରାଯାଏ। ଏଚ୍‌ସିଚି ଟେଷ୍ଟ ସହିତ ଗର୍ଭ ଭିତରେ କି ବାହାରେ ଅଛି ଜାଣିବାପାଇଁ ଡାକ୍ତରଙ୍କ ପରାମର୍ଶରେ ଅଲଟ୍ରାସାଉଣ୍ଡ (ଟିଭିଏସ୍) କରିବା ନିହାତି ଆବଶ୍ୟକ।



### ୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ

# ଇରାନ ବଦଳରେ ଭାଗନେବ ଇରାକ

**ତେହରାନ,୧୨।୩(ଏଜେନ୍ସି):** ଇରାନ କ୍ରୀଡ଼ାମନ୍ତ୍ରୀ ଅହମ୍ମଦ୍ ଦୋନ୍ୟାମାଲୀଙ୍କ କହିବା ଅନୁଯାୟୀ ଆମେରିକାରେ ଖେଳାଯିବାକୁ ଥିବା ଚଳିତବର୍ଷର ଫିଫା ବିଶ୍ୱକପ୍ ଫୁଟବଲରେ ଇରାନ ଅଂଶଗ୍ରହଣ କରିବ ନାହିଁ। ଦୋନ୍ୟାମାଲୀଙ୍କ କହିବା କଥା ହେଲା, ଇସ୍ରାଏଲ ସହ ମିଶି ଆମେରିକା ଇରାନ ଉପରେ ଆକ୍ରମଣ କରିଚାଲିଛି। ଏଥିରେ ଆମର ନେତା ଆୟାତୋଲା ଅଲି ଖାମେନେଇଙ୍କ ସମେତ ୧୩୦୦ରୁ ଊର୍ଦ୍ଧ୍ୱ ସାଧାରଣ ଜନତା ପ୍ରାଣହରାଇଲେଣି। ଏପରିକି ଗୋଟିଏ ସ୍ଥାନରେ ୧୬୦ରୁ ଊର୍ଦ୍ଧ୍ୱ ଛାତ୍ରୀ ପ୍ରାଣ ହରାଇଛନ୍ତି। ଏଭଳି ସ୍ଥିତିରେ ଆମେରିକା ଆମ ଲାଗି ବିପଦ ସୃଷ୍ଟି କରିଛି। ସେଭଳି ଦେଶରେ ଯାଇ ଆମେ ଫୁଟବଲ ଖେଳିବା ଅର୍ଥ ଆମ ଖେଳାଳି ଓ କର୍ମକର୍ତ୍ତାଙ୍କୁ ବିପଦ ମୁହଁକୁ ଠେଲି ଦେଇ ପାରିବୁ ନାହିଁ। ଆମେ କୌଣସି ପରିସ୍ଥିତିରେ ଜୁନ୍ ୧୧ରୁ ଜୁଲାଇ ୧୯ ଯାଏ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବୁ ନାହିଁ ବୋଲି ସେ ଘୋଷଣା କରିଛନ୍ତି। ଏହା ଫଳରେ ଇରାନ ଏହି ଫିଫା ବିଶ୍ୱକପ୍‌ରେ ଭାଗନେବ ନାହିଁ।

ସୂଚନାଯୋଗ୍ୟ ଏହି ବିଶ୍ୱକପ୍‌ରେ ପ୍ରଥମଥର ୪୮ଟି ଟିମ୍ ଅଂଶଗ୍ରହଣ କରୁଥିଲାବେଳେ ଗ୍ରୁପ-ଜି'ରେ ସ୍ଥାନ ପାଇଛି ଇରାନ। ଏହି ଗ୍ରୁପ୍‌ରେ ବେଲଜିୟମ, ଇଜିପ୍ଟ ଓ ନ୍ୟୁଜିଲାଣ୍ଡକୁ ସ୍ଥାନ ମିଳିଛି। ଏହି ବିଶ୍ୱକପକୁ ମିଳିତଭାବେ ୩ଟି ଦେଶ ଆୟୋଜନ କରୁଥିଲାବେଳେ ଗ୍ରୁପ୍-ଜି'ରେ ଇରାନ ତାହାର ସମସ୍ତ ୩ଟି ଯାକ ମ୍ୟାଚ୍ ଆମେରିକାରେ ଖେଳିବ। ଏହା ମଧ୍ୟରୁ ୨ଟି ଲସ୍‌ଆଞ୍ଜେଲସରେ ଓ ଗୋଟିଏ ସିଆଟଲ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ଏ ସମ୍ପର୍କରେ ଫିଫା କିମ୍ବା ଇରାକ ଫୁଟବଲ ମହାସଂଘ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।





**ଇରାକକୁ ସୁଯୋଗ:** ଏହି ଟୁର୍ଣ୍ଣାମେଣ୍ଟରୁ ଇରାନ ଓହରିଯିବା ପରେ ତାହା ବଦଳରେ କେଉଁ ଦେଶ ଖେଳିବ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ୍। ଏପରି ଯଦି ହୁଏ ତେବେ ଇରାନ୍‌ର ପଡୋଶୀ ଦେଶ ଇରାକ ଲାଭବାନ ହେବ। ଏବେ ଇରାକ ଇଣ୍ଟର-କନଫେଡେରେସନ ପ୍ଲେ ଅଫ୍ ଆସନ୍ତାମାସ ଖେଳିବ। ଫିଫାର ନିୟମ ଅନୁଯାୟୀ ଯଦି କୌଣସି ଦେଶ ବିଶ୍ୱକପ୍‌ରୁ ଓହରିଯାଏ, ତେବେ ସେହି ଅଞ୍ଚଳ ବା ପଶ୍ଚିମ ଏସିଆର ଯୋଗ୍ୟତା ଅର୍ଜନ କରି ନ ଥିବା ଫିଫା ର୍ୟାଙ୍କିଙ୍ଗରେ ଥିବା ଶ୍ରେଷ୍ଠ ଦଳ ଯୋଗ୍ୟତା ଅର୍ଜନ କରିବ। ଏଭଳି ସ୍ଥିତିରେ ଇରାକ ଏବେ ଯୋଗ୍ୟତା ଅର୍ଜନ କରିନାହିଁ ଓ ଏସିଆ ମହାଦେଶରେ ଏହାର ର୍ୟାଙ୍କିଙ୍ଗ୍ ଇରାନ ପଛକୁ ଶ୍ରେଷ୍ଠ ରହିଛି। ଇରାନ ଓହରିଯିବା ପରେ ଫିଫା ନିୟମ ଅନୁଯାୟୀ ଇରାକ ତାହା ସ୍ଥାନରେ ଖେଳିବ। ପ୍ଲେ ଅଫ୍‌ରେ ଆଉ ଇରାକ୍‌କୁ ଖେଳିବାକୁ ପଡ଼ିବ ନାହିଁ। ଇରାକ ସ୍ଥାନରେ ୟୁଏଇ ପ୍ଲେ ଅଫ୍‌ରେ ଅଂଶଗ୍ରହଣ କରିବ। ଇରାକଠାରୁ ୟୁଏଇ ଏଏଫ୍‌ସି ୫ମ ରାଉଣ୍ଡ କ୍ୱାଲିଫାୟର ଟୁର୍ଣ୍ଣାମେଣ୍ଟରେ ଖେଳିବ।

**କ୍ଷତିପୂରଣ ୩ କୋଟି ଟଙ୍କା:** ଫିଫାର ନିୟମ ଅନୁଯାୟୀ ବିଶ୍ୱକପ୍ ମ୍ୟାଚ୍ ଆରମ୍ଭର ଏକ ମାସ ପୂର୍ବରୁ ଯଦି କୌଣସି ଦେଶ ଟୁର୍ଣ୍ଣାମେଣ୍ଟରୁ ଓହରିଯାଏ, ସେହି ଦେଶ ବିପକ୍ଷରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ଫଳରେ ଆର୍ଥିକ ଦଣ୍ଡ ଭାରତୀୟ ମୁଦ୍ରାରେ ପାଖାପାଖି ୩ କୋଟି ଟଙ୍କା ସମ୍ପୃକ୍ତ ଦେଶ ଦେବ। ସେହିପରି ଫିଫା ପ୍ରତିଯୋଗିତାରେ ଏହି ଦେଶର ଅଂଶଗ୍ରହଣ ଉପରେ ବାସନ୍ଦ ଲାଗୁ ହେବ। ଏହି ଦେଶ ବଦଳରେ ଆଉ ଏକ ଦେଶକୁ ଖେଳିବାର ସୁଯୋଗ ମିଳିବ। ଚଳିତବର୍ଷ ଜୁନ୍ ୧୧ରେ ବିଶ୍ୱକପ୍ ଖେଳାଯିବ। ଇରାନ ଫୁଟବଲ ସଂଘ ଏବେ ସୁଦ୍ଧା ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ପ୍ରକାଶ କରିନାହିଁ କିମ୍ବା ବିଶ୍ୱକପ୍‌ରେ ଅଂଶଗ୍ରହଣ ନ କରିବା ନେଇ କୌଣସି ନିଷ୍ପତ୍ତି ଫିଫାକୁ ଜଣାଇନାହିଁ। କିନ୍ତୁ ସରକାରଙ୍କ ନିଷ୍ପତ୍ତି ଉପରେ କୌଣସି କ୍ରୀଡ଼ା ସଂଘ କିଛି କରିପାରିବେ ନାହିଁ। ଏଣୁ ଇରାନ ଏହି ବିଶ୍ୱକପ୍‌ରେ ଖେଳିବ ନାହିଁ, ଏବଂ ଇରାନ ସ୍ଥାନରେ ନିୟମ ଅନୁଯାୟୀ ଇରାକ୍‌କୁ ସ୍ଥାନ ମିଳିବ। ଏ ସମ୍ପର୍କରେ ଫିଫା ପକ୍ଷରୁ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ପରିବର୍ତ୍ତନ ସମ୍ପର୍କରେ ଘୋଷଣା କରାଯିବ।

## ଦ୍ରାବିଡଙ୍କୁ 'ବିସିସିଆଇ ଜୀବନବ୍ୟାପୀ ସାଧନା' ପୁରସ୍କାର

**ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି):** ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ବାର୍ଷିକୀ ପୁରସ୍କାର ପ୍ରଦାନ ଉତ୍ସବ ମାର୍ଚ୍ଚ ୧୫ରେ ଜାତୀୟ ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ କ୍ରିକେଟ୍‌କୁ ଅତୁଳନୀୟ ଅବଦାନ ଲାଗି ପୂର୍ବତନ ଅଧିନାୟକ ତଥା କୋଚ୍ ରାହୁଲ ଦ୍ରାବିଡଙ୍କୁ ସମ୍ମାନଜନକ ଲାଇଫଟାଇମ ଆଚିଭମେଣ୍ଟ ତଥା 'ଜୀବନବ୍ୟାପୀ ସାଧନା ପୁରସ୍କାର'ରେ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି ସହ ସମ୍ମାନିତ କରାଯିବ। ସେହିଭଳି ଶୁବମାନ ଗିଲ୍ ବର୍ଷ ୨୦୨୫ ଲାଗି ଶ୍ରେଷ୍ଠ ଭାରତୀୟ କ୍ରିକେଟର୍ ପୁରସ୍କାର ଗ୍ରହଣ କରିବେ। ବିସିସିଆଇର ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର ଜିତିବାରେ ଦ୍ରାବିଡ୍ ୧୮ତମ ଭାରତୀୟ କ୍ରିକେଟର୍ ହେବେ। ୧୯୯୪ରେ ଲାଲା ଅମରନାଥ ସର୍ବପ୍ରଥମେ ଏହି ସମ୍ମାନଜନକ ଟ୍ରଫି ଜିତିଥିଲେ। ଶେଷ କ୍ରିକେଟର୍ ଭାବେ ୨୦୨୫ରେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ସମ୍ମାନିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଭାରତୀୟ କ୍ରିକେଟ୍‌କୁ ଦ୍ରାବିଡଙ୍କ ଅତୁଳନୀୟ ଅବଦାନ ରହିଛି। 'ଦି ୱାଲ୍' ଭାବେ ଖ୍ୟାତି ଅର୍ଜନ କରିଥିବା ଦ୍ରାବିଡ୍ ଟେଷ୍ଟ କ୍ରିକେଟରେ ୧୩ ହଜାରରୁ ଊର୍ଦ୍ଧ୍ୱ ଏବଂ ଦିନିକିଆରେ ୧୦ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଦୀର୍ଘ ୧୬ ବର୍ଷ ଧରି ସେ ଭାରତୀୟ କ୍ରିକେଟ୍‌ର ମଧ୍ୟକ୍ରମ ବ୍ୟାଟିଂ ଭାର ସମ୍ଭାଳିଥିଲେ। ୨୦୧୨ରେ କ୍ରିକେଟ୍‌କୁ ଅଲ୍‌ବିଦା କରିବା ପରେ ଦ୍ରାବିଡ ପ୍ରଥମେ ଭାରତୀୟ ଜୁନିଅର ଓ ପରେ ସିନିଅର ଦଳର ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଭାରତୀୟ ସିନିଅର ଦଳ ୨୦୨୪ରେ ଆଇସିସି ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ୨୦୨୫ର ଶ୍ରେଷ୍ଠ ଭାରତୀୟ କ୍ରିକେଟର୍ ଭାବେ ଗିଲ୍‌ଙ୍କୁ 'ପଲ୍ଲୀ ଉମ୍ରିଗର ପୁରସ୍କାର' ପ୍ରଦାନ କରାଯିବ। ୨୬ ବର୍ଷୀୟ ଗିଲ୍ ୨୦୨୫ ସିଜନରେ ୩ଟି ଯାକ ଫର୍ମାଟରେ ୪୯ ହାରରେ ମୋଟ୍ ୧୭୬୪ ରନ ସଂଗ୍ରହ କରିଥିଲେ।

### ଶେଷରେ ମାନିଲେ ସୂର୍ଯ୍ୟକୁମାର

## ଅନ୍ଧବିଶ୍ୱାସ ଯୋଗୁଁ ହୋଟେଲ ବଦଳାଇଥିଲୁ

**ମୁମ୍ବଇ,୧୨।୩(ଏଜେନ୍ସି):** ନିକଟରେ ଶେଷ ହୋଇଥିବା ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ହୋଇଥିବା ଭାରତ କିପରି ଅନ୍ଧବିଶ୍ୱାସର ଶିକାର ହୋଇ ହୋଟେଲ ବଦଳାଇଥିଲେ ତାହାକୁ ସ୍ୱୀକାର କରିଛନ୍ତି ଭାରତୀୟ କ୍ରିକେଟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ସାମ୍ବାଦିକଙ୍କ ସହ ଗୁରୁବାର ଅନୌପଚାରିକ ଆଲୋଚନା ବେଳେ ଟିମ୍ ଇଣ୍ଡିଆ ଅନ୍ଧବିଶ୍ୱାସ ଯୋଗୁଁ ହୋଟେଲ ବଦଳାଇଥିଲା ବୋଲି ସ୍ୱୀକାର କରିଛନ୍ତି। ତାଙ୍କ କହିବା କଥା ଅନୁଯାୟୀ ଆମେ ଇଂଲଣ୍ଡ ସହ ସେମିଫାଇନାଲ ଖେଳିବାକୁ ମୁମ୍ବଇ ଯିବାବେଳେ ଏ ପ୍ରସଙ୍ଗ କେହି ଜଣେ ବିମାନରେ ଉଠାଇଥିଲେ। ଯାହା ଫଳରେ



ସଙ୍ଗେ ସଙ୍ଗେ ବିସିସିଆଇ ସହାୟତାରେ ଭାରତର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ବୁକ୍ ହୋଇଥିବା ହୋଟେଲଙ୍କୁ ଛାଡ଼ି ଅନ୍ୟ ହୋଟେଲ ବୁକ୍ କରାଯାଇଥିଲା। ସଂଘର୍ଷମୂଳକ ସେମିଫାଇନାଲରେ ଇଂଲଣ୍ଡକୁ ଭାରତ ହରାଇବା ପରେ ଏକଥା ସ୍ପଷ୍ଟ ହୋଇଯାଇଥିଲା। ସେହିପରି ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ ପୂର୍ବରୁ ମଧ୍ୟ ଭାରତ ରହୁଥିବା ହୋଟେଲରେ ନ ରହି ଅନ୍ୟ ଏକ ହୋଟଲରେ ରହିଥିଲେ। ଏପରିକି ଖେଳାଳିଙ୍କ ଡ୍ରେସିଂରୁମ୍‌ରେ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ଭାରତ ଚାମ୍ପିଅନ ହେବା ପରେ ଏହି ଅନ୍ଧବିଶ୍ୱାସ ଦୃଢ଼ ହୋଇଛି। ଆଧୁନିକ ଯୁଗରେ ଏହାକୁ କେହି ମାନୁ ନ ଥିଲେ ମଧ୍ୟ ଭାରତରେ ଖେଳୁଥିବା ବେଳେ ଦଳ ଏକ ନିର୍ଦ୍ଦିଷ୍ଟ ହୋଟେଲରେ ରହିଥାଏ। କିନ୍ତୁ ଟି-୨୦ ବିଶ୍ୱକପ୍ ଲାଗି ଦଳକୁ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଥିଲା।

## ସମର୍ଥନମ୍ କପ୍: ଓଡ଼ିଶା ୨-୧ରେ ସିରିଜ୍ ଜିତିଲା

**ଭୁବନେଶ୍ୱର,୧୨।୩(ସମିସ):** ବେଙ୍ଗାଲୁରୁଠାରେ ଓଡ଼ିଶା ଓ କର୍ଣ୍ଣାଟକ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦୃଷ୍ଟିବାଧିତ କ୍ରିକେଟ ସିରିଜ୍ ଆଜି ଶେଷ ହୋଇଛି। ଆଜିର ମୁକାବିଲାରେ ଓଡ଼ିଶାକୁ ୮ ୱିକେଟରେ ପରାସ୍ତ କରି ଶାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ଓଡ଼ିଶା ଶେଷ ମ୍ୟାଚ୍‌ରେ ପରାଜିତ ହେବା ସତ୍ତ୍ୱେ ୨-୧ ବ୍ୟବଧାନରେ ସିରିଜ୍ କବ୍‌ଜା କରିଛି। ଏହା ସହିତ ବି-୧, ବି-୨, ବି-୩'ରେ ଓଡ଼ିଶାର ଦେବରାଜ ବେହେରା, ପଙ୍କଜ ଓ ଲିଙ୍ଗରାଜ ରାଉତରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। କର୍ଣ୍ଣାଟକ ପକ୍ଷରୁ ୧୪୬ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ



ଖେଳିଥିବା ରବି ବାନ୍ଦିୱାଦରଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆଜିର ମ୍ୟାଚ୍‌ରେ ରାମଦାସ ମୁର୍ମୁ ୮୭, ସୁଖରାମ ମାଝୀ ୫୯, ଲାଲପ୍ରସାଦ ୫୩ ଓ ଦେବରାଜ ବେହେରା ୪୮ ରନ୍ କରିଥିଲେ। ଏହା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୯ ୱିକେଟରେ ୩୭୭ ରନ୍ କରିଥିଲା। ଜବାବରେ ରବିଙ୍କ ୧୪୬ ଓ ସୁନୀଲ ରମେଶଙ୍କ ୭୯ ରନ୍ ସହାୟତାରେ କର୍ଣ୍ଣାଟକ ମାତ୍ର ୩୭.୧ ଓଭରରେ ୮ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଓଡ଼ିଶାର ରଘୁରାମ ନାଏକ ୨ଟି, ଲିଙ୍ଗରାଜ, ଦେବରାଜ, ଧନପତି ଗୌଡ଼ ଓ କାଳିଆ ପ୍ରଧାନ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

■ ଜାତୀୟ ସିନିଅର ଥ୍ରୋ ବଲ୍

## ଅର୍ଥ ଅଭାବରୁ ଭାଗ ନେଇପାରିଲେନି ଓଡ଼ିଶା ମହିଳା

**ଭୁବନେଶ୍ୱର, ୧୨।୩ (ସମିସ):** ଆନ୍ଧ୍ର ପ୍ରଦେଶର ତିରୁପତିଠାରେ ଶୁକ୍ରବାରଠାରୁ ଜାତୀୟ ସିନିଅର ଥ୍ରୋ ବଲ୍ ଚାମ୍ପିଅନସିପ୍‌ର ୩୪ତମ ସଂସ୍କରଣ ଆରମ୍ଭ ହେବ। ଏଥିରେ ଭାଗନେବାକୁ ୧୪ ଜଣିଆ ଓଡ଼ିଶା ପୁରୁଷ ଦଳ ବୁଧବାର ଆନ୍ଧ୍ରପ୍ରଦେଶ ଯାତ୍ରା କରିଛି। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ରାଜେଶ ସାହୁ, ସୁଶାନ୍ତ ଦାସ, ଓମ ପ୍ରକାଶ ମହାପାତ୍ର, ଶୁଭମ ଦାସ, ଜୋଏଲ ପ୍ରଧାନ, ପ୍ରିନ୍ସ ଦାସ, ପ୍ରୀତମ ପଟ୍ଟନାୟକ, ଲିଟନ ସାହୁ, ମନୋଜ ସିଂ, ଓମକାର ବାରିକି, ଦୀପକ ବେହେରା, ଲିପୁର କୁମାର ସେଠୀ, ସେକ୍ ଇମ୍ରାନ, ଆଦସ୍ୟ ବିଶ୍ୱାଳ। ତେବେ ଅର୍ଥ ଅଭାବ ହେତୁ ଓଡ଼ିଶା ମହିଳା ଦଳ ଯୋଗଦେଇପାରୁନାହିଁ। ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ଓଡ଼ିଶା ଥ୍ରୋ ବଲ୍ ସଂଘର ସମ୍ପାଦକ ଜିତେନ୍ଦ୍ର ନାଥ ଦାସ କ୍ଷୋଭର ସହ କହିଛନ୍ତି।

## ସମସ୍ତ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ଖେଳାଳି ଭାରତ ଛାଡ଼ିଲେ

**ଦୁବାଇ,୧୨।୩(ଏଜେନ୍ସି):** ମଧ୍ୟ ପ୍ରାଚ୍ୟରେ ଲାଗିଥିବା ବିବାଦ ଯୋଗୁଁ ଭାରତରେ ଅଟକି ରହିଥିବା ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକାର ସମସ୍ତ କ୍ରିକେଟର୍ ଓ ସପୋର୍ଟ ଷ୍ଟାଫ୍ ଆଜି ସ୍ୱଦେଶ ଅଭିମୁଖେ ଯାତ୍ରା କରିଛନ୍ତି। ଆଉ କୌଣସି ଦେଶରେ ଖେଳାଳି ଭାରତରେ ନାହାନ୍ତି। ଟି-୨୦ ବିଶ୍ୱକପ୍ ସୁପର ଏଇଟ୍‌ସରୁ ବାଦ୍ ପଡ଼ିବା ପରେ ୱେଷ୍ଟଇଣ୍ଡିଜ୍‌ର ଖେଳାଳିମାନେ ସବୁଠାରୁ ବେଶି ସମୟ ବା ମାର୍ଚ୍ଚ ୧ରୁ ଅଟକି ରହିଥିଲେ। ମାର୍ଚ୍ଚ ୪ରେ ନ୍ୟୁଜିଲାଣ୍ଡ ସହ ଖେଳାଯାଇଥିବା ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ହାରିଯିବା ପରେ ଭାରତରେ ଅଟକି ରହିଥିଲେ। କିନ୍ତୁ ବିମାନ ଯାତ୍ରା ଲାଗି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍‌ଜିଟ୍ ହବ୍ ଭାବେ ପରିଚିତ ଦୁବାଇରେ ବିବାନସେବା ବନ୍ଦ ରହିବା ଯୋଗୁଁ ଏଭଳି ପରିସ୍ଥିତି ଘଟିଥିଲା। ଖେଳାଳିମାନଙ୍କ ଲାଗି ଚାର୍ଟର ଫ୍ଲାଇଟ୍ ଯୋଗାଡ଼ କରିବାରେ ଆଇସିସି ଓ ବିସିସିଆଇ ବିଫଳ ହୋଇଥିଲେ। ଯିଏ ବି ଯିବାକୁ ରାଜି ହୋଇଥିଲେ, ସେମାନଙ୍କୁ କେଉଠଁ ଟାଇମ୍ ମିଳି ନ ଥିଲା ତ ଆଉ କାହାକୁ ଅନୁମତି ମିଳି ନ ଥିଲା। ଦୀର୍ଘ ଦିନ ଧରି ଚେଷ୍ଟା କରିବା ପରେ ଆଜି ବଳକା ଖେଳାଳି ଓ ଷ୍ଟାଫ୍‌ଙ୍କୁ ସେମାନଙ୍କ ଦେଶକୁ ବାଣିଜ୍ୟିକ ଫ୍ଲାଇଟ୍‌ରେ ସ୍ୱଦେଶ ପଠାଯାଇଛି ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଆଜି ୱେଷ୍ଟଇଣ୍ଡିଜର ୧୬ଜଣ ଏବଂ ଦକ୍ଷିଣ ଆଫ୍ରିକାର ୨୯ଜଣ ଖେଳାଳି ଓ ଷ୍ଟାଫ୍ ସ୍ୱଦେଶ ଫେରିଛନ୍ତି। ଆଇସିସିର କହିବା ଅନୁଯାୟୀ ଖେଳାଳିମାନଙ୍କର ସୁରକ୍ଷା ଆମ ଲାଗି ଏକମାତ୍ର ଲକ୍ଷ୍ୟ ରହିଥିଲା। ଏମାନଙ୍କ ଯାତ୍ରା ଲାଗି ବାରମ୍ବାର ଆଡଜଷ୍ଟମେଣ୍ଟ ଅନ୍ତର୍ଜାତୀୟ ପରିସ୍ଥିତିକୁ ଆଖି ଆଗରେ ରଖି କରାଯାଇଥିଲା। ଆଇସିସି ଅପରେସନ ଓ ଲଜିଷ୍ଟିକ୍‌ସ ଟିମ୍ ଅବିଶ୍ରାନ୍ତ ଭାବେ ସରକାର, ବିମାନସେବା ଯୋଗାଉଥିବା ସଂସ୍ଥା, ଏୟାରପୋର୍ଟର କର୍ମକର୍ତ୍ତା, ଚାର୍ଟର ବିମାନ ଯୋଗାଣକାରୀ ସଂସ୍ଥା ଓ ବିଭିନ୍ନ ଦେଶର କ୍ରିକେଟ ବୋର୍ଡ ସଦସ୍ୟମାନଙ୍କ ସହ ସମ୍ପର୍କ ରକ୍ଷା କରି ଖେଳାଳିମାନଙ୍କୁ ସେମାନଙ୍କ ଦେଶକୁ ପଠାଯାଇଥିଲା। ଭାରତରେ ଖେଳାଳିମାନଙ୍କ ରହିବା ଘଟଣାକୁ ନେଇ ଚାରିଆଡୁ ସମାଲୋଚନା କରାଯାଇଥିଲା। ଖେଳାଳି ଓ ସପୋର୍ଟ ଷ୍ଟାଫ୍ ମଧ୍ୟ ଆଇସିସିକୁ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଏବେ ସେ ସବୁର ପରିସମାପ୍ତି ଘଟିଛି।

## ଜାତୀୟ ପତାକାକୁ ଅସମ୍ମାନ କରି ଅଡୁଆରେ ହାର୍ଦ୍ଦିକ ପାଣ୍ଡ୍ୟା

**ପୁଣେ, ୧୨।୩ (ଏଜେନ୍ସି):** ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ଦଳର ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇଛି। ଗତ ରବିବାର ଅହମ୍ମଦାବାଦରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୯୬ ରନରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଭାରତୀୟ ଦଳର ବିଜୟ ଉତ୍ସବରେ ପାଣ୍ଡ୍ୟା ଏତେ ମାତ୍ରାରେ



ନିମଗ୍ନ ହୋଇଯାଇଥିଲେ ଯେ ଜାତୀୟ ପତାକାକୁ ପିଠିରେ ପକାଇ ବାନ୍ଧବୀ ମାହିକା ଶର୍ମାଙ୍କ ସହ ପଡ଼ିଆରେ ନାଚିବାରେ ଲାଗିଯାଇଥିଲେ। ଏପରିକି ତ୍ରିରଙ୍ଗାକୁ ପିଠିରେ ଗୁଡ଼ାଇ ମାହିକାଙ୍କ ସହ ଷ୍ଟେଜ ଉପରେ ଶୋଇ ପଡ଼ିଥିବାର ଦେଖିବାକୁ ମିଳିଥିଲା। ସେହିଭଳି ମାହିକା ମଧ୍ୟ ହାର୍ଦ୍ଦିକଙ୍କୁ ଚୁମ୍ବନ ଦେଇଥିଲେ। ଏହି ଘଟଣାରେ ଜାତୀୟ ପତାକାକୁ ଅପମାନିତ କରିବା ଅଭିଯୋଗରେ ପୁଣେର ଜଣେ ଓକିଲ ପାଣ୍ଡ୍ୟାଙ୍କ ନାମରେ ମାମଲା ରୁଜୁ କରିଛନ୍ତି। ୱାଜିଦ ଖାନ ନାମକ ଏହି ଓକିଲ ଜଣଙ୍କ ପୁଣେର ଶିବାଜୀ ନଗର ପୁଲିସ ଷ୍ଟେସନରେ ଏଫଆଇଆର୍ ରୁଜୁ କରିଛନ୍ତି। ଜାତୀୟ ପତାକା ସହ ପାଣ୍ଡ୍ୟା ଯେଉଁଭଳି ବ୍ୟବହାର କଲେ ତାହା ଜାତୀୟ ପତାକାର ମର୍ଯ୍ୟାଦାକୁ ଉଲ୍ଲଂଘନ କରୁଛି। ୧୯୭୧ ଜାତୀୟ ପତାକା ଆଇନର ଧାରା-୨ ଅନୁଯାୟୀ ପାଣ୍ଡ୍ୟା ଅସମ୍ମାନ କରିଛନ୍ତି ବୋଲି ୱାଜିଦ କହିଛନ୍ତି। ଏବେ ପାଣ୍ଡ୍ୟାଙ୍କ ଉପରେ କେଉଁଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହାକୁ କ୍ରୀଡ଼ାପ୍ରେମୀ ଚାହିଁ ରହିଛନ୍ତି।

## ପାକିସ୍ତାନ ଖେଳାଳିଙ୍କୁ କିଣି ବିବାଦରେ ସନ୍‌ରାଇଜର୍ସ ଫ୍ରାଞ୍ଚାଇଜ୍

**ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି):** ଇଂଲଣ୍ଡରେ ଅନୁଷ୍ଠିତ ୧୦୦ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ 'ଦି ହଣ୍ଡ୍ରେଡ୍' ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇପିଏଲ୍ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦରାବାଦର ଏକ ଦଳ ରହିଛି। ଯାହାର ନାମ 'ସନରାଇଜର୍ସ ଲିଡ୍ସ' ରଖାଯାଇଛି। ନିଲାମୀରେ ସନରାଇଜର୍ସ ଲିଡ୍ସ ଦଳ ପାକିସ୍ତାନ ସ୍ପିନର ଆବ୍ରାର ଅହମ୍ମଦଙ୍କୁ ଏକ ଲକ୍ଷ ୯୦ ହଜାର ପାଉଣ୍ଡ (ପ୍ରାୟ ୨.୩୫ କୋଟି ଟଙ୍କା) ରେ କ୍ରୟ କରିଛି। ପାକିସ୍ତାନ କ୍ରିକେଟର୍‌ଙ୍କୁ କ୍ରୟ କରି ସନରାଇଜର୍ସ ଫ୍ରାଞ୍ଚାଇଜର ମାଲିକ କାବ୍ୟା ମାରନ ଏବେ ବିବାଦ ଘେରରେ ଫସିଯାଇଛନ୍ତି। କାହିଁକି ନା ଆବ୍ରାର ଗତ ଅପରେସନ ସିନ୍ଦୁର ସମୟରେ ଭାରତୀୟ ସେନାକୁ ନେଇ ମଜାକ ଉଡ଼ାଇଥିଲେ। ଭାରତୀୟ ବାୟୁସେନାର ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଦ୍ଧମାନଙ୍କୁ ପାକିସ୍ତାନୀ ସେନା ବନ୍ଦୀ କରିବାକୁ ନେଇ ମଜା କରିଥିଲେ। 'ଦି ହଣ୍ଡ୍ରେଡ୍' ଖେଳାଳି ନିଲାମୀରେ ପ୍ରଥମେ କୁହାଯାଇଥିଲା କି ଆଇପିଏଲ୍ ସହ ଜଡ଼ିତ ଫ୍ରାଞ୍ଚାଇଜ ପାକିସ୍ତାନ କ୍ରିକେଟରଙ୍କୁ କ୍ରୟ କରିବେ ନାହିଁ। କିନ୍ତୁ ନିଲାମୀ ସମୟରେ ସେପରି କିଛି ହୋଇ ନ ଥିଲା। ସନରାଇଜର୍ସ ଫ୍ରାଞ୍ଚାଇଜ ଆବ୍ରାରଙ୍କୁ କ୍ରୟ କରିବା ପରେ ଏବେ ସାମାଜିକ ଗଣମାଧ୍ୟମରେ ଏହାର ମାଲିକ କାବ୍ୟା ମାରନଙ୍କୁ ଖୁବ୍ ସମାଲୋଚନା କରାଯାଉଛି।

### ଦି ହଣ୍ଡ୍ରେଡ୍

## ୬୧ ଲକ୍ଷରେ ବିକ୍ରି ହେଲେ ମନ୍ଧାନା, ରିଚା

**ଲଣ୍ଡନ, ୧୨।୩ (ଏଜେନ୍ସି):** ପ୍ରଥମଥର ଲାଗି ଦିନିକିଆ ବିଶ୍ୱକପ୍ ଜିତିବା ପରେ ଭାରତୀୟ ମହିଳା କ୍ରିକେଟର୍‌ଙ୍କ ଚାହିଦା ସାରା ବିଶ୍ୱରେ ବଢ଼ିବାରେ ଲାଗିଛି। ଯାହାର ଜ୍ୱଳନ୍ତ ଉଦାହରଣ ଇଂଲଣ୍ଡରେ ହେବାକୁ ଥିବା ମହିଳା ୧୦୦ ବଲ୍ ଟୁର୍ଣ୍ଣାମେଣ୍ଟ ଲିଗ୍ 'ଦି ହଣ୍ଡ୍ରେଡ୍' ଖେଳାଳି ନିଲାମୀରେ ଦେଖିବାକୁ ମିଳିଛି। ଗତକାଲି ଲଣ୍ଡନରେ ଅନୁଷ୍ଠିତ 'ଦି ହଣ୍ଡ୍ରେଡ୍'ର ଖେଳାଳି ନିଲାମୀରେ ମନ୍ଧାନାଙ୍କୁ ୫୦ ହଜାର ପାଉଣ୍ଡ (ଭାରତୀୟ ମୁଦ୍ରାରେ ପ୍ରାୟ ୬୧ ଲକ୍ଷ)ରେ ମାଞ୍ଚେଷ୍ଟର ସୁପର୍ ଜାଏଣ୍ଟ୍ସ ଫ୍ରାଞ୍ଚାଇଜ କ୍ରୟ କରିଛି। ସେହିଭଳି ବରିଷ୍ଠ ଅଲରାଉଣ୍ଡର ଦୀପ୍ତି ଶର୍ମା ଓ ୱିକେଟ୍‌କିପର ରିଚା ଘୋଷ ମଧ୍ୟ ନିଲାମୀରେ କ୍ରୟ ହୋଇଛନ୍ତି। ଦୀପ୍ତିଙ୍କୁ ସନରାଇଜର୍ସ ଲିଡ୍ସ ଫ୍ରାଞ୍ଚାଇଜ ୨୭,୫୦୦ ପାଉଣ୍ଡ (୩୪ ଲକ୍ଷ ଟଙ୍କା)ରେ ଦଳରେ ସାମିଲ କରିଛି। ସେହିଭଳି ମାଞ୍ଚେଷ୍ଟର ଦ୍ୱିତୀୟ ଭାରତୀୟ ଭାବେ ରିଚାଙ୍କୁ ୫୦ ହଜାର ପାଉଣ୍ଡରେ ଦଳରେ ନେଇଛି।



ତେବେ ଅନ୍ୟତମ ଭାରତୀୟ ଶେଫାଳି ବର୍ମା, ରାଧା ଯାଦବ ଓ ଶ୍ରୀଚରଣ ଅନସୋଲ୍ଡ ଅର୍ଥାତ୍ ଏମାନଙ୍କୁ କୌଣସି ଫ୍ରାଞ୍ଚାଇଜ କ୍ରୟ କରି ନ ଥିଲେ। ଅପରପକ୍ଷରେ ଏହି ନିଲାମୀରେ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ ଓ ଅଷ୍ଟ୍ରେଲିଆର ବେଥ୍ ମୁନୀ ସବୁଠୁ ମହଙ୍ଗା ଖେଳାଳି ରହିଛନ୍ତି। ଉଭୟ ୨.୧ ଲକ୍ଷ ପାଉଣ୍ଡ (୨.୫୯ କୋଟି)ରେ ବିକ୍ରି ହୋଇଥିଲେ। ୱେଲ୍ସ ଫାୟାର ଦଳ ଡିଭାଇନଙ୍କୁ ଏବଂ ଟ୍ରେଣ୍ଟ ରକେଟ୍ସ ଫ୍ରାଞ୍ଚାଇଜ ବେଥ୍ ମୁନୀଙ୍କ ସହ ଚୁକ୍ତି କରିଛି।

### ଜାତୀୟ ରଗ୍‌ବୀ ଚାମ୍ପିଅନସିପ୍

## ଓଡ଼ିଶା ଆର୍‌ସି ରନର୍ସଅପ୍

**ଭୁବନେଶ୍ୱର, ୧୨।୩ (ସମିସ):** ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ରଗବୀ ୧୫ଏସ୍ ଚାମ୍ପିଅନସିପ୍‌ର ମହିଳା ବିଭାଗରେ ଓଡ଼ିଶା ଏଥର ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛି। ଗୁରୁବାର ରୋମାଞ୍ଚକର ଫାଇନାଲରେ କୋଲକାତା ଦଳ ଫ୍ୟୁଚର ହୋପ୍ ହର୍ଲେକୁଇନ୍ସ ୧୨-୧୦ ପଏଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ରଗ୍‌ବୀ କ୍ଲବ (ଆର୍‌ସି)କୁ ପରାସ୍ତ କରି ଟାଇଟଲ୍ ଜିତିଛି। ଓଡ଼ିଶା ପକ୍ଷରୁ ଆରତୀ ମୁର୍ମୁ ଓ ସୋନି ମନ୍ଦାଙ୍ଗି ସ୍କୋର କରିଥିଲେ। ସେହିଭଳି କୋଲକାତା ପକ୍ଷରୁ ସାଦିକା ଖାତୁନ ଓ ଲାଚମି ଓରାଓନ ସ୍କୋର କରି ମ୍ୟାଚକୁ ବରାବରସ୍ଥିତିରେ ରଖିଥିଲେ। କିନ୍ତୁ ଅନ୍ତିମ ମିନିଟରେ ଅନିଶା ଓରାଓନ ଲାଇନ



କ୍ରସ କରି ଫ୍ୟୁଚର ହୋପ୍ ପାଇଁ ବିଜୟସୂଚକ ପଏଣ୍ଟ ଆଣିଥିଲେ। ମହିଳା ବିଭାଗରେ କଲକାତା କ୍ରିକେଟ୍ ଆଣ୍ଡ ଫୁଟବଲ୍ କ୍ଲବ (ସିସି ଆଣ୍ଡ ଏଫ୍‌ସି) ୩ୟ ସ୍ଥାନ ହାସଲ କରିଥିଲା। ଚାମ୍ପିଅନ ଫ୍ୟୁଚର ହୋପ୍ ଦଳ ଟ୍ରଫି ସହ ୫ ଲକ୍ଷ ଟଙ୍କା ପୁରସ୍କାର ପାଇଥିଲା। ସେହିଭଳି ଓଡ଼ିଶା ଆରସି ଦଳକୁ ୩ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଯେଦ୍ଦୁଲା ବିଜୟ, ସୁଧାଂଶୁ ଶେଖର ଖୋରା, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଓଏସ୍‌ଡି ସୋନାଲି ଶୁଭଦର୍ଶିନୀ, ଆଶିଷ କୁମାର ରାଉତ, ରାଜ୍ୟ ରଗ୍‌ବୀ ସଂଘର ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶୁକ୍ରବାର ପୁରୁଷ ବିଭାଗ ଫାଇନାଲ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS